R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୪
ତିଥି : ଦ୍ୱାଦଶୀ
୦୬ ନଭେମ୍ବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
06 November 2026, Friday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

କ୍ଷେତ୍ର ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରୀୟ ଟିମ୍

ଅର୍ଣ୍ଣବ କ୍ଷୟକ୍ଷତି ସହାୟତା ୨୫୨୬ କୋଟି ଦାବି



ଭୁବନେଶ୍ୱର, ୫ ।୧୧ (ସବୁ୍ୟ) : ବାତ୍ୟା ଅର୍ଣ୍ଣବର ପରବର୍ତ୍ତୀ ବନ୍ୟା ଯୋଗୁ ରାଜ୍ୟରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିକୁ ଆକଳନ କରିବା ପାଇଁ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି ।

◥ ସମ୍ପୂର୍ଣ୍ଣ ଆକଳନକୁ ଆହୁରି ୮ ଦିନ ଲାଗିବ

◥ ସ୍ଥାୟୀ ପ୍ରତିକାର ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରାରମ୍ଭିକ କ୍ଷୟକ୍ଷତି ଭରଣା ନିମନ୍ତେ ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍ ନିକଟରେ ୨୫୨୬ କୋଟି ଟଙ୍କାର ଆର୍ଥିକ ସହାୟତା ଦାବି କରିଛନ୍ତି । ଏହାସହିତ ବାରମ୍ବାର ବିପର୍ଯ୍ୟୟର ଶିକାର ହେଉଥିବା ଓଡ଼ିଶାରେ ଦୃଢ଼ ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ ଆଉ ୧୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ନିଜର ଦାବି ଉପସ୍ଥାପନ କରିଛି ।

କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଆକଳନ କରିଛନ୍ତି । ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ବନ୍ୟା, ବାତ୍ୟା ଓ ଗ୍ରୀଷ୍ମ ପ୍ରବାହ ପରି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଆସୁଛି । ଏହାଦ୍ୱାରା ରାଜ୍ୟର ବିକାଶ କାମ ବାଧାପ୍ରାପ୍ତ ହେଉଛି । ତେଣୁ, କେନ୍ଦ୍ରୀୟ ଟିମ୍ ତାଙ୍କ ରିପୋର୍ଟରେ ତତ୍କାଳ ରିଲିଫ ଓ ପୁନନିର୍ମାଣ ପାଇଁ ସହାୟତା ସହିତ ଏହାର ସ୍ଥାୟୀ ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।

ଏହା ପୂର୍ବରୁ ଓଡ଼ିଶା (୯ ପୃଷ୍ଠାରେ)

ଆନ୍ଧ୍ର ପଞ୍ଚାୟତ ନିର୍ବାଚନ

କୋରାପୁଟ/ବୋରିଗୁମ୍ମା, ୫ ।୧୧ (ସବୁ୍ୟ): କୋରାପୁଟ ଜିଲ୍ଲା ପଟାଙ୍ଗୀ ସୀମାନ୍ତ ଅଞ୍ଚଳ କୋଟିଆକୁ ନେଇ ଉତ୍ତେଜନା ଲାଗିରହିଥିବା ବେଳେ ଗୁରୁବାର ବିବାଦ ମଧ୍ୟରେ ହୋଇଛି

କୋଟିଆକୁ ଜଗିଛନ୍ତି ସର୍ବଦଳୀୟ ନେତା, ପ୍ରଶାସନ

ଓଡ଼ିଶା ସୀମାନ୍ତରେ ୩ ମତଦାନ କେନ୍ଦ୍ର

ଆନ୍ଧ୍ରପ୍ରଦେଶର ପଂଚାୟତ ନିର୍ବାଚନ। ଆନ୍ଧ୍ର ସରକାର ଓଡ଼ିଶାର କୋଟିଆ ପଞ୍ଚାୟତ ଅଧିନ ନେରିଡିବାଲାସା ଓ ଉପରସେମ୍ବାରେ ପଞ୍ଚାୟତ ନିର୍ବାଚନ ନିମନ୍ତେ ବୁଧବାର ବୁଥ ନିର୍ମାଣ କରୁଥିବା

ସୀମାନ୍ତ ଡେଇଁ ଭୋଟ୍ ଦେଲେ ୧୧୫୩ ଓଡ଼ିଶା ଭୋଟର



ବେଳେ ଜିଲ୍ଲା ପ୍ରଶାସନ ତୀବ୍ର ବିରୋଧ କରିଥିଲେ ।ଯାହା ଫଳରେ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତରେ ବୁଥ କରିପାରି ନ ଥିଲେ । ନେରେଡିବାଲାସା ଠାରୁ ମାତ୍ର ଡେଢ଼ କିଲୋମିଟର ଦୂର ଆନ୍ଧ୍ର ସୀମାନ୍ତ ସାରିକି ଗ୍ରାମରେ ବୁଥ ସ୍ଥାପନ କରିଥିଲେ । ହେଲେ ଓଡ଼ିଶାର କିଛି ଭୋଟର, ପ୍ରଶାସନ ଓ ସର୍ବଦଳୀୟ ନେତାଙ୍କ ନାକାବନ୍ଦୀ ସତ୍ତ୍ୱେ ସୀମାନ୍ତ ସଲଗ୍ନ ଆନ୍ଧ୍ର ବୁଥକୁ ଯାଇ ଭୋଟ୍ ଦେଇଛନ୍ତି । ୨୮୯୯ ଭୋଟରଙ୍କ ମଧ୍ୟରୁ ୧୧୫୩ ଜଣ ମତଦାନ କରିଥିବା ସୂଚନା ମିଳିଛି ।

କୋରାପୁଟ ଜିଲ୍ଲା ପ୍ରଶାସନ କୋଟିଆ ପଞ୍ଚାୟତର (୯ ପୃଷ୍ଠାରେ)

ଶିଶୁପାଳଗଡ ହତ୍ୟାକାଣ୍ଡ : ଅଭିଯୋଗକାରୀ ଅଭିଯୁକ୍ତ

ଭୁବନେଶ୍ୱର, ୫ ।୧୧ (ସବୁ୍ୟ) : ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡରେ ବୁଧବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ୮ ଜଣଙ୍କୁ ଗିରଫ କରିଛି । ସେହି ୮ ଜଣଙ୍କ ମଧ୍ୟରେ ଥିବା ଜଣେ ଅଭିଯୋଗକାରୀ ଅଭିଯୁକ୍ତ ବୋଲି ପୋଲିସ ସୂଚନା ଦେଇଛି ।

ଶିଶୁପାଳଗଡ ନବଜ୍ୟୋତି କଲେଜ ପଛ ପାଖରେ ଥିବା ମା'ଦକ୍ଷିଣ କାଳୀ କଷ୍ଟ୍ରକ୍ସନ କମ୍ପାନୀ ଅଫିସ୍ କ୍ୟାମ୍ପସ୍‌ରେ ବୁଧବାର ରାତିରେ ୮ଜଣ ଭୋଜି କରୁଥିଲେ । ସେହି ଭୋଜିକୁ ବାଲି, ଗୋଡି ସପ୍ଲାୟର ତପନ ଓରଫ ତପୁ ନାୟକ (୨୫)କୁ ମୁଖ୍ୟ ଅଭିଯୁକ୍ତ ଉମେଶ ଡାକିଥିଲା । ତପୁ ଘର କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ ଗୋଳଗଣ୍ଡ ଗ୍ରାମରେ ।ସେ ପରିବାର ସହ ଭରତପୁର ଥାନା ଅନ୍ତର୍ଗତ ତପବନ ସୀତାରାମ ବସ୍ତିରେ ରୁହେ । ଭୋଜିରେ ସମସ୍ତେ ମଦ ପିଇଥିଲେ । ମାଂସ ରୋଷେଇ ହୋଇଥିବା ବେଳେ (୯ ପୃଷ୍ଠାରେ)

ଅଟକ ରଖିବା ସମୟରୁ ଗିରଫ ଅବଧି ଆରମ୍ଭ ହେବ

ନୂଆଦିଲ୍ଲୀ, ୫ ।୧୧ : ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବାର ସାମ୍ବିଧାନିକ ସମୟସୀମା ପୋଲିସର ଆନୁଷ୍ଠାନିକ ଗିରଫ ସମୟରୁ ନୁହେଁ, ବରଂ ବ୍ୟକ୍ତିଙ୍କୁ ପ୍ରଥମେ ଅଟକ ରଖାଯାଇଥିବା ସମୟରୁ ଗଣନା କରାଯିବ। ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି।



ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଓ ଜଷ୍ଟିସ୍ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସମ୍ବିଧାନର ଧାରା ୨୨(୨) ର ବ୍ୟାଖ୍ୟା କରିବା ସମୟରେ 'ଗିରଫ' ଓ 'ଅଟକ' ମଧ୍ୟରେ କୃତ୍ରିମ ପାର୍ଥକ୍ୟ କରାଯାଇପାରିବ ନାହିଁ। ଆନୁଷ୍ଠାନିକ ଗିରଫ ପୂର୍ବରୁ ଅଟକ ଅବଧିକୁ ୨୪ ଘଣ୍ଟାର ହିସାବରୁ ବାଦ୍ ଦେବା ଦ୍ୱାରା ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି।

ଖଣ୍ଡପୀଠ କହିଛନ୍ତି, ଆନୁଷ୍ଠାନିକ ଗିରଫ ପରେ ହିଁ ୨୪ (୯ ପୃଷ୍ଠାରେ)

ଭୂସ୍ଖଳନ ଘଟଣା : ଆଉ ୫ ମୃତଦେହ ଉଦ୍ଧାର

ଭଞ୍ଜନଗର/ଫୁଲବାଣୀ, ୫ ।୧୧ (ସବୁ୍ୟ) : ସମଗ୍ର ଦେଶକୁ ଚହଲାଇ ଦେଇଥିବା, ଗଂଜାମ ବାଇବାଲି ପଞ୍ଚାୟତର ଗିଡିପାବାଲି ଭୂସ୍ଖଳନ ଘଟଣାରେ ୫ମ ଦିନର ଉଦ୍ଧାର କାର୍ଯ୍ୟରେ ୫ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି । ପୂର୍ବରୁ ୨ ଜଣଙ୍କ ମୃତଦେହକୁ ମିଶାଇ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ହୋଇଛି ।

ଭଂଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଦେଇଥିବା ସୂଚନା ପ୍ରକାରେ ଉଦ୍ଧାର ମୃତଦେହ ଗୁଡିକ ହେଲା, ଭୂମିକା ପ୍ରଧାନ (୨୭), ଅରୁଣ ପ୍ରଧାନ (୭), ଜୟଲକ୍ଷ୍ମୀ ପ୍ରଧାନ (୧ ବର୍ଷ), ବିଜୟଲକ୍ଷ୍ମୀ ପ୍ରଧାନ (୬) ଏବଂ ବିଜୟ ପ୍ରଧାନ (୨୫) । ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ୍, ଓଡିଆରଏଫ୍, ଏସ୍ଓଜି, ଅଗ୍ନିଶମ ବାହିନୀ ଏବଂ ଅନ୍ୟ ଉଦ୍ଧାରକାରୀ ଦଳ ସାମିଲ୍ ହୋଇଥିଲେ । ଗତ ୨୮ ତାରିଖରେ ଭୂସ୍ଖଳନ ହୋଇଥିଲା । ଏଥିରେ ଗାଁର ୨୫ ଜଣ (୯ ପୃଷ୍ଠାରେ)

27001/214/2627







ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ତୃତୀୟ ପର୍ଯ୍ୟାୟରେ ୬୩୦ଟି
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର
ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଓଡ଼ିଶା

ଡା. ଫକୀର ମୋହନ ନାଏକ
ଜିଲ୍ଲା ଯୋଜନା କମିଟି ଅଧକ୍ଷ ଏବଂ ବିଧାୟକ, ତେଲକୋଇ

ଶ୍ରୀ ଅନନ୍ତ ନାୟକ
ସାଂସଦ, କେନ୍ଦୁଝର

ଶ୍ରୀ ବଦ୍ରି ନାରାୟଣ ପାତ୍ର
ବିଧାୟକ, ଘଷିପୁରା

ଶ୍ରୀ ଅଖିଳ ଚନ୍ଦ୍ର ନାଏକ
ବିଧାୟକ, ପାଟଣା

ଶ୍ରୀ ଅଭିମନ୍ୟୁ ସେଠୀ
ବିଧାୟକ, ଆନନ୍ଦପୁର

ଅନ୍ୟ ୨୬ଟି ଜିଲ୍ଲାରେ ଉପସ୍ଥିତ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ, ସାଂସଦ ଓ ବିଧାୟକ ବୃନ ଦ

୬ ନଭେମ୍ବର ୨୦୨୬ । ପୂର୍ବାହ୍ନ ୧୧.୦୦ଘଟିକା । ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, କେନ୍ଦୁଝର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR: 27001/27068/2/26-27/0021

ଇତିହାସ


୧୭୬୩- ମୀରକାସିମ୍‌ଙ୍କୁ ହରାଇ ବ୍ରିଟିଶ ଫୌଜ ପଟନାକୁ ନିଜ ଅଧୀନକୁ ନେଲା ।
୧୮୧୩- ସ୍ପେନ୍ ଠାରୁ ସ୍ୱତନ୍ତ୍ରତା ହାସଲ କଲା ମେକ୍ସିକୋ ।
୧୯୬୦- ଆବ୍ରାହମ୍ ଲିଙ୍କନ୍ ଆମେରିକାର ୧୬ତମ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ ।
୧୯୦୩- ଆମେରିକା ପକ୍ଷରୁ ପାନାମାର ସ୍ୱାଧୀନତାକୁ ସ୍ୱୀକୃତି ମିଳିଲା ।
୧୯୪୩- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ତରଫରୁ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ହସ୍ତାନ୍ତର କରାଗଲା ।
୧୯୬୨- ରାଷ୍ଟ୍ରୀୟ ପ୍ରତିରକ୍ଷା ପରିଷଦର ସ୍ଥାପନା କରାଗଲା ।
୧୯୯୦- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।
୧୯୯୮- ସିଆଚିନ୍‌ରେ ଯୁଦ୍ଧବିରାମ ପାଇଁ ଭାରତର ପ୍ରସ୍ତାବକୁ ନାମଞ୍ଜୁର କଲା ପାକିସ୍ତାନ ।
୨୦୦୦- ଜ୍ୟୋତି ବସୁ କ୍ରମାଗତ ରୂପେ ୨୩ ବର୍ଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦକୁ ସମ୍ଭାଳିବା ପରେ ପଦବୀ ଛାଡ଼ିଲେ ।
୨୦୧୩- କ୍ରିକେଟର ସଚିନ ତେନ୍ଦୁଲକର ଏବଂ ବୈଜ୍ଞାନିକ ପ୍ରଫେସର ସିଏନ୍‌ଆର୍ ରାଓଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପ୍ରଦାନ ପାଇଁ ଘୋଷଣା କରାଗଲା ।

ଧନତେରସ



ପବିତ୍ର ପର୍ବ ଦୀପାବଳିର ଆଦ୍ୟ ପର୍ବ 'ଧନତେରସ' ସାରା ରାଜ୍ୟରେ ଅତ୍ୟନ୍ତ ଆନନ୍ଦ, ଉଲ୍ଲାସ ଓ ନିଷ୍ଠାର ସହିତ ପାଳନ କରାଯାଇଥାଏ । କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଆୟୁର୍ବେଦର ଜନକ ଧନ୍ୱନ୍ତରୀ, ସମୃଦ୍ଧିର ଦେବୀ ମହାଲକ୍ଷ୍ମୀ, ଧନର ଦେବତା କୁବେରଙ୍କର ପୂଜାରାଧନା କରାଯିବାର ପରମ୍ପରା ରହିଛି । ବିଶ୍ୱାସ ରହିଛି ଯେ, ସମୁଦ୍ର ମନ୍ଥନ ସମୟରେ ଏହି ଦିନ ଭଗବାନ୍ ଧନ୍ୱନ୍ତରୀ ହାତରେ ଅମୃତ କଳସ ଧରି ପ୍ରକଟ ହୋଇଥିଲେ, ଯାହା ଫଳରେ ଏହି ଦିନ ନୂତନ ସ୍ୱର୍ଣ୍ଣ, ରୂପା, ବାସନକୁସନ, ଯାନବାହନ, ଗୃହୋପକରଣ ଏବଂ ଝାଡୁ କିଣିବାକୁ ଅତ୍ୟନ୍ତ ଶୁଭ ଓ ସମୃଦ୍ଧିଦାୟକ ମନେକରାଯାଏ । ଏହି ଶୁଭ ଅବସରରେ ଘରର ମୁଖ୍ୟ ଦ୍ୱାରରେ ଆଲୋକମାଳା ସଜାଯାଇ କୁବେର ଓ ଲକ୍ଷ୍ମୀଙ୍କୁ ଆବାହନ କରାଯାଉଥିବା ବେଳେ, ଅକାଳ ମୃତ୍ୟୁରୁ ରକ୍ଷା ପାଇବା ପାଇଁ ଦକ୍ଷିଣ ଦିଗକୁ ମୁହଁ କରି 'ଜମଦୀପ' ପ୍ରଜ୍ୱଳନ କରାଯାଏ । ଧନତେରସର ଶୁଭ ମୁହୂର୍ତ୍ତରେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର, ଲକ୍ଷ୍ମୀ-ଗଣେଶଙ୍କ ମୂର୍ତ୍ତି ଏବଂ ନୂତନ ଜିନିଷ କ୍ରୟ କରିବା ପାଇଁ ପ୍ରଭାତରୁ ରାତି ପର୍ଯ୍ୟନ୍ତ ଗହଣା ଦୋକାନ, ବାସନ ମାର୍କେଟ୍, ଶୋ'ରୁମ୍ ଏବଂ ପୂଜା ବଜାରଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ ।

ସୋସିଆଲ କୋଟ୍ସ



ଅନୀତା ଓ ମୁଁ କେବଳ ଭଲ ସାଙ୍ଗ । ବର୍ତ୍ତମାନ କେବଳ କାମ ଉପରେ ଧ୍ୟାନ ଦେଉଛି । ଆଗ କ୍ୟାରିୟରକୁ ଖୁବ ଆଗକୁ ନେବାକୁ ଅଛି । ଗୁଜବକୁ ଧ୍ୟାନ ଦିଏ ନାହିଁ ।

ଆହାନ ପାଣ୍ଡେ, ଅଭିନେତା



ଫ୍ୟାମିଲି ମ୍ୟାନ ୩କୁ ଦର୍ଶକ ଖୁବ ଭଲ ପାଇବା ଦେଇଛନ୍ତି । ଏହା ଦେଖିଲେ ଲାଗେ ପରିଶ୍ରମ ସାର୍ଥକ ହେଲା । ସିରିଜ ପାଇଁ ପୂରା ଟିମ ଖୁବ ପରିଶ୍ରମ କରିଛି ।

କ୍ରିଷ୍ଣା ଡିକେ, ନିର୍ଦ୍ଦେଶକ



ଏହି ରୋଗ ସହିତ ଲଢିବାକୁ ଖୁବ ଅଧିକ ମାନସିକ ଶକ୍ତିର ଆବଶ୍ୟକ ରହିଛି । ମୋ ପରିବାରକୁ ଧନ୍ୟବାଦ ସବୁବେଳେ ମୋ ସହିତ ଅଛନ୍ତି । ଏହି ରୋଗ ମୋତେ ଅନେକ କିଛି ଶିକ୍ଷା ଦେଇଛି ।

ଦୀପିକା କକଡ, ଅଭିନେତ୍ରୀ

ଦାଢ଼ି ପାଇଁ ଗିନିଜ ରେକର୍ଡ଼



ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ୫୪ ବର୍ଷ ବୟସ୍କ ବ୍ୟକ୍ତି ମାଥ୍ୟୁ ନିଜର ଲମ୍ବା ଦାଢ଼ି ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ହାସଲ କରିଛନ୍ତି। ମାଥ୍ୟୁଙ୍କ ଏହି ଦାଢ଼ି ବେଣୀର ଲମ୍ବ ପ୍ରାୟ ୫ ଫୁଟ୍ ୩ ଇଞ୍ଚ ରହିଛି । ଗତ ୨୦ ବର୍ଷ ହେବ ସେ ନିଜ ଦାଢ଼ି କାଟି ନାହାନ୍ତି ଏବଂ ଏହାକୁ ସୁରକ୍ଷିତ ତଥା ନିୟନ୍ତ୍ରଣରେ ରଖିବା ପାଇଁ ଏବେ ତାଙ୍କୁ ଅଣ୍ଟାରେ ବେଣୀ ବାନ୍ଧିବାକୁ ପଡୁଛି । କିଛି ପିଲାମାନଙ୍କ ଅନୁରୋଧରେ ସେ ପ୍ରଥମେ ଦାଢ଼ିକୁ ବେଣୀ ପକାଇବା ଆରମ୍ଭ କରିଥିଲେ ଏବଂ ଏହି ଶୈଳୀ ପସନ୍ଦ ଆସିବାରୁ ସେ ଦାଢ଼ିକୁ ବଢ଼ାଇବା ଜାରି ରଖିଥିଲେ । ସମୟ ଗଡ଼ିବା ସାଙ୍ଗେ ସେମାନଙ୍କ କେଶ ଜଟ ପାଲଟି ପ୍ରାକୃତିକ ଭାବରେ ଏକ ବେଣୀ ରୂପ ନେଇଥିଲା, ଯାହା ପ୍ରତିବର୍ଷ ପ୍ରାୟ ୩ ରୁ ୪ ଇଞ୍ଚ ବଢ଼ିଥାଏ । ଏହାପୂର୍ବରୁ ଏହି ରେକର୍ଡ ଅନ୍ୟ ଜଣେ ଆମେରିକୀୟ ରୁଡଲ୍ଫ ମାର୍ଟିନୋଙ୍କ ନାମରେ ଥିଲା, ଯାହାଙ୍କ ଦାଢ଼ିର ଲମ୍ବ ୩ ଫୁଟ୍ ୬ ଇଞ୍ଚ ଥିଲା । ମାଥ୍ୟୁ ନିଜ ଦାଢ଼ିକୁ ପରିଷ୍କାର ରଖିବା ପାଇଁ ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରିଥାନ୍ତି କିନ୍ତୁ ଏହାକୁ କାଟନ୍ତି ନାହିଁ । ଦାଢ଼ି ବ୍ୟତୀତ ସେ କାର୍, କମ୍ପ୍ୟୁଟର, ଭିଡିଓ ଗେମ୍ ଏବଂ ଭାରୋତ୍ତୋଳନ ଭଳି କାର୍ଯ୍ୟରେ ମଧ୍ୟ ବେଶ୍ ଆଗ୍ରହ ରଖନ୍ତି ।

ସୁନାଗୁଣ୍ଡ ଥିବା ମିଠା



ଦୀପାବଳି ଆସିଲେ ବିଭିନ୍ନ ସହରରେ ସ୍ୱତନ୍ତ୍ର ଧରଣର ମିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ସେହିକ୍ରମରେ ଜୟପୁରର ଏକ ପ୍ରସିଦ୍ଧ ମିଠା ଦୋକାନରେ ପ୍ରସ୍ତୁତ ହୋଇଥିବା ଏକ ସ୍ୱତନ୍ତ୍ର ବିଲାସପୂର୍ଣ୍ଣ ମିଠା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । 'ଟ୍ୟୋହାର ଅଶରଫି' ନାମରେ ନାମିତ ଏହି ମିଠାର ମୂଲ୍ୟ କିଲୋପ୍ରତି ପ୍ରାୟ ୧.୨୫ ଲକ୍ଷ ଟଙ୍କା ରଖାଯାଇଛି । ପୁରାତନ କାଳର ସ୍ୱର୍ଣ୍ଣ ମୋହର (ଅଶରଫି) ଆକୃତିରେ ନିର୍ମିତ ଏହି ମିଠାର ମାତ୍ର ୯ ଗ୍ରାମ୍ ଓଜନର ଗୋଟିଏ ପିସର ଦାମ୍ ୧,୧୧୧ ଟଙ୍କା ରହିଛି । ଦୋକାନର ସଂସ୍ଥାପିକା ଅଞ୍ଜଳି ଜୈନଙ୍କ କହିବା ଅନୁଯାୟୀ, ୧,୧୧୧ ଟଙ୍କାକୁ ଏକ ଶୁଭ ସଂଖ୍ୟା ଭାବେ ଗ୍ରହଣ କରାଯାଉଥିବାରୁ ପ୍ରତ୍ୟେକ ପିସର ମୂଲ୍ୟ ଏହିପରି ନିର୍ଦ୍ଧାରଣ କରାଯାଇଛି । ଏହି ମିଠା ମଧ୍ୟରେ ବାଦାମ ସହ ଖାଦ୍ୟଯୋଗ୍ୟ ସୁନା ଗୁଣ୍ଡ ମିଶ୍ରିତ କରାଯାଇଥିବା ବେଳେ, ଏହାର ଉପରିଭାଗରେ ସୂକ୍ଷ୍ମ ସୁନା ପତ୍ର ଏବଂ ଉଚ୍ଚମାନର କେଶର ସଜାଯାଇଛି । ୯ଟି ପିସ୍ ବିଶିଷ୍ଟ ଗୋଟିଏ ବାକ୍ସର ମୂଲ୍ୟ ୯,୯୯୯ ଟଙ୍କା ରହିଥିବା ବେଳେ, ଓଜନ ହିସାବରେ ଏହାର ଦାମ୍ କିଲୋପ୍ରତି ପ୍ରାୟ ୧.୨୩ ରୁ ୧.୨୫ ଲକ୍ଷ ଟଙ୍କା ପଡୁଛି । ଏହା ସହିତ ଏହି ପ୍ରତିଷ୍ଠାନ ପକ୍ଷରୁ 'ଟ୍ୟୋହାର ନବରତ୍ନ' ଶ୍ରେଣୀରେ କାଜୁ କାଟଲିର ୯ଟି ଭିନ୍ନ ଭିନ୍ନ ସ୍ୱାଦ, ଯଥା : ପିସ୍ତା, କେଶର, ଗୋଲାପ, ଷ୍ଟ୍ରବେରୀ, ଆମ୍ବ, ମାଚା ଆଦି ବଜାରପ୍ରବେଶ କରାଯାଇଛି, ଯାହାକି ସମ୍ପୂର୍ଣ୍ଣ ପ୍ରାକୃତିକ ରଙ୍ଗ ଓ ସ୍ୱାଦରେ ପ୍ରସ୍ତୁତ ।

ପରିବା ହାଟରେ ଫ୍ୟାଶନ ଶୋ'



ମୁମ୍ବାଇର ଏକ ପରିବା ବଜାରରେ ଏକ ନିଆରା ଫ୍ୟାଶନ୍ ଶୋ' ଆୟୋଜିତ ହୋଇଛି, ଯାହା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ମୁମ୍ବାଇର ବସାଇ ପରିବା ବଜାରରେ 'ଭିଜନ ଭୋଗ ଫ୍ୟାଶନ୍ ୱିକ୍' ବ୍ୟାନର ଅଧୀନରେ ଏହି ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଫ୍ୟାଶନ୍ ଶୋ'ରେ ମଡେଲମାନେ ପରିବା ବଜାରର ଭିଡ଼ ଭରା ରାସ୍ତାରେ ମୂଳା, ଗାଜର ଏବଂ ଧନିଆପତ୍ର ଆଦି ହାତରେ ଧରି କ୍ୟାଟୱାକ୍ କରିଥିବା ଦେଖିବାକୁ ମିଳିଥିଲା । କେତେକ ମଡେଲ ପରିବାକୁ ନିଜ ପୋଷାକରେ ସାମିଲ କରିଥିବା ବେଳେ ଅନ୍ୟମାନେ ଏହାକୁ ଫ୍ୟାଶନ୍ ଆସେସୋରିଜ୍ ଭାବେ ବ୍ୟବହାର କରିଥିଲେ । ଏହି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ବଜାରର ଦୋକାନୀମାନେ ନିଜର ଦୈନନ୍ଦିନ ବ୍ୟାପାର ଏବଂ ଗ୍ରାହକମାନେ ପରିବା କିଣାକିଣି ଜାରି ରଖିଥିଲେ । ମୁମ୍ବାଇର ଫ୍ୟାଶନ୍ ମେଣ୍ଟର ତଥା ମଡେଲ ସାହିଲ ସିଂହ 'ଭୋଗ' ଫ୍ୟାଶନ୍ ଶୋ'ରୁ ପ୍ରେରଣା ପାଇ ଏହି ଅନନ୍ୟ ଧାରାକୁ ସୃଷ୍ଟି କରିଥିଲେ । ଏହି ୟୁନିକ ଇଭେଣ୍ଟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ, ଦର୍ଶକମାନେ ମଡେଲମାନଙ୍କ ଆତ୍ମବିଶ୍ୱାସକୁ ପ୍ରଶଂସା କରିଛନ୍ତି ।

ସାରାଙ୍କ ନାଁରେ ଅଭିଯୋଗ



ବଲିଉଡର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ସାରା ଅଲି ଖାଁ ଏବଂ ସୋସିଆଲ ମିଡିଆ ସେନ୍ସେସନ ଓରିଙ୍କ ଦୀର୍ଘ ୧୦ ବର୍ଷର ବନ୍ଧୁତାରେ ବ୍ରେକ ଲାଗିଛି । ନିକଟରେ ନେହା ଧୁପିଆ ଏବଂ ଅଙ୍ଗଦ ବେଦୀଙ୍କ ଲୋକପ୍ରିୟ ସୋ' 'ଡବଲ ଡେଟ୍'ରେ ଯୋଗଦେଇ ଓରି ସାରା ଏବଂ ତାଙ୍କ ମାଆ ଅମ୍ରିତା ସିଂହଙ୍କ ନାଁରେ ଅନେକ ଅଭିଯୋଗ କରିଛନ୍ତି । ଓରିଙ୍କ କହିବା ଅନୁଯାୟୀ, କଲେଜ ଦିନରୁ ସେ ଓ ସାରା ପରସ୍ପରର ଅତ୍ୟନ୍ତ ନିକଟତର ବନ୍ଧୁ ଥିଲେ । ପୂର୍ବରୁ ଯେତେବେଳେ ସାରା ଗୋଆର ଏକ ସଙ୍ଗୀନ ଆଇନଗତ ମାମଲାରେ ଫସିଯାଇଥିଲେ ସେତେବେଳେ ଅନେକ ଲୋକ ମନା କରିବା ସତ୍ତ୍ୱେ ଓରି ତାଙ୍କୁ ସାହାଯ୍ୟ କରିଥିଲେ । ପୁରା ପରିବାର ସହିତ ଓରି ସବୁବେଳେ ଠିଆ ହୋଇଛନ୍ତି ହେଲେ ୨୦୨୧ ମସିହାରେ ଓରିଙ୍କ ସହ ସେମାନେ କେହି ବି ଠିଆ ହୋଇନଥିବା ସେ କହିଛନ୍ତି । ଏପରିକି ଏହି ସମୟରେ ସାରାଙ୍କ ମାଆ ତଥା ବରିଷ୍ଠ ଅଭିନେତ୍ରୀ ଅମ୍ରିତା ସିଂହ ତାଙ୍କୁ ଦୁର୍ବ୍ୟବହାର କରିବା ସହ ପ୍ରଚୁର ଗାଳିଗୁଲଜ ଓ ଅପମାନିତ କରିଥିଲେବୋଲି ଓରି କହିଛନ୍ତି । ଏହି ସମସ୍ତ ଘଟଣା ତାଙ୍କୁ ମାନସିକ ସ୍ତରରେ ଗଭୀର ଆଘାତ ଦେଇଥିଲା । ନିଜର ଦୁଃସମୟରେ ନିଜର ପ୍ରିୟ ସାଙ୍ଗଙ୍କ ଠାରୁ ସେ କୌଣସି ସହାନୁଭୂତି ପାଇନଥିଲେ । ଏହାପରେ ଓରି ନିଜ ଆଡୁ ଏହି ୧୦ ବର୍ଷର ବନ୍ଧୁତାକୁ ସମାପ୍ତ କରିଥିବା ନେଇ ମତ ଦେଇଛନ୍ତି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବାବେଳେ ସାରାଙ୍କ ପାଖରୁ ଏନେଇ କୌଣସି ମତ ମିଳିପାରିନାହିଁ ।

ଶୁଆ ଖୋଜିବାକୁ ୧ଲକ୍ଷ ପୁରସ୍କାର



ଗୁଜରାଟର ଭଦୋଦରା ସହରରେ ଏକ ନିଖୋଜ ଶୁଆକୁ ଖୋଜିବା ପାଇଁ ପରିବାର ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି । ଯାହା ଏବେ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ଚାରି ଦିନ ହେବ ଏହି ଆଫ୍ରିକୀୟ ଗ୍ରେ ସ୍ପେସିଜ୍‌ର ଶୁଆଟି ନିଖୋଜ ଥିବା ବେଳେ ପରିବାର ଲୋକେ ଆଖପାଖ ଅଞ୍ଚଳରେ ତାକୁ ନିରନ୍ତର ଖୋଜାଖୋଜି କରୁଛନ୍ତି । 'ଲଞ୍ଚୁ' ନାମକ ଏହି ୬ ମାସର ଆଫ୍ରିକୀୟ ଗ୍ରେ ଶୁଆକୁ ପରିବାର ପକ୍ଷରୁ ମୁମ୍ବାଇରୁ ୧.୧୦ ଲକ୍ଷ ଟଙ୍କାରେ କିଣାଯାଇଥିଲା । ତାଙ୍କର ଯତ୍ନ ନେଉଥିବା ଜେସିକା ପାରିଖ ତାଙ୍କୁ ନିଜ ପୁଅ ଭଳି ସ୍ନେହ କରୁଥିଲେ ଏବଂ ଶୁଆଟିକୁ ପାଳିବା ପାଇଁ ସେ ନିଜର ଏକ ପ୍ରାଇଭେଟ୍ ସ୍କୁଲ୍ ଚାକିରି ମଧ୍ୟ ଛାଡ଼ିଦେଇଥିଲେ । ଶୁଆଟିକୁ ଚିହ୍ନଟ କରିବାରେ ସାହାଯ୍ୟ ପାଇଁ ପରିବାର ପକ୍ଷରୁ କେତେକ ବିଶେଷ ଲକ୍ଷଣ ମଧ୍ୟ ଶେୟାର କରାଯାଇଛି । ଯେପରିକି ତା'ର ଗୋଟିଏ ଆଖି ନିକଟରେ କ୍ଷତ ଚିହ୍ନ, ଥଣ୍ଟରେ ଏକ ଦାଗ ଏବଂ ଗୋଟିଏ ଗୋଡ଼ରେ ମୁଦି ପିନ୍ଧାଯାଇଛି । ଲଞ୍ଚୁ ନିଖୋଜ ହେବା ପରଠାରୁ ଜେସିକା ଗଭୀର ମାନସିକ ଆଘାତରେ ଅଛନ୍ତି ଏବଂ ଲୋକମାନଙ୍କୁ ତାଙ୍କ ପୁଅକୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି । କେହି କେହି ପୋଷା ଜୀବପ୍ରତି ଏପରି ଆବେଗକୁ ନେଇ ପରିହାସ କରିପାରନ୍ତି, ମାତ୍ର ଲଞ୍ଚୁ ତାଙ୍କ ପରିବାରର ଜଣେ ସଦସ୍ୟ ବୋଲି ସେ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ଘଟଣାଟି ବର୍ତ୍ତମାନ ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଞ୍ଜାମର ମନ୍ତ୍ରୀ ଓ ବିଧାୟକ

ଗଞ୍ଜାମକୁ ସମସ୍ତ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି



ଭୁବନେଶ୍ୱର, (ସବ୍ୟୁ): ବାତ୍ୟା ଅର୍ଣ୍ଣବ ଓ ତା ପରବର୍ତ୍ତୀ ବନ୍ୟା ପରିସ୍ଥିତି ଯୋଗୁଁ ଗଞ୍ଜାମ ଜିଲ୍ଲା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲ୍ଲାର ଅନ୍ୟ ବିଧାୟକ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ବିଧାୟକ ମାନେ ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ଏବଂ ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ । ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମ୍ ସହିତ ମଧ୍ୟ ସାରା ରାଜ୍ୟର ପରିସ୍ଥିତି ସହିତ ଗଞ୍ଜାମ ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗଞ୍ଜାମ ଜିଲ୍ଲାର କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ରିଲିଫ୍ ଯୋଗାଇଦେବା ସହିତ ବିଭିନ୍ନ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ତୁରନ୍ତ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜସ୍ୱ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

କପୋତ ଶିକାର ଅଭିଯୋଗ : ୨ଗିରଫ

ଦଶପଲ୍ଲା,(ସବ୍ୟୁ): ନୟାଗଡ଼ ମହାନଦୀ ବନ୍ୟପାଣି ବନଖଣ୍ଡ ବାଣୀଗୋଛା ବନ୍ୟପ୍ରାଣୀ ବନାଞ୍ଚଳ(ପଶ୍ଚିମ) ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ମୃତ କପୋତ ସହ ଶିକାର ପାଇଁ ବ୍ୟବହୃତ ବାଟୁଲିଖଡା ,ଟର୍ଚ୍ଚ ଆଦି ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ୩ଜଣ ଶିକାରୀକୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ସୁରେଶ ପ୍ରଧାନ, ମାଝି ପ୍ରଧାନ । ସେମାନଙ୍କ ଘର କୁଲୁରୁକୁମ୍ପା ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି ।



ଓଡିଶା ମାନବିକ ଅଧିକାର କମିଶନ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଶତ୍ରୁଘ୍ନ ପୂଜାରୀ ଓ ଦୁଇ ସଦସ୍ୟ ଚିତ୍ତ ରଞ୍ଜନ ମହାପାତ୍ର, ବ୍ରଜ ଶଙ୍କର ମିଶ୍ର ରାଜ୍ୟପାଳ ବ୍ରଜ ମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

କଲେଜ ଛାତ୍ରୀ ନିଖୋଜ, ଥାନାରେ ଅଭିଯୋଗ

କଟକ,(ସବ୍ୟୁ): ବିଡ଼ାନାସୀ ଅଞ୍ଚଳରେ ଜଣେ କଲେଜ ଛାତ୍ରୀ ନିଖୋଜ ହୋଇଯାଇଥିବା ସଂକ୍ରାନ୍ତରେ ବିଡ଼ାନାସୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ବିଡ଼ାନାସୀ ମଠସାହିର ହରିହର ପଣ୍ଡାଙ୍କ ବଡ଼ ଝିଅ ମିତାଲି ମଧୁସ୍ମିତା ପଣ୍ଡା(୧୭) ଗତ ଅକ୍ଟୋବର ୨୫ ତାରିଖରେ କେଉଁଆଡ଼େ ଚାଲିଯାଇଛନ୍ତି । ପରବର୍ତ୍ତି ସମୟରେ ହରିହର ଓ ତାଙ୍କ ପତ୍ନୀ ତାଙ୍କ ଝିଅକୁ ଅନେକ ଖୋଜାଖୋଜି କରିଥିଲେ । ଝିଅର ପତ୍ତା ନମିଳିବାରୁ ହରିହର ବିଡ଼ାନାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ନିଖୋଜ ନାବାଳିକା ଜଣକ ବିଡ଼ାନାସୀ ଦେଉଳସାହିରେ ଥିବା ରଘୁନାଥ ଜୀଉ କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର କଳା ଛାତ୍ରୀ ।

କଙ୍କାଳ ଉଦ୍ଧାର ମାମଲା

ଜବତ ପୋଷାକରୁ ନିଖୋଜ ଶରତର ମୃତଦେହ ହୋଇଥିବା ସନ୍ଦେହ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡକଣ କେଲୁଚରଣ ପାର୍କ ପାଚେରି କଡ ଜଙ୍ଗଲରୁ ମିଳିଥିବା କଙ୍କାଳ ନିଖୋଜ ଶରତ ସାହୁର ହୋଇଥିବା ପୋଲିସ ସନ୍ଦେହ କରି ତାଙ୍କ ପରିବାରକୁ ଡାକି ପଚରାଉଚରା କରୁଛି । ପୋଲିସ ସନ୍ଦେହ କରିବାର କାରଣ ଯେଉଁଭଳି ଗଞ୍ଜି ଓ ହାପ୍ପ୍ୟାଣ୍ଟ କଙ୍କାଳ ପାଖରୁ ଜବତ ହୋଇଥିଲା ସେହିଭଳି ପୋଷାକ ଶରତ ପିନ୍ଧି କେଉଁଆଡେ ନିଖୋଜ ହୋଇଯାଇଥିବା ପରିବାର ଲୋକେ କହିଥିଲେ । ସେହିଭଳି ଗଞ୍ଜି ଓ ହାପ୍ପ୍ୟାଣ୍ଟ ପିନ୍ଧିଥିବା ଫଟୋ ମଧ୍ୟ ନିଖୋଜ ଅଭିଯୋଗ ସମୟରେ ପରିବାର ଲୋକେ ଥାନାରେ ଦେଇଥିଲେ । ପୋଷାକରୁ ସେହି କଙ୍କାଳ ଶରତର ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହେବାରୁ ଡିଏନ୍ଏ ଟେଷ୍ଟ ପାଇଁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଡାକି କ୍ୟାପିଟାଲକୁ ନେଇ ନମୂନା ସଂଗ୍ରହ କରିଛି । ଆସନ୍ତାକାଲି ନମୂନାକୁ ଫୋରେନ୍ସିକ୍ ଲାବ୍‌କୁ ପଠାଯିବ ବୋଲି ପୋଲିସ କହିଛି । ଶରତ ସାହୁ (୫୫)ଙ୍କ ଘର ନୟାଗଡ ଜିଲ୍ଲାରେ ହୋଇଥିବା ବେଳେ ସେ ଡମଣା ହାଟପାଖ ବସ୍ତିରେ ପରିବାର ସହ ରୁହନ୍ତି । ଶ୍ରମିକ ଭାବେ କାମ କରି ଗୁଜରାଣ ମେଣ୍ଟାଉଥିବା ବେଳେ ତାଙ୍କ ଦେହ ଖରାପ ହୋଇଥିଲା । ଦେହ ଖରାପ ପାଇଁ ତାଙ୍କୁ ଡାକ୍ତରଖାନାକୁ ନେବା ଆଣିବା କରାଯାଉଥିବା ବେଳେ ଅଗଷ୍ଟ ୮ ତାରିଖ ଦିନ ଆଦିମାତା କଲୋନୀରେ ରହୁଥିବା ଝିଅ ଘରକୁ ଆସିଥିଲେ । ଝିଅଘରୁ ବଜାରକୁ ପାନ ଆଣିବାକୁ କହି ଯିବା ପରେ ଆଉ ଘରକୁ ଫେରିନଥିଲେ । ବହୁ ଖୋଜଖବର କରିବା ପରେ ନପାଇବାରୁ ପରିବାର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ସହ ଶରତଙ୍କ ଫଟୋ ପ୍ରଭୃତି ଦେଇଥିଲେ । ଯେଉଁଭଳି ପୋଷାକ ପିନ୍ଧିଥିବା ଫଟୋ ଶରତଙ୍କ ପରିବାର ପୋଲିସକୁ ଦେଇଥିଲେ ସେହିଭଳି ପୋଷାକ କଙ୍କାଳ ପାଖରୁ ଜବତ ହୋଇଥିବାରୁ ପୋଲିସ ସନ୍ଦେହ କରି ଡିଏନ୍ଏ ଟେଷ୍ଟ କରାଉଛି ।

ଭିଜା ବହିରୁ ଭବିଷ୍ୟତ ଖୋଜୁଛି ସରସ୍ୱତୀ

ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦେଖିଲା ପିସିସିର ତଥ୍ୟ ଅନୁଧ୍ୟାନକାରୀ ଦଳ

ଭୁବନେଶ୍ୱର,(ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଟିମ ଗଞ୍ଜାମ ଜିଲ୍ଲାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଗଞ୍ଜା, ଛତ୍ରପୁର, ପୁରୁଷୋତ୍ତମପୁର, ଆସ୍କା, କବିସୂର୍ଯ୍ୟନଗର ଗସ୍ତ କରି ତଥ୍ୟ ଅନୁଧ୍ୟାନ କରିଥିଲେ । ଭୟଙ୍କର ବନ୍ୟା ପରର ଦୃଶ୍ୟ ଅତ୍ୟନ୍ତ ହୃଦବିଦାରକ ଥିଲା । ଲୋକଙ୍କ ଘର ଭାଙ୍ଗିରୁଜି ଯାଇଛି, ସାଇତି ରଖିଥିବା ଖାଦ୍ୟଶସ୍ୟ ବନ୍ୟା ପାଣିରେ ନଷ୍ଟ ହେଇଯାଇଛି । ପିଲାଙ୍କ ବହିଖାତା ସବୁ ନଷ୍ଟ ହେଇ ଯାଇଛି । କୋଉଠି ବୁଢ଼ୀ ମାଉସୀ ପିଏମ ଆବାସ ଯୋଜନାରେ ଘର ନ ପାଇ ଝାଟି ମାଟି ଘର ସଜାଡିବାରେ ଲାଗିଛି ତ ଆଉ କୋଉଠି ଯୁକ୍ତ ଦୁଇ ପଢୁଥିବା ସରସ୍ୱତୀ ଭିଜା ବହିରୁ ଭବିଷ୍ୟତ ଖୋଜୁଥିଲା । ନବରଙ୍ଗପୁରରେ ବନ୍ୟା ମାଡରେ ବଡ଼ବଡ଼ କୋଠା ଭୁଶୁଡ଼ି ପଡ଼ିଛି । ଅଧିକାଂଶ ସ୍ଥାନରେ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ସେମାନଙ୍କ ପାଖକୁ ମହମବତୀଟେ ବି ଯୋଗାଇ ଦିଆଯାଇ ପାରୁନି । ଧାନ ଚାଷ ସମେତ ପନିପରିବା ଫସଲ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି । ଗାଈ, ବଳଦ, ଛେଳି, ମେ,,ା, ମଇଁଷି, କୁକୁଡ଼ା, ବତକ ଆଦି ଜୀବଜନ୍ତୁ ମଧ୍ୟ ବନ୍ୟା ଦୁର୍ଦ୍ଦଶାରୁ ବର୍ତ୍ତିପାରି ନାହାନ୍ତି । ଶାସକ ଦଳର ସାଂସଦ ଏବଂ ସର୍ବାଧିକ ସଂଖ୍ୟକ ବିଧାୟକ ତଥା ପ୍ରଭାବଶାଳୀ ମନ୍ତ୍ରୀ ଥିବା ସତ୍ତ୍ୱେ ଲୋକଙ୍କ ପାଖରେ ସର୍ବନିମ୍ନ ମୌଳିକ ସୁବିଧା ନ ପହଞ୍ଚିବା ଦୁର୍ଭାଗ୍ୟ ଜନକ । ଏହି ସମୟରେ ମୁଖ୍ୟମନ୍ତ୍ରୀ ଅଥବା ଦୁଇ ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କ ଭିତରୁ କେହି ବି ଜଣେ ଲୋକଙ୍କ ଦୁଃଖ ବୁଝିବା ପାଇଁ ସମୟ ନ ଥିଲା ବେଳେ ଲୋକ ଦେଖାଣିଆ ଲୋକତନ୍ତ୍ର ବଞ୍ଚେଇବା ପାଇଁ



ନାଟକ ବାଜି କରୁଛନ୍ତି । ଦୁର୍ଭାଗ୍ୟର କଥା ନା ମୁଖ୍ୟମନ୍ତ୍ରୀ କୋଟିଆକୁ ବଞ୍ଚେଇ ପାରିଲେ ନା ଗଂଜାମ ଜିଲ୍ଲାକୁ ବନ୍ୟାରୁ ବଞ୍ଚେଇ ପାରିଲେ । ଯଦି ସରକାର ବନ୍ୟା ସମ୍ପର୍କିତ ଆଗୁଆ ସୂଚନା ଅଞ୍ଚଳବାସୀଙ୍କୁ ଜଣେଇ ପାରିଥାନ୍ତେ ଓ ତଳିଆ ଅଞ୍ଚଳର ଲୋକଙ୍କୁ ଠିକଣା ସମୟରେ ସ୍ଥାନାନ୍ତର କରିଥାନ୍ତେ, ଆଜି ଗଞ୍ଜାମ ଜିଲ୍ଲା ବାସୀଙ୍କୁ ଏଭଳି ଦୁର୍ଦ୍ଦିନରେ ସମ୍ମୁଖୀନ ହେବାକୁ ପଡି ନ ଥାଆନ୍ତା । ସରକାର ତୁରନ୍ତ ମୃତ ଚାଷୀଙ୍କ ପରିବାରଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଅନ୍ତୁ, ଉଜୁଡ଼ି ଯାଇଥିବା ଶସ୍ୟର ଏମଏସପି ଆଧାରିତ ୫୦ ପ୍ରତିଶତ କ୍ଷତି ପୂରଣ ଦିଅନ୍ତୁ । ଗୃହ ଭାଙ୍ଗିଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୁରନ୍ତ ସହାୟତା ଯୋଗାଇ ଦିଅନ୍ତୁ । ପ୍ରତି ବନ୍ୟା ପ୍ରଭାବିତ ଗାଁ ଏବଂ ପଡାରେ ଅସ୍ଥାୟୀ ପ୍ରଶାସନିକ ସହାୟତା କେନ୍ଦ୍ର ତୁରନ୍ତ ଖୋଲନ୍ତୁ । ଲୋକଙ୍କୁ ଯୁଦ୍ଧ କାଳୀନ ଭିତ୍ତିରେ ରନ୍ଧା, ଶୁଖିଲା ଖାଦ୍ୟ, ପାନୀୟ, ଔଷଧାଦିର ଆବଶ୍ୟକୀୟ ଜିନିଷ ତୁରନ୍ତ ଯୋଗାଇ ଦିଅନ୍ତୁ ବୋଲି ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ସରକାରଙ୍କ ପାଖରେ ଦାବି ରଖିଛନ୍ତି । ଏଇ ଟିମରେ ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ, ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ସୋନାଲି ସାହୁ, ଦେବକାନ୍ତ ଶର୍ମା, ରାଜ୍ୟ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ, ଗଂଜାମ (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ପଶ୍ଚିମ ସଭାପତି ଦଣ୍ଡପାଣି ପାତ୍ର, ଅଶୋକ ପଟ୍ଟନାୟକ, ସାକା ସୁଜି କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର (ସବ୍ୟୁ): ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରର ସତର୍କତା ବିଭାଗ ପକ୍ଷରୁ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଆଞ୍ଚଳିକ ମୁଖ୍ୟ ଜୟଗୋପାଳ ବେହେରା ଉଦ୍‌ଘାଟନ କରିଥିଲେ।ଏହି ପଦଯାତ୍ରାରେ ଆଞ୍ଚଳିକ ଆଶ୍ୱାସନ ମୁଖ୍ୟ ପବନ କୋଲ୍ଲୁ, ଆଞ୍ଚଳିକ ସତର୍କତା ଅଧିକାରୀ ସମୀର ରଞ୍ଜନ ଅଧିକାରୀ, ସମସ୍ତ ଭର୍ଟିକାଲ୍ ମୁଖ୍ୟ, ଆଞ୍ଚଳିକ କାର୍ଯ୍ୟାଳୟ, ଏମ୍ଏଲ୍‌ପି, ଆର୍‌ଏଲ୍‌ପି ଏବଂ ଶାଖା ମୁଖ୍ୟମାନେ ତଥା ସ୍ଥାନୀୟ ଶାଖାଗୁଡ଼ିକର କର୍ମଚାରୀମାନେ ସତର୍କତା ବ୍ୟାନର ଓ ପ୍ଲାକାର୍ଡ ପ୍ରଦର୍ଶନ କରି ସକ୍ରିୟ ଭାବେ ଅଂଶଗ୍ରହଣ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।ଏହା ଦୁର୍ନୀତି ପ୍ରତିରୋଧ କରିବା ଏବଂ ସମାଜରେ ନୈତିକ ମୂଲ୍ୟବୋଧ ପ୍ରଚାର କରିବା ଦିଗରେ ସାମୂହିକ ଦାୟିତ୍ୱର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲା। ଏହି ପଦକ୍ଷେପ ମାଧ୍ୟମରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସଚ୍ଚୋଟତାର ସଂସ୍କୃତିକୁ ବଢ଼ାଇବା, ସତର୍କତା ସମ୍ବନ୍ଧରେ ଜନ ସଚେତନତାକୁ ସୁଦୃଢ଼ କରିବା ଏବଂ ଏକ ସ୍ୱଚ୍ଛ, ଉତ୍ତରଦାୟୀ ତଥା ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିଛି।


୫୦ଲକ୍ଷର ବ୍ରାଉନସୁଗର ଜବତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅବକାରୀ ସ୍କ୍ୱାଡ୍ ଭିନ୍ନ ଭିନ୍ନ ତିନୋଟି ସ୍ଥାନରେ ଚଢାଉ କରି ୩ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫୦ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି । ଗୋଟିଏ ସ୍କ୍ୱାଡ୍ ସହିଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ନିକଟରେ ଚଢାଉ କରି ସମୀର କୁମାର ପ୍ରଧାନକୁ ଗିରଫ କରିବା ସହ ତା'ନିକଟରୁ ୨୨୫ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଦ୍ୱିତୀୟ ସ୍କ୍ୱାଡ୍ ଖାରବେଳନଗର ଥାନା ଅଧୀନ ୪ ନମ୍ବର ଏମ୍ଏଲ୍ଏ କଲୋନୀ ପଛପଟେ ଚଢାଉ କରି ଆଶୁତୋଷ ଭାରତୀକୁ ଗିରଫ କରିବା ସହ ତା'ନିକଟରୁ ୧୬୫ ଗ୍ରାମ୍ ବ୍ରାଉନସୁଗର ଜବତ କରିଥିବା ସୂଚନା ମିଳିଛି । ସେହିପରି ତୃତୀୟ ସ୍କ୍ୱାଡ୍ ବଡଗଡ ଥାନା ଅଞ୍ଚଳ ମହିଷାଖାଲରେ ଚଢାଉ କରି ବି ଲିଙ୍ଗରାଜ ରାଓକୁ ଗିରଫ କରିବା ସହ ତା'ନିକଟରୁ ୧୦୦ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ତିନୋଟି ସ୍ଥାନରୁ ଜବତ ହୋଇଥିବା ୪୯୦ ଗ୍ରାମ୍ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୫୦ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରିଛି ଅବକାରୀ ସ୍କ୍ୱାଡ୍ । ଗିରଫ ତିନିଜଣଙ୍କ ନିକଟରୁ ବ୍ୟବହୃତ ଗାଡି ମଧ୍ୟ ଜବତ ହୋଇଥିବା ଖବର ମିଳିଛି । ତିନିଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।



ନନ୍ଦନକାନନରେ ମାଈ ମାକାଓର ମୃତ୍ୟୁ

ବାରଙ୍ଗ ,(ସବ୍ୟୁ):ନୂଆ ପ୍ରଜାତି ଆଣି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ବଢ଼ାଇବାରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଆଗ୍ରହ କିଛି କମ ନାହିଁ । ହେଲେ ଗୁଜରାଟରୁ ଆସିଥିବା ୪ଟି ସ୍କାରଲେଟ ମାକାଓଙ୍କ ମଧ୍ୟରୁ ଗୋଟିଏ ମାଈ ମାକାଓର ଗୁରୁବାର ଦିନ ମୃତ୍ୟୁ ଘଟିଛି । ଆଶ୍ଚର୍ଯ୍ୟର କଥା, ପକ୍ଷୀଟି କିଛି ଦିନ ଧରି ଅସୁସ୍ଥ ଥିଲା ଏବଂ ପଶୁ ଚିକିତ୍ସକଙ୍କ ପକ୍ଷରୁ ଚିକିତ୍ସା ମଧ୍ୟ ଜାରି ରହିଥିଲା । ତଥାପି ମୃତ୍ୟୁକୁ ରୋକାଯାଇପାରିଲା ନାହିଁ ।ସୂଚନା ଅନୁସାରେ, ଗୁଜରାଟର ରାଧା କୃଷ୍ଣ ଟେମ୍ପଲ ଏଲିଫାଣ୍ଟ ୱେଲଫେୟାର ଟ୍ରଷ୍ଟ ରୁ ୧୨ ସେପେଟମ୍ବର ୨୦୨୬ରେ ୪ଟି ସ୍କାରଲେଟ ମାକାଓ ନନ୍ଦନକାନନକୁ ଆସିଥିଲେ । ନୂଆ ପକ୍ଷୀଙ୍କ ଆଗମନକୁ ନେଇ ସେତେବେଳେ ନୂଆ ଆକର୍ଷଣର ପ୍ରଚାର ହୋଇଥିଲା । ହେଲେ ଏବେ ସେହି ୪ଟି ପକ୍ଷୀଙ୍କ ମଧ୍ୟରୁ ଗୋଟିଏର ମୃତ୍ୟୁଘଟିବା ପରେ ରହିଯାଇଛନ୍ତି ମାତ୍ର ୩ଟି । ସବୁଠାରୁ ବଡ଼ କଥା, ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ । ବ୍ୟବଚ୍ଛେଦ ଓ ଅନ୍ୟାନ୍ୟ ଚିକିତ୍ସାଗତ ପରୀକ୍ଷାର ରିପୋର୍ଟ ଆଧାରରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।ନନ୍ଦନକାନନ କେବଳ ନୂଆ ପ୍ରଜାତି ଆଣିବାର ପ୍ରଦର୍ଶନୀ କେନ୍ଦ୍ର ନୁହେଁ, ଏହା ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ସୁରକ୍ଷାର ଏକ ପ୍ରମୁଖ ଅନୁଷ୍ଠାନ । ତେଣୁ ଗୋଟିଏ ପକ୍ଷୀର ମୃତ୍ୟୁ ପରେ କେବଳ ଶୋକ ପ୍ରକାଶ ନୁହେଁ, ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ଉତ୍ତର ମିଳିବା ସହ ମୃତ୍ୟୁକୁ ରୋକ ଲଗାଇବା ଦରକାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।





କର୍କଟ ରୋଗର ଉନ୍ନତ ଏବଂ ପ୍ରମାଣ-ଆଧାରିତ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର,(ସବ୍ୟୁ) : ଏମ୍ସ ଭୁବନେଶ୍ୱର ବାୟୋମେଡିକାଲ ଗବେଷଣାକୁ ଉନ୍ନତ ଚିକିତ୍ସା ଏବଂ ପ୍ରମାଣ-ଆଧାରିତ ରୋଗୀ ସେବାରେ ପରିଣତ କରିବା ଉପରେ ନିଜର ଧ୍ୟାନ କେନ୍ଦ୍ରିତ କରୁଛି । ବିଶେଷ ଭାବରେ କର୍କଟ ରୋଗ, ସଂକ୍ରାମକ ରୋଗ, ଜନସ୍ୱାସ୍ଥ୍ୟ, ଅଣୁଜୀବ ବିଜ୍ଞାନ ଏବଂ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଅଧିକ ଗୁରୁତ୍ୱ ଦେଉଛି । ବାୟୋମେଡିକାଲ କ୍ଷେତ୍ରରେ ଅଗ୍ରଗତି, ବିଷୟବସ୍ତୁ ଉପରେ ଆୟୋଜିତ ଏମ୍ସ ଭୁବନେଶ୍ୱରର ୪ର୍ଥ ବାର୍ଷିକ ଗବେଷଣା ଦିବସ ଅବସରରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଏ ଦିଗରେ ଆଲୋକପାତ କରିଥିଲେ । ଏମ୍ସ ଭୁବନେଶ୍ୱର ୨୦୨୫-୨୬ ଆର୍ଥିକ ବର୍ଷରେ ୧୮୭ ଟି ପ୍ରକଳ୍ପ ମାଧ୍ୟମରେ ଅତିରିକ୍ତ ଅନୁସନ୍ଧାନ ଅନୁଦାନରେ ୩୨.୨ କୋଟି ହାସଲ କରିପାରିଛି । ସେହିପରି ୨୦୨୬-୨୭ ରେ ବର୍ତ୍ତମାନ ସୁଦ୍ଧା ଏହା ୨୯ ଟି ପ୍ରକଳ୍ପ ମାଧ୍ୟମରେ ୧୦ କୋଟିରୁ ଅଧିକ ପାଇଛି । ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରକମଲ୍ଲର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ୍ସ କଲ୍ୟାଣୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଅରବିନ୍ଦ ସିହ୍ନା, ବିକାଶ ମନ୍ଥନ ଅଧ୍ୟକ୍ଷ ଏବଂ ଏଚଆଇ ଉପଦେଷ୍ଟା ଚାରୁଦତ୍ତ ପାଣିଗ୍ରାହୀ, ଏମ୍ସ ଭୁବନେଶ୍ୱର ଡିନ(ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିନ(ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଆସୋସିଏଟ ଡିନ(ଗବେଷଣା) ଡ. ଗୌରବ ଛାବ୍ରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଆୟୋଜିତ ଗବେଷଣା ପୋଷ୍ଟର ଉପସ୍ଥାପନାରେ ୧୪୦ ଜଣ ଅଂଶଗ୍ରହଣକାରୀ ଭାଗ ନେଇଥିଲେ । ଏହା ସହିତ ଚିକିତ୍ସା ଗବେଷଣା କ୍ଷେତ୍ରରେ ଥିବା ବାଧାବିଘ୍ନ ଦୂରୀକରଣ: ପ୍ରତିବନ୍ଧକ, ନବସୃଜନ ଏବଂ ସୁଯୋଗ ଶୀର୍ଷକ ଏକ ପ୍ୟାନେଲ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାରେ ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସେସ (ଆଇଏଲଏସ), ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଦେବାଶିଷ ଦାଶ, ଏସଜିପିଜିଆଇଏମଏସ ର ପୂର୍ବତନ ଡିନ ପ୍ରଫେସର ରାମନାଥ ମିଶ୍ର, ଏମ୍ସ କଲ୍ୟାଣୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଅରବିନ୍ଦ ସିହ୍ନା, ଚାରୁଦତ୍ତ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନେ ଏମ୍ସ ଭୁବନେଶ୍ୱରର 'ବାର୍ଷିକ ଗବେଷଣା ରିପୋର୍ଟ ୨୦୨୫-୨୬' ଉନ୍ମୋଚନ କରିଥିଲେ । ସେହିପରି ଏମ୍ସ ଭୁବନେଶ୍ୱର 'ରିସର୍ଚ୍ଚ ଟକ' ସଂକଳନର ଡିଜିଟାଲ ଉନ୍ମୋଚନ କରିଥିଲେ ଅତିଥିବୃନ୍ଦ ।



କିଟ୍ ଓ କିସ୍ ପରିଦର୍ଶନରେ ଉଚ୍ଚସ୍ତରୀୟ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, (ସବ୍ୟୁ): 'ଇଣ୍ଡିଆ ଟ୍ରେକ୍ ଫର ଗ୍ଲୋବାଲ ଲିଡର୍ସ' କାର୍ଯ୍ୟକ୍ରମରେ ଭାରତ ଆସିଥିବା ୨୦ ଜଣିଆ ଉଚ୍ଚସ୍ତରୀୟ ଇସ୍ରାଏଲୀୟ ପ୍ରତିନିଧି ଦଳ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ବୁଲି ଦେଖିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। ବୁଧବାର ଏହି ପ୍ରତିନିଧି ଦଳ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ବ୍ୟାଙ୍କିଂ, ଆଇଟି ଆଦି କ୍ଷେତ୍ରରେ ଇସ୍ରାଏଲ୍‌ର ବହୁ ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି କିଟ୍ ଓ କିସ୍ ପରିଦର୍ଶନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି । ପୂର୍ବରୁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଶିକ୍ଷା ମାଧ୍ୟମରେ ସମାଜର ବିକାଶ ପାଇଁ ଜୀବନବ୍ୟାପୀ କାର୍ଯ୍ୟ ବିଷୟରେ ସେମାନେ ଅବଗତ ଥିଲେ। ଆଜି କିଟ୍ ଓ କିସ୍ ପରିଦର୍ଶନ କରି ସେମାନେ ଅଭିଭୂତ ହୋଇପଡ଼ିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେମାନେ କହିଲେ, ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ନିଜର ଦୃଢ଼ ଇଚ୍ଛା ଶକ୍ତି ବଳରେ କିସ୍ ଭଳି ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଢ଼ି ପାରିବେ। ଦୁନିଆରେ ଅନେକ ଲୋକଙ୍କ ପାଖରେ ଭଲ ବିଚାର ଓ ବଡ଼ ସ୍ୱପ୍ନ ରହିଛି। କିନ୍ତୁ ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାର କ୍ଷମତା ଖୁବ୍ କମ୍ ଲୋକଙ୍କ ପାଖରେ ଥାଏ। ଅଚ୍ୟୁତ ସାମନ୍ତ ଏହାର ଏକ ଉଦାହରଣ। ଶିକ୍ଷା, ମାନବସେବା ଓ ଅବହେଳିତ ସଂପ୍ରଦାୟର ସଶକ୍ତୀକରଣ କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ହାର୍ଭାର୍ଡ କ୍ଲବ୍ ଅଫ୍ ଇସ୍ରାଏଲ ଏବଂ ଇସ୍ରାଏଲ୍ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଅତିଥିମାନେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଓ ମାନବସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଅନୁମତି କ୍ରମେ ଏମାନେ ଭାରତ ପରିଦର୍ଶନ କରୁଛନ୍ତି । ଏହି ୧୨ ଦିନିଆ କାର୍ଯ୍ୟକ୍ରମରେ ସେମାନେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ମଧ୍ୟ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। କିଟ୍ ଓ କିସ୍ ରେ ରହଣି ସମୟରେ ସେମାନେ ଏଠାକାର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସମେତ କିଟ୍ ଓ କିସ୍‌ର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।



ପୁରୀଠାରେ ୧୫୦୦ କୋଟି ଟଙ୍କାର 'ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍' ଘୋଷଣା

ଓଡ଼ିଶାରେ ସାମୁଦ୍ରିକ ପର୍ଯ୍ୟଟନ ଓ ଅର୍ଥନୀତିର ହେବ ବ୍ୟାପକ ସମ୍ପ୍ରସାରଣ : ସୁଜିତ୍ ଦାସ

ଭୁବନେଶ୍ୱର, (ସବ୍ୟୁ): ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବିଶାଳ ସମୁଦ୍ର ତଟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅପାର ସମ୍ଭାବନା ରହିଛି । ଓଡିଆ ସାଧବ ପୁଅର ଅତୀତରେ ଜାଭା, ସୁମାତ୍ରା, ବର୍ଣ୍ଣିଓ ଭଳି ବିଦେଶରେ ବ୍ୟବସାୟର ସ୍ୱର୍ଣ୍ଣିମ ଅଧ୍ୟାୟ ଓ ଗାରୀମାକୁ ଉଜ୍ଜିବୀତ କରି ରାଜ୍ୟରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ପର୍ଯ୍ୟଟନ ଭିତିଭୂମିର ଉନ୍ନତିକରଣ, ଆଧୁନିକୀକରଣ ଏବଂ ସମ୍ପ୍ରସାରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି । ଏହି କ୍ରମରେ ପୁରୀକୁ ଏକ ପ୍ରକୃତ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ କରିବା ପାଇଁ ସଡ଼କ ପଥ, ରେଳପଥ, ଆକାଶ ପଥ, ଜଳପଥ ଏବଂ ହୋଟେଲ ଶିଳ୍ପର ବିକାଶ ଉପରେ କ୍ରମାଗତ ଗୁରୁତ୍ୱ ଦିଆଯାଉଛି । ଏକ ଐତିହାସିକ ନିଷ୍ପତିକ୍ରମେ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ୧୫୦୦ କୋଟି ଟଙ୍କା ନିବେଶରେ ପୁରୀଠାରେ ଏକ ଅତ୍ୟାଧୁନିକ 'ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍' ନିର୍ମାଣ କରାଯିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କୁ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି



ପ୍ରକଳ୍ପର ମହତ୍ୱ ଓ ପ୍ରଭାବ ସଂପର୍କରେ ସୂଚନା ଦେଇ ଶ୍ରୀ ଦାସ କହିଛନ୍ତି ଯେ, ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବିଶ୍ୱର କୋଣ ଅନୁକୋଣରୁ ବଡ଼ ବଡ଼ କ୍ରୁଜ୍ ଜାହାଜଗୁଡ଼ିକ ସିଧାସଳଖ ପୁରୀରେ ପହଂଚିପାରିବେ, ଯାହାକି ବିଦେଶୀ ପର୍ଯ୍ୟଟକ ଓ ଦେଶର ପର୍ଯ୍ୟଟନ ପ୍ରେମୀମାନଙ୍କ ସଂଖ୍ୟାକୁ ବହୁଗୁଣିତ କରିବ । ପର୍ଯ୍ୟଟନ କ୍ଷେତ୍ରର ଏହି ବିଶାଳ ବିକାଶ ଯୋଗୁଁ ହୋଟେଲ, ପରିବହନ, ହସ୍ତଶିଳ୍ପ ଏବଂ ସ୍ଥାନୀୟ ବ୍ୟବସାୟରେ ହଜାର ହଜାର ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଅର୍ଥନୀତି ଅଧିକ ସୁଦୃଢ଼ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀକୁ ଆଧୁନିକ ସାମୁଦ୍ରିକ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବେ ବିଶ୍ୱ ଦରବାରରେ ସ୍ଥାନ ଦେବାରେ ଏହା ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ଦାସ କହିଛନ୍ତି । ଓଡ଼ିଶାର ଗୌରବ ଓ ସମୃଦ୍ଧି ପାଇଁ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଯେପରି ଭାବେ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା "ବିକଶିତ ଭାରତ-୨୦୪୭ ଓ ସମୃଦ୍ଧ ଓଡ଼ିଶା-୨୦୩୬" ଗଠନର ସଂକଳ୍ପକୁ ସାକାର କରିବ ବୋଲି ଶ୍ରୀ ଦାସ କହିଛନ୍ତି ।

ଅବ୍ୟବସ୍ଥା ଘେରରେ ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଫୁଲନଖରା (ସବ୍ୟୁ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ଭିତ୍ତିଭୂମି, ଆବଶ୍ୟକ କର୍ମଚାରୀ ଓ ଆନୁଷଙ୍ଗିକ ସୁବିଧାର ଅଭାବ ଯୋଗୁଁ ଏଠାରେ ରୋଗୀସେବା ଗୁରୁତର ଭାବେ ପ୍ରଭାବିତ ହେଉଛି ।ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ୪ରୁ ୫ଟି ପଞ୍ଚାୟତ ସମେତ ବିଭିନ୍ନ କଲେଜ, ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଲୋକେ ନିର୍ଭର କରୁଛନ୍ତି । ମାତ୍ର ଆବଶ୍ୟକ ଚିକିତ୍ସା କକ୍ଷ ଓ ଶଯ୍ୟା ନଥିବାରୁ ଜଣେ ରୋଗୀ ସାଲାଇନ ନେଉଥିବା ସମୟରେ ଅନ୍ୟ ରୋଗୀଙ୍କ ପାଇଁ ସ୍ଥାନ ମିଳିବା କଷ୍ଟକର ହେଉଛି । ଅନ୍ୟପଟେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲେ ମଧ୍ୟ ଦୀର୍ଘବର୍ଷ ଧରି କାର୍ଯ୍ୟ ଶେଷ ହୋଇପାରୁନାହିଁ ।କର୍ମଚାରୀ ଅଭାବ ମଧ୍ୟ ଏଠାରେ ଚିନ୍ତାର ବିଷୟ । ଏହା ଅଧୀନରେ ୪ଟି ସବ୍‌ସେଣ୍ଟର ଥିବାବେଳେ ମାତ୍ର ଦୁଇଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ କାର୍ଯ୍ୟ ଚାଲିଛି । ଇନଚାର୍ଜ ଚୁକ୍ତିଭିତ୍ତିକ ନିଯୁକ୍ତିରେ ଥିବାବେଳେ ସ୍ଥାୟୀ ଫାର୍ମାସିଷ୍ଟ ନଥିବାରୁ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଷ୍ଟାଫ କ୍ୱାର୍ଟର୍ସ ନଥିବାରୁ କର୍ମଚାରୀମାନେ ନିଜ ଘରୁ ଯାତାୟାତ କରୁଛନ୍ତି । ଅଳ୍ପ କର୍ମଚାରୀଙ୍କ ଉପରେ ରୋଗୀସେବା ସହ କ୍ଷେତ୍ରୀୟ କାର୍ଯ୍ୟର ଅତିରିକ୍ତ ଚାପ ରହୁଛି ।ଜିଲ୍ଲା ମୁଖ୍ୟାଳୟଠାରୁ ଅଳ୍ପ ଦୂରରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଦୟନୀୟ ସ୍ଥିତି ସ୍ୱାସ୍ଥ୍ୟ ବିଭାଗର ତଦାରଖ ଓ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠାଇଛି ।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ୍ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ସାମ୍ବାଦିକ କଲ୍ୟାଣ ବୋଡର୍ ପକ୍ଷରୁ ଏକ ୫ଜଣିଆ ପ୍ରତିନିଧି ଦଳ ରାଜଭବନରେ ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟରେ ସାମ୍ବାଦିକମାନଙ୍କର ବୃତ୍ତିଗତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶାର ସାମ୍ବାଦିକ ମାନଙ୍କୁ ପେନସନ ଦେବା ବିଷୟରେ ଆଲୋଚନା ହୋଇଥିଲା। ଦେଶର ପ୍ରାୟ ୨୧ଟି ରାଜ୍ୟରେ ସେଠାକାର ରାଜ୍ୟ ସରକାର ମାନଙ୍କ ପକ୍ଷରୁ ସାମ୍ବାଦିକ ମାନଙ୍କୁ ପେନସନ ଦେବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉଥିବା ବେଳେ ଓଡ଼ିଶାରେ ସାମ୍ବାଦିକମାନେ ସେଥିରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶା ସରକାର ଖୁବ୍ ଶୀଘ୍ର ସାମ୍ବାଦିକମାନଙ୍କୁ ପେନସନ ଦେବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ସାମ୍ବାଦିକମାନଙ୍କୁ ପେନସନ ଦେବା ସମେତ ଅନ୍ୟାନ୍ୟ ବୃତ୍ତିଗତ ସମସ୍ୟା ସମ୍ପର୍କରେ ଧୈର୍ଯ୍ୟର ସହ ଶୁଣିଥିଲେ। ଓଡ଼ିଶାରେ ସାମ୍ବାଦିକମାନଙ୍କୁ ପେନସନ ଦିଆଯାଉନଥିବା ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ଏ ସମ୍ପର୍କରେ ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋଡର୍‌ର ସାଧାରଣ ସମ୍ପାଦକ ସନତ ମିଶ୍ର, ରାଜ୍ୟ ସଭାପତି ତଥା ଓଡ଼ିଶା ଭାସ୍କରର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, କଲ୍ୟାଣ ବୋଡର୍‌ର ଅନ୍ୟତମ ବରିଷ୍ଠ ଉପଦେଷ୍ଟା ରାଜାରାମ ଶତପଥି ଓ ଏସ୍.ଏ ମନାନ ପ୍ରମୁଖ ସାମିଲ୍ ଥିଲେ।

ଓଡ଼ିଶା-ଜାପାନ ସମ୍ପର୍କରେ ଯୋଡ଼ିହେବ ନୂଆ ଅଧ୍ୟାୟ

୧୦ରୁ ୧୨ ପର୍ଯ୍ୟନ୍ତ ଟୋଟୋରୀ ପ୍ରିଫେକ୍ଚରର ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଓଡ଼ିଶା ଗସ୍ତ

ଭୁବନେଶ୍ୱର, (ସବ୍ୟୁ): ଜାପାନର ଟୋଟୋରୀ ପ୍ରିଫେକ୍ଚରର ରାଜ୍ୟପାଳ ଶିଞ୍ଜି ହିରାଇଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସନ୍ତା ନଭେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଥିବା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଏହି ଗସ୍ତ ଅବସରରେ ଓଡ଼ିଶା ଓ ଟୋଟୋରୀ ମଧ୍ୟରେ ଶିଳ୍ପ ଓ ବାଣିଜ୍ୟିକ ସହଭାଗିତା, ପୁଞ୍ଜିନିବେଶ, ଉଦ୍ୟୋଗିତା, ନବସୃଜନ, ଦକ୍ଷତା ବିକାଶ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଆଦାନପ୍ରଦାନକୁ ନୂଆ ଦିଗ ମିଳିବ। ଏହି ଗସ୍ତ ଦୁଇ ଅଞ୍ଚଳ ମଧ୍ୟରେ ଦୀର୍ଘସ୍ଥାୟୀ ସହଯୋଗର ଏକ ମଜଭୁତ ଭିତ୍ତିଭୂମି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ପ୍ରତିନିଧିମଣ୍ଡଳୀରେ ଟୋଟୋରୀ ପ୍ରିଫେକ୍ଚରର ମୁଖ୍ୟ ଶାସନ ସଚିବ ତୋଶିକି ଏଣ୍ଡୋ, ବାଣିଜ୍ୟ ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ସାସାକି, ସାନ୍-ଇନ୍ ଗୋଡୋ ବ୍ୟାଙ୍କର ନିର୍ଦ୍ଦେଶିକା ଶ୍ରୀମତୀ ୟୋଶିଓକା, ଟୋଟୋରୀ ପ୍ରିଫେକ୍ଚରାଲ୍ ଆସେମ୍ବଲିର ସଦସ୍ୟ, ବ୍ୟବସାୟିକ ପ୍ରତିନିଧି ଓ ଛାତ୍ର ପ୍ରତିନିଧିମାନେ ସାମିଲ ହେବେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସରକାରୀ ସଂସ୍ଥାର ପ୍ରତିନିଧିମାନେ ଏହି ଗସ୍ତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ।

ଗସ୍ତର ପ୍ରଥମ ଦିନରେ ଭୁବନେଶ୍ୱରସ୍ଥିତ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଏକ ବ୍ୟବସାୟିକ ଆଲୋଚନା ଆୟୋଜନ କରାଯିବ। ଏହାସହ ଜାପାନୀ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପରିଦର୍ଶନ କରିବେ। ଏଠାରେ ସେମାନେ ଓଡ଼ିଶାର ବୈଷୟିକ ପ୍ରଶିକ୍ଷଣ ବ୍ୟବସ୍ଥା, ଉତ୍ପାଦନ କ୍ଷମତା ଓ ଶିଳ୍ପ ସହାୟକ ଭିତ୍ତିଭୂମି ସମ୍ପର୍କରେ ଅବଗତ ହେବେ। ଏହି ଅବସରରେ ଭୁବନେଶ୍ୱରରେ ବ୍ୟବସାୟିକ ରାଉଣ୍ଡ ଟେବୁଲ୍ ବୈଠକ ମଧ୍ୟ ଆୟୋଜିତ ହେବ। ଏଥିରେ ଜାପାନୀ ବ୍ୟବସାୟିକ ପ୍ରତିନିଧି, ଓଡ଼ିଶା ସରକାରଙ୍କ ବିଭିନ୍ନ ସଂସ୍ଥା ଓ ଶିଳ୍ପ ଜଗତର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ଇପିକଲ୍ ଓ ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶାରେ ପୁଞ୍ଜିନିବେଶର ସୁଯୋଗ, ଶିଳ୍ପ ପରିବେଶ ଓ ବ୍ୟବସାୟ ପାଇଁ ଉପଲବ୍ଧ ସୁବିଧା ସମ୍ପର୍କରେ ଉପସ୍ଥାପନା କରାଯିବ। ଓଡ଼ିଶାରେ କାର୍ଯ୍ୟରତ ଜାପାନୀ କମ୍ପାନୀଗୁଡ଼ିକ ସହ ଇପିକଲ୍, ଇଡ୍‌କୋ, ଆପିକଲ୍, ସିଟିସିସି, ଓଏସଆଇସି ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାର ପ୍ରତିନିଧିମାନେ ଆଲୋଚନାରେ ଭାଗ ନେବେ। ଗସ୍ତର ଦ୍ୱିତୀୟ ଦିନରେ ଜାପାନୀ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧାସ୍ଥିତ ଫୁଡ୍ ପ୍ରୋସେସିଂ ପାର୍କରେ ଥିବା ଇଣ୍ଡୋ-ନିସିନ୍ (Indo-Nissin) କାରଖାନା ପରିଦର୍ଶନ କରିବେ। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଟୋଟୋରୀ ପ୍ରିଫେକ୍ଚରର ମାନ୍ୟବର ରାଜ୍ୟପାଳ ଶିଞ୍ଜି ହିରାଇଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। ଏହାପରେ ଭୁବନେଶ୍ୱରସ୍ଥିତ ରାଜ୍ୟ କନଭେନସନ୍ ସେଣ୍ଟରଠାରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିସହ ଦୁଇଟି ଅନୁଷ୍ଠାନିକ ବୁଝାମଣାପତ୍ର (MoU) ମଧ୍ୟ ଆଦାନପ୍ରଦାନ ହେବ।

ପବ୍ଲିକ୍ ଆକାଉଣ୍ଟସ୍ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ

ଓଡ଼ିଶା ବିଧାନସଭାର ପବ୍ଲିକ୍ ଆକାଉଣ୍ଟସ୍ କମିଟିର ଅଧ୍ୟକ୍ଷା ଓ ସଭ୍ୟଙ୍କ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): ଭାରତର ପାର୍ଲାମେଣ୍ଟ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଓ ବିଧାନ ପରିଷଦର ପବ୍ଲିକ୍ ଆକାଉଣ୍ଟସ୍ କମିଟିର ଅଧ୍ୟକ୍ଷମାନଙ୍କର ସମ୍ମିଳନୀ କେରଳମ୍‌ର ଥିରୁଅନନ୍ତପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ଓଡ଼ିଶା ବିଧାନସଭାର ପବ୍ଲିକ୍ ଆକାଉଣ୍ଟସ୍ କମିଟିର ଅଧ୍ୟକ୍ଷା ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ 'ଅଡ଼ିଟ୍, ଉତ୍ତରଦାୟିତ୍ୱ ଏବଂ ସୁଶାସନ' ଉପରେ ନିଜର ଅଭିମତ ଉପସ୍ଥାପନ କରି କହିଲେ ଯେ ଆମର ସଂସଦୀୟ ଗଣତନ୍ତ୍ରରେ ସାର୍ବଜନୀନ ହିସାବ କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଦ୍ୱାରା ସରକାରୀ ଅନୁଦାନର ବ୍ୟୟ ଉପରେ ନଜର ରହିବା ସହ ପାଣ୍ଠିର ଉଚିତ ବିନିଯୋଗ ପାଇଁ କାର୍ଯ୍ୟପାଳିକାକୁ ଉତ୍ତରଦାୟୀ କରିଥାଏ । ଅନୁଦାନର ବ୍ୟୟ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଏକ ଉତ୍ତମ ଆର୍ଥିକ ପରିଚାଳନା କ୍ଷେତ୍ରରେ ପବ୍ଲିକ୍ ଆକାଉଣ୍ଟସ୍ କମିଟି ପ୍ରତିଶ୍ରୁତିବଦ୍ଧ ହେବା ଉଚିତ । ଆମେ ନିଶ୍ଚିତ କରିବା ଦରକାର ଯେ ପ୍ରତ୍ୟେକଟି ଟଙ୍କା ଜନସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟୟ ହେଉଛି ଓ ରାଜ୍ୟ ତଥା ରାଷ୍ଟ୍ରର ବିକାଶରେ ଏହା ଯୋଡ଼ି ହୋଇପାରୁଛି । ସମ୍ମିଳନୀରେ ଯୋଗଦେଇ ଓଡ଼ିଶା ପବ୍ଲିକ୍ ଆକାଉଣ୍ଟସ୍ କମିଟିର ସଭ୍ୟ ବିଧାୟକ ଡ. ଅରୁଣ କୁମାର ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ, ପାର୍ଲିଆମେଣ୍ଟ ପବ୍ଲିକଆକାଉଣ୍ଟସ କମିଟିର ଅଧ୍ୟକ୍ଷ କେ. ସି ଭେନୁଗୋପାଲ, କେରଳମ୍‌ର ମୁଖ୍ୟମନ୍ତ୍ରୀ ଭି. ଡି. ସଥିଶନ୍ ପ୍ରମୁଖ ଯୋଗଦେଇଥିବାବେଳେ, ଏହି ସମ୍ମିଳନୀରେ ପାର୍ଲିଆମେଣ୍ଟ ସମେତ ୨୦ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରତିନିଧି ପ୍ରତିନିଧିତ୍ୱ କରୁଥିବା ବେଳେ,ଓଡ଼ିଶା ବିଧାନସଭାର ପବ୍ଲିକ୍ ଆକାଉଣ୍ଟସ୍ କମିଟିର ସଭ୍ୟ ବିଧାୟକ ରାମଚନ୍ଦ୍ର କାଡ଼ାମ୍, ଅମର କୁମାର ନାୟକ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଯୋଗ ଦେଇଛନ୍ତି ।

କାଶିପୁର ବ୍ଲକରେ ହିଣ୍ଡାଲ୍‌କୋ ମାଡ଼ିବସିଛି ଜଙ୍ଗଲଜମି ରାଜ୍ୟ ସରକାର ରଖନ୍ତୁ ଜବାବ : ହାଇକୋର୍ଟ

କଟକ,(ସବ୍ୟୁ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ପ୍ରସ୍ତାବିତ ଆଲୁମିନା ରିଫାଇନାରୀ ପ୍ରକଳ୍ପ ପାଇଁ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା 'ମେସର୍ସ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍' ପକ୍ଷରୁ ବେଆଇନ ଭାବେ ସରକାରୀ ତଥା ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ ଘଟଣାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଖାଲକୋଣା ଗ୍ରାମର ସମାଜସେବୀ ବାଞ୍ଛାନିଧି ବାଘଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, କାଶୀପୁର ତହସିଲ ଅଧୀନ କଂସାରିଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ହିଣ୍ଡାଲ୍‌କୋ କମ୍ପାନୀକୁ ମିଳିଥିବା ବୈଧ ଜମି ବ୍ୟତୀତ ବହୁ ସରକାରୀ ତଥା ଗ୍ରାମ୍ୟ ଜଙ୍ଗଲ କିସମର ଜମିକୁ ଜବରଦଖଲ କରି ନିର୍ମାଣ କାର୍ଯ୍ୟ ଚଳାଇଛି। ପ୍ରାୟ ୪ ଏକର ଗ୍ରାମ୍ୟ ଜଙ୍ଗଲ ଜମିକୁ କମ୍ପାନୀ ଅନଧିକାର ଭାବେ ମାଡ଼ି ବସିଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲ୍ଲା ଏକ ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। କେନ୍ଦ୍ର ସରକାରଙ୍କ ବିଧିବଦ୍ଧ ମଞ୍ଜୁରୀ କିମ୍ବା ସ୍ଥାନୀୟ ଗ୍ରାମସଭାର ଅନୁମୋଦନ ବିନା କୌଣସି ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟ କିମ୍ବା ଶିଳ୍ପ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ । ଏହାସତ୍ତ୍ୱେ କମ୍ପାନୀ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛି ଏବଂ ସ୍ଥାନୀୟ ପ୍ରଶାସନ ତଥା ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଦର୍ଶାଇ ପ୍ରଶାସନିକ ଉଚ୍ଛେଦ ଓ ସର୍ଭେ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ପକ୍ଷରଖି ଦର୍ଶାଇଥିଲେ ଯେ, ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗ ପତ୍ର ଏବେସୁଦ୍ଧା ରାୟଗଡ଼ା ଡିଏଫଓଙ୍କ ନଜରକୁ ଆସିନାହିଁ । ତେଣୁ ସମ୍ପୃକ୍ତ ଅଞ୍ଚଳର ସ୍ଥିତି ତଥା ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରି ଜଣାଇବା ପାଇଁ ସରକାରଙ୍କ ପକ୍ଷରୁ ସମୟ ଲୋଡ଼ାଯାଇଥିଲା। ଅଦାଲତ ଏଥିପାଇଁ ସରକାରଙ୍କୁ ସମୟ ଦେଇଛନ୍ତି।

ଖୋର୍ଦ୍ଧା ରୋଡ୍ ଓ ଆନନ୍ଦ ବିହାର ଟର୍ମିନାଲ ମଧ୍ୟରେ ୱାନ-ୱେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ-ଏନ୍‌ସିଆର୍ ମଧ୍ୟରେ ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ୍ ଓ ଆନନ୍ଦ ବିହାର



ଟର୍ମିନାଲ ମଧ୍ୟରେ ଉଭୟ ଦିଗରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୮୪୦୭ ଖୋର୍ଦ୍ଧା ରୋଡ୍-ଆନନ୍ଦ ବିହାର ଟର୍ମିନାଲ ସ୍ୱତନ୍ତ୍ର ଟ୍ରେନ୍ ୭ ନଭେମ୍ବର ୨୦୨୬ (ଶନିବାର) ଖୋର୍ଦ୍ଧା ରୋଡ଼ରୁ ଅପରାହ୍ନ ୧୨ଟା ୧୫ ମିନିଟ୍‌ରେ ଛାଡ଼ି ୮ ନଭେମ୍ବର ୨୦୨୬ (ରବିବାର) ରାତି ୧୦ଟା ୩୦ ମିନିଟ୍‌ରେ ଆନନ୍ଦ ବିହାର ଟର୍ମିନାଲରେ ପହଞ୍ଚିବ। ଫେରିବା ଦିଗରେ, ଟ୍ରେନ୍ ନମ୍ବର ୦୮୪୦୮ ଆନନ୍ଦ ବିହାର ଟର୍ମିନାଲ-ଖୋର୍ଦ୍ଧା ରୋଡ୍ ସ୍ୱତନ୍ତ୍ର ଟ୍ରେନ୍ ୯ ନଭେମ୍ବର ୨୦୨୬ (ସୋମବାର) ରାତି ୧୨ଟା ୩୦ ମିନିଟ୍‌ରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ି ୧୦ ନଭେମ୍ବର ୨୦୨୬ (ମଙ୍ଗଳବାର) ସକାଳ ୧୦ଟା ୪୫ ମିନିଟ୍‌ରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ।

ଏହି ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ହିଜିଳି, ମେଦିନାପୁର, ବିଷ୍ଣୁପୁର, ବାଙ୍କୁରା, ଆଦ୍ରା, ଗୋମୋ, କୋଡରମା , ଗୟା ଜଙ୍କସନ, ଦେହରି ଅନ୍ ସୋନ୍, ସାସାରାମ, ଭଭୁଆ ରୋଡ୍, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କସନ, ସୁବେଦାରଗଞ୍ଜ, ଗୋବିନ୍ଦପୁରୀ ଏବଂ ଗାଜିଆବାଦ ଷ୍ଟେସନରେ ରହଣି କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ମୋଟ ୧୮ଟି କୋଚ୍ ରହିବ। ସେଥିମଧ୍ୟରେ ୪ଟି ଏସି ତିନି-ଟାୟାର, ୧ଟି ଏସି ଦୁଇ-ଟାୟାର, ୭ଟି ସ୍ଲିପର୍ ଶ୍ରେଣୀ, ୪ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଏବଂ ଦିବ୍ୟାଙ୍ଗଜନ ଅନୁକୂଳ ସୁବିଧା ସହ ୨ଟି ଲଗେଜ୍-କମ୍-ଜେନେରେଟର-କମ୍-ବ୍ରେକ୍ ଭ୍ୟାନ୍ ରହିବ। ଏହି ସ୍ୱତନ୍ତ୍ର ଟ୍ରେନରେ ମୋଟ ୧୮ଟି କୋଚ ରହିବ: ସି ୩-ଟାୟାର୍ – ୪ଟିଟି କୋଚ, ଏସି ୨-ଟାୟାର୍ – ୧ଟିଟି କୋଚ, ସ୍ଲିପର୍ କ୍ଲାସ୍ – ୦୭ଟି କୋଚ, ସାଧାରଣ ଶ୍ରେଣୀ – ୦୪ଟି କୋଚ, ଦିବ୍ୟାଙ୍ଗ-ଅନୁକୂଳ ସୁବିଧା ସହିତ ଲଗେଜ୍-କମ୍-ଜେନେରେଟର-କମ୍-ବ୍ରେକ୍ ଭ୍ୟାନ୍ – ୦୨ଟି କୋଚ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡର ଭବିଷ୍ୟତ ପାଇଁ

ପ୍ରସ୍ତୁତ କର୍ମବଳ ଗଠନରେ ପଦକ୍ଷେପ ଅତ୍ୟନ୍ତ ପ୍ରସଂସନିୟ

ଭୁବନେଶର, (ସବ୍ୟୁ) : ଏକ ଆଧୁନିକ ଆଲୁମିନିୟମ ଶିଳ୍ପର ସଫଳତାର କାହାଣୀ ସାଧାରଣତଃ ଉତ୍ପାଦନ ରେକର୍ଡ, କ୍ଷମତା ସମ୍ପ୍ରସାରଣ, କାର୍ଯ୍ୟକ୍ଷମତାର ମାଇଲଖୁଂଟ ଏବଂ ସ୍ଥାୟୀତ୍ୱ ଲକ୍ଷ୍ୟ ଭଳି ସଂଖ୍ୟାକୁ ନେଇ ଗଢ଼ିଉଠେ। କିନ୍ତୁ ଶିଳ୍ପର ପରିବର୍ତ୍ତିତ ସ୍ୱରୂପ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରଭାବରେ କାର୍ଯ୍ୟକ୍ଷେତ୍ରରେ ନୂଆ ପରିବର୍ତ୍ତନ ଆସୁଥିବା ବେଳେ ଆଉ ଏକ ଦିଗ ଗୁରୁତ୍ୱ ହାସଲ କରୁଛି। ତାହା ହେଉଛି ଲୋକଙ୍କ ଶିଖିବା, ପରିବର୍ତ୍ତନ ସହ ଖାପ ଖୁଆଇବା ଏବଂ ଆଗକୁ ବଢ଼ିବାର କ୍ଷମତା। ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମବଳ ଗଠନ କେବଳ ଦକ୍ଷ କର୍ମଚାରୀ ନିଯୁକ୍ତିରେ ସୀମିତ ନୁହେଁ। ଦ୍ରୁତ ପରିବର୍ତ୍ତନଶୀଳ ଶିଳ୍ପ ପରିବେଶରେ କର୍ମଚାରୀମାନେ ଯେପରି ସଫଳତାର ସହ କାର୍ଯ୍ୟ କରିପାରିବେ, ସେଥିପାଇଁ ଆବଶ୍ୟକ ଦକ୍ଷତା, ଉପକରଣ, ସୁଯୋଗ ଓ ସହଯୋଗ ଯୋଗାଇଦେବା ଏହାର ମୂଳ ଲକ୍ଷ୍ୟ। କମ୍ପାନୀ ନିଜର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଶିକ୍ଷା, ଡିଜିଟାଲ ଦକ୍ଷତା, ସମାବେଶୀ ପରିବେଶ, ନୂତନ ପିଢ଼ିର ପ୍ରତିଭା ବିକାଶ ଏବଂ କର୍ମଚାରୀଙ୍କ ସୁସ୍ଥତା ଉପରେ ନିବେଶ କରୁଛି। ଦୀର୍ଘମିଆଦୀ ଅଭିବୃଦ୍ଧି ପ୍ରଯୁକ୍ତି ଓ ଭିତିଭୂମି ଭଳି ମାନବ ସମ୍ବଳ ଉପରେ ମଧ୍ୟ ନିର୍ଭରଶୀଳ ବୋଲି କମ୍ପାନୀ ସ୍ୱୀକାର କରିଛି।

ଏହି ଦୃଷ୍ଟିକୋଣ କମ୍ପାନୀରେ ଗଢ଼ିଉଠୁଥିବା ନବସୃଜନର ସଂସ୍କୃତିରେ ପ୍ରତିଫଳିତ ହେଉଛି। ଲଞ୍ଜିଗଡ଼ସ୍ଥିତ ଆଲୁମିନା ବିଶୋଧନାଗାରରେ କର୍ମଚାରୀମାନେ କାର୍ଯ୍ୟଦକ୍ଷତା, ନିର୍ଭରଯୋଗ୍ୟତା ଏବଂ ସମ୍ବଳର ସର୍ବୋତମ ବ୍ୟବହାରକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟଗତ ଉନ୍ନତିରେ ଅବଦାନ ରଖୁଛନ୍ତି। ୨୦୨୬ରେ ଉତ୍ପାଦନ ଉତ୍କର୍ଷ ପୁରସ୍କାର ଅବସରରେ ବିଶୋଧନାଗାରର ସାତଟି



ଦଳକୁ ସ୍ୱୀକୃତି ମିଳିଥିଲା। ଏଥିରେ ମିଶ୍ରଣ ଟାଙ୍କିର ନିର୍ଭରଯୋଗ୍ୟତା ବୃଦ୍ଧିଠାରୁ ଆରମ୍ଭ କରି କ୍ୟାଲସିନର୍ କାର୍ଯ୍ୟରେ ଜଳ ବ୍ୟବହାର ହ୍ରାସ ପର୍ଯ୍ୟନ୍ତ ବିଭିନ୍ନ ପ୍ରକଳ୍ପ ସାମିଲ ଥିଲା। ଏହି ପଦକ୍ଷେପଗୁଡ଼ିକ ନିର୍ଦ୍ଦିଷ୍ଟ କାର୍ଯ୍ୟଗତ ସମସ୍ୟାର ସମାଧାନ କରିବା ସହ କର୍ମଚାରୀଙ୍କୁ ନୂଆ ସୁଯୋଗ ଚିହ୍ନଟ, ସମସ୍ୟାର ସମାଧାନ ଏବଂ ଫଳାଫଳର ଦାୟିତ୍ୱ ନେବାକୁ ଉତ୍ସାହିତ କରୁଥିବା ଏକ ବ୍ୟାପକ ମାନସିକତାକୁ ମଧ୍ୟ ଉଜାଗର କରିଛି। ଉତ୍ପାଦନ କ୍ଷେତ୍ର ଅଧିକ ପ୍ରଯୁକ୍ତିନିର୍ଭର ହେଉଥିବାରୁ ଶିଖିବା, ପରିବର୍ତ୍ତନ ସହ ଖାପ ଖୁଆଇବା ଏବଂ ନବସୃଜନର କ୍ଷମତା ବୈଷୟିକ ଦକ୍ଷତା ଭଳି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ପରିବର୍ତ୍ତନ ସହ କର୍ମଚାରୀମାନଙ୍କୁ ତାଳ ମିଳାଇବାରେ ସହାୟତା କରିବା ପାଇଁ ବେଦାନ୍ତ ଆଲୁମିନିୟମ ଶିକ୍ଷା ଓ ଦକ୍ଷତା ବିକାଶର ନୂତନ ପଦ୍ଧତି ଉପରେ ନିବେଶ କରୁଛି। ଏଥିସହ ବେଦାନ୍ତ ଆଲୁମିନିୟମ ନିଜ କର୍ମବଳରେ ଅଧିକ ସମାନ ଅଂଶଗ୍ରହଣ ଓ ସୁଯୋଗ ସୃଷ୍ଟି ଦିଗରେ ମଧ୍ୟ ପଦକ୍ଷେପ ନେଉଛି। ଝାରସୁଗୁଡ଼ାରେ ଏକ ସମ୍ପୂର୍ଣ୍ଣ ମହିଳା ରେଳ ଇଞ୍ଜିନ୍ ଚାଳକ ଦଳ ଗୁରୁତ୍ୱପୂର୍ଣ୍ଣ ପରିବହନ କାର୍ଯ୍ୟ ପରିଚାଳନା କରୁଛି। ଏହା ଦର୍ଶାଉଛି ଯେ କମ୍ପାନୀରେ ଅନ୍ତର୍ଭୁକ୍ତିମୂଳକ ପରିବେଶ କେବଳ ପ୍ରତିନିଧିତ୍ୱରେ ନୁହେଁ, ବରଂ କାର୍ଯ୍ୟଗତ ଦାୟିତ୍ୱ ନିର୍ବାହରେ ମଧ୍ୟ ପ୍ରତିଫଳିତ ହେଉଛି। କାର୍ଯ୍ୟଗତ ଉତ୍କର୍ଷ ହାସଲ, ନବସୃଜନକୁ ଆପଣାଇବା, ଭବିଷ୍ୟତର ପ୍ରତିଭାଙ୍କୁ ମାର୍ଗଦର୍ଶନ କରିବା କିମ୍ବା ଅଧିକ ସମାବେଶୀ କାର୍ଯ୍ୟପରିବେଶ ଗଢ଼ିବା ପ୍ରତ୍ୟେକ କ୍ଷେତ୍ରରେ କର୍ମଚାରୀମାନେ କମ୍ପାନୀର ଅଗ୍ରଗତିର କେନ୍ଦ୍ରବିନ୍ଦୁରେ ରହିଛନ୍ତି। ଏହା ପ୍ରମାଣ କରୁଛି ଯେ ପ୍ରତ୍ୟେକ ସଫଳତାର ପଛରେ ରହିଛି ମଣିଷର ଏକ ପ୍ରେରଣାଦାୟକ କାହାଣୀ।

ଆବାସିକ ବିଦ୍ୟାଳୟରେ ନାବାଳିକା ଛାତ୍ରୀଙ୍କ ପ୍ରସବ ଘଟଣା

ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଏକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ସହ ହଷ୍ଟେଲରେ ଏକ ଶିଶୁପୁତ୍ରକୁ ଜନ୍ମ ଦେବା ଘଟଣାକୁ ନେଇ ଜିଲ୍ଲାରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଏହି ସମ୍ବେଦନଶୀଳ ଘଟଣାକୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ସମଗ୍ର ଘଟଣାର ନ୍ୟାୟିକ ତଦନ୍ତ, ଦୋଷୀଙ୍କ ତୁରନ୍ତ ଗିରଫ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ଦାବି କରାଯାଇଛି ।

ଘଟଣାର ଗମ୍ଭୀରତା ଅନୁଧ୍ୟାନ କରିବା ସହ ପୀଡ଼ିତାଙ୍କ ସ୍ଥିତି ଓ ସୁରକ୍ଷା ସମ୍ପର୍କରେ ଜାଣିବା ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ଘଟଣା ଆବାସିକ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ଓ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି ବୋଲି ପ୍ରତିନିଧି ଦଳ ମତବ୍ୟକ୍ତ କରିଥିଲା । ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି ଯେ, ଜଣେ ନାବାଳିକା ଛାତ୍ରୀ ପ୍ରାୟ ସାତ ମାସ ଧରି ଗର୍ଭବତୀ ଥିବା ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଏହା ଜାଣିପାରିଲେ ନାହିଁ। ବିଶେଷକରି କେଜିବିଭି ବିଦ୍ୟାଳୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ଥିବାବେଳେ ଏତେ ଗୁରୁତର ଘଟଣା କିପରି ଦୃଷ୍ଟିକୁ ଆସିଲା ନାହିଁ, ତାହା ତଦନ୍ତସାପେକ୍ଷ। ଏହା ବିଦ୍ୟାଳୟର ତଦାରଖ ଓ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ଅବହେଳାକୁ ସୂଚାଉଛି ବୋଲି ଦଳ ଅଭିଯୋଗ କରିଛି । ଏଥିସହ ନବଜାତ ଶିଶୁକୁ ଉପଯୁକ୍ତ ଚିକିତ୍ସା, ଯତ୍ନ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ଅବହେଳା ହୋଇଥିବା ଖବରକୁ ନେଇ ମଧ୍ୟ ଦଳ ଉଦ୍‌ବେଗ ପ୍ରକାଶ କରିଛି ।

ଛାତ୍ରୀ ଜଣକ କେଉଁ ପରିସ୍ଥିତିରେ ଗର୍ଭବତୀ ହେଲେ ଏବଂ ଏହି ଘଟଣା ପଛରେ କେଉଁମାନେ ଦାୟୀ, ତାହାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରିବାକୁ ଦାବି ହୋଇଛି । ପୀଡ଼ିତା ଓ ତାଙ୍କ ନବଜାତ ଶିଶୁଙ୍କୁ ଆବଶ୍ୟକ ଚିକିତ୍ସା, ମାନସିକ ପରାମର୍ଶ, ସୁରକ୍ଷା ଓ ଥଇଥାନ ସୁବିଧା ଯୋଗାଇଦେବା ସହ ସେମାନଙ୍କ ମର୍ଯ୍ୟାଦା ଓ ଗୋପନୀୟତା ରକ୍ଷା କରିବାକୁ ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ ବେତନଟୀ ବ୍ଲକ ସଭାପତି ରାଜୀବ ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ ଓ ଧାନି କିସ୍କୁ, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ିଙ୍କ ସମେତ ଜ୍ୟୋତି ସାମଲ, ସନ୍ତୋଷ ଜେନା, ସୁଶାନ୍ତ କୁମାର ବଳ, ଚିତେଶ୍ୱର ବେହେରା, ମନୀଷ ଗିରି, ଦୀପକ ସାହୁ ଓ ଅନିଲ ସିଂ ପ୍ରମୁଖ ସାମିଲ ହୋଇଥିଲେ ।



ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ପୀଡ଼ିତାଙ୍କୁ ନ୍ୟାୟପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ପ୍ରତିନିଧି ଦଳ ଦାବି କରିଛି । ଆସନ୍ତାକାଲି ସୁଦ୍ଧା ସରକାରଙ୍କ ପକ୍ଷରୁ ଠୋସ୍ ପଦକ୍ଷେପ ଗ୍ରହଣ କରାନଗଲେ ବିଜେଡି ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

ଦନ୍ତା ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ଘରେ ଶୋଇଥିବା ଲୋକେ

ଭଞ୍ଜନଗର, (ସବ୍ୟୁ) : ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ବନାଞ୍ଚଳର ଭୁରୁଡୁପଲ୍ଲୀ ଗାଁ ଅଞ୍ଚଳରେ ଚିନ୍ତା ବଢ଼ାଇଛି ଦନ୍ତାହାତୀ । ଗଲା କିଛି ଦିନ ହେଲା, ସନ୍ଧ୍ୟା ହେଲେ ସ୍ଥାନୀୟ ଅଞ୍ଚଳ ଜନଶୂନ୍ୟ ହୋଇ ପଡୁଛି ।

ସୂଚନା ପ୍ରକାରେ ଗାଲେରୀ ବନାଞ୍ଚଳର ଭୁରୁଡୁପଲ୍ଲି ଟଙ୍ଗା ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଗାଁ ଭିତରେ ଦନ୍ତାହାତୀ ଟି ଆତଙ୍କ ଖେଳାଇଥିଲା । ଗୋଟିଏ ପାନ ଦୋକାନ ଓ ଘର ଭାଙ୍ଗିଲା । ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଗାଁ ନିକଟରେ ଆତଙ୍କ ସୃଷ୍ଟି କଲା ଦନ୍ତା । ଗାଁର ଟଙ୍ଗା ସାହିରେ ପଶି, ଖଦାଳ ମଲ୍ଲିକ ଶୋଇଥିବା ସମୟରେ ଘରର କାନ୍ଥ ଭାଙ୍ଗି ଦେଇଥିଲା । ଘର ଲୋକ ପାଟିତୁଣ୍ଡ କରିବାରୁ ଦନ୍ତା ହାତୀ, ସେଠାରୁ ଚାଲିଯାଇଥିଲା । ଏହି ଘଟଣା ପରେ, ସନ୍ଧ୍ୟାହେଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଅନ୍ୟପକ୍ଷରେ ବନାଞ୍ଚଳରେ ପ୍ରାୟ ବର୍ଷେ ହେବ ବନାଞ୍ଚଳ ପଦବି ଖାଲି ପଡ଼ିଛି ।

ଏବେ ଗାଲେରୀ ବନାଞ୍ଚଳ ମୁରବି ଶୂନ୍ୟ ହୋଇ ପଡିଛି । ଲୋକେ ଗୁହାରି କରିବାକୁ ହେଲେ, ବନାଞ୍ଚଳ ଅଧିକାରୀଙ୍କୁ ଦେଖି ପାରୁନାହାନ୍ତି । ଯାହା ଫଳରେ, ଏବେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତି ପୂରଣ ଯୋଗାଇ ଦେବାପାଇଁ, କ୍ଷତିଗ୍ରସ୍ତ ପରିବାର ଏବଂ ଜନସାଧାରଣ ଦାବି କରିଛନ୍ତି ।

ବନ୍ୟା କ୍ଷତିଗ୍ରସ୍ତ ଧାନଜମି ବୁଲି ଦେଖିଲେ ଜିଲ୍ଲାପାଳ

କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଛତ୍ରପୁର, (ସବ୍ୟୁ) : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଧାନ ଫସଲ କ୍ଷତି ହୋଇଥିବାବେଳେ ଏହାର ସ୍ଥିତି ଅନୁଧ୍ୟାନ ପାଇଁ ଆଜି ଜିଲ୍ଲାପାଳ କ୍ଷତିଗ୍ରସ୍ତ ଧାନଜମି ପରିଦର୍ଶନ କରିଛନ୍ତି । ଛତ୍ରପୁର ତହସିଲ ଅନ୍ତର୍ଗତ ବଉଳଗାଁ ଓ ବରଙ୍ଗ ଅଂଚଳ ବନ୍ୟାଜଳରେ ବୁଡ଼ି ରହିଥିବା ଧାନଜମି, ବାଲି ମାଡ଼ି ଯାଇଥିବା ଜମି ଏବଂ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କ୍ଷେତ୍ର ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଚାଷୀଙ୍କ କ୍ଷୟକ୍ଷତିର ସଠିକ୍ ଆକଳନ କରି ଯଥାଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି ପଠାଇବାକୁ ଜିଲ୍ଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କ୍ଷତିଗ୍ରସ୍ତ ଚାଷଜମିର ଆକଳନ କାର୍ଯ୍ୟରେ ତହସିଲଦାର,



ବୈଷୟିକ ଟିମ୍ ଏବଂ କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି । ଚାଷୀମାନଙ୍କୁ କିପରି ତ୍ୱରିତ କ୍ଷତିପୂରଣ ଓ ସହାୟତା ମିଳିପାରିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପରିଦର୍ଶନ ସମୟରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତିଙ୍କ ସମେତ କୃଷି ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମ ଶୋଚନୀୟ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମ ଶୋଚନୀୟ ଅବସ୍ଥାରେ ରହିଛି । ସମଗ୍ର ଷ୍ଟାଡିୟମର ଭୂପୃଷ୍ଠ ଅସମତୁଲ ସହ ଲାଜକୁଳୀ ଲତାରେ ପରିପୂର୍ଣ୍ଣ ରହିଛି । କେତେକ ସ୍ଥାନରେ ଲଟାବୁଦା ଯୋଗୁଁ ଖେଳାଖେଳି ସମୟରେ ଜନ୍ତୁଜନ୍ତାଙ୍କ ଭୟ ରହୁଛି । ଅନ୍ୟପକ୍ଷରେ ଷ୍ଟାଡିୟମର ପାଚେରୀ ଦୁଇଟି ସ୍ଥାନରେ ଭାଙ୍ଗି ଯାଇଛି । ଗତ ଗ୍ରୀଷ୍ମ ଅବକାଶରେ କାଳବୈଶାଖି ପ୍ରଭାବରେ ଗୋଟିଏ ସ୍ଥାନରେ ପାଚେରୀର କିଛି ଅଂଶ ଭାଙ୍ଗି ଯାଇଥିବାବେଳେ ଅନ୍ୟ ଏକ ସ୍ଥାନରେ ଷ୍ଟାଡିୟମକୁ ଅବାଧ ପ୍ରବେଶ କରୁଥିବା ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି । ଏଥିସହ ଷ୍ଟାଡିୟମ ଭିତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଘରଟି ପାନୀୟ ଜଳ ସମସ୍ୟା ସାଙ୍ଗକୁ ଅନ୍ୟାନ୍ୟ ଆନୁସଙ୍ଗିକ ଅବ୍ୟବସ୍ଥା ହେତୁ ତାହା କ୍ରୀଡାବିତଙ୍କ କୌଣସି କାର୍ଯ୍ୟରେ ବ୍ୟବହାର ପାଇଁ ଅନୁପୋଯୋଗୀ ହୋଇପଡିଛି । ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ଗଣ ଏବଂ ସରକାରୀ ଅଧିକାରୀମାନଙ୍କର ଅପାରଗତା ଓ ଉଦାସୀନତା ମନୋଭାବ ଯୋଗୁଁ ବୁଗୁଡା ଅଞ୍ଚଳର କେଉଁଠି ହେଲେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ଉପଯୁକ୍ତ କ୍ରୀଡା ପ୍ରାଙ୍ଗଣଟିଏ ନଥିବା ବେଳେ ବାଧ୍ୟବାଧକତା ହେତୁ ସହର ମଧ୍ୟରେ ଶୋଚନୀୟ ଅବସ୍ଥାରେ ଥିବା ଏହି ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମରେ ଅନେକ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାମଚଳା କ୍ରୀଡା ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଅଛି । ଏହି ମିନି ଷ୍ଟାଡିୟମରେ ଆୟୋଜିତ ଅନେକ ସରକାରୀ ଏବଂ ରାଜନୈତିକ କାର୍ଯ୍ୟକ୍ରମରେ ବହୁ ବଡବଡ ନେତା ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇ ଫେରିଥିଲେ ହେଁ ଏହାର ଦୂରବସ୍ଥାକୁ ଅଣଦେଖା କରିଛନ୍ତି । କିଛି ବର୍ଷ ତଳେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଏହି ମିନି ଷ୍ଟାଡିୟମଟି ନିର୍ମାଣ କରିବା ସମୟରେ ମଧ୍ୟ ପଡିଆଟିକୁ ସମତୁଲ କରାଯାଇନଥିଲା । ଯାହାକି ଆଜି ପର୍ଯ୍ୟନ୍ତ ସେହିପରି ଅସମତୁଲ ଅବସ୍ଥାରେ ରହିଛି । ଷ୍ଟାଡିୟମର ଭଙ୍ଗା ପାଚେରୀ ନିର୍ମାଣ ନିମନ୍ତେ ପୂର୍ବରୁ ପିପୁଲ୍ଲ ହାଇସ୍କୁଲ କର୍ତ୍ତୃପକ୍ଷ ସ୍ଥାନୀୟ ପୂର୍ତ୍ତ ବିଭାଗକୁ ନିବେଦନ କରିଥିଲେ ହେଁ ତାହାର କୌଣସି ସୁଫଳ ମିଳିନଥିଲା ବେଳେ ଏବେ ପୁଣି ବିଭାଗୀୟ ଭଞ୍ଜନଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏଥି ପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିବା ଜଣାଯାଇଛି । ତେବେ ଭଗ୍ନ ପାଚେରୀ ନିର୍ମାଣ ସହ ସୁବ୍ୟବସ୍ଥିତ ତଥା କ୍ରୀଡା ପ୍ରତିଯୋଗିତା ଆୟୋଜନ ଉପଯୋଗୀ କରିବା ଦିଗରେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ଫୁଲବାଣୀ ଠାରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ

୬୨ ଅଭିଯୋଗର ଶୁଣାଣି, ୧୭ ଜଣଙ୍କୁ ପେନସନ ଆଦେଶପତ୍ର

ଫୁଲବାଣୀ, (ସବ୍ୟୁ) : ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ), ରାଜ୍ୟ ଲେଖା ନିୟନ୍ତ୍ରକଙ୍କ ମିଳିତ ସହଯୋଗରେ ଓ କନ୍ଧମାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଗୁରୁବାର ଫୁଲବାଣୀ ସ୍ଥିତ ପଂଚାୟତ ଭବନ ପରିସରରେ ଥିବା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ପେନସନ ଅଦାଲତରେ ଫୁଲବାଣୀ ଜିଲ୍ଲାର ୩୬୦ଟି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କ ପେନସନ ଓ ଭବିଷ୍ୟନିଧି ଅଭିଯୋଗ ଓ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗର ଶୁଣାଣି କରାଯାଇଥିଲା ।

ଏହି ପେନସନ ଅଦାଲତରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପେନସନ ଓ ଭବିଷ୍ୟନିଧି ଉପ ମହାଲେଖାକାର କେ. ନାଗେଶ୍ୱର ରାଓ, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ. ଜେ ଦଳାଇ, କୁଶଳ ଚନ୍ଦ୍ର ନାୟକ, ସାଧାରଣ ପ୍ରଶାସନ ବିଭାଗର ଯୁଗ୍ମ ଶାସନ ସଚିବ ଅସିତ କୁମାର ପାଣି, ଉପ ଜିଲ୍ଲାପାଳ ଚିରଞ୍ଜିବୀ ସାହୁ, ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର, ବିଶ୍ୱାସ କୁମାର ସିହ୍ନା, ରୋହିତ କୁମାର, ଓମ ପ୍ରକାଶ, ସହକାରୀ ଲେଖା ନିୟନ୍ତ୍ରକ ଅଶ୍ୱନୀ ବାରା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅଭିଯୋଗ ଶୁଣାଣି କରିଥିଲେ । ନିର୍ଦ୍ଦେଶକ ଶ୍ରୀ ସ୍ୱାଇଁ ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ ବକେୟା ପ୍ରାପ୍ୟ ଯେପରି ଠିକ ସମୟରେ ପାଇ ପାରିବେ ଓ ସେମାନଙ୍କର ପେନସନ ଆବେଦନ ଅବସର ପୂର୍ବରୁ ଏଜି କାର୍ଯ୍ୟାଳୟରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ବିଭାଗୀୟ ମୁଖ୍ୟ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପେନସନ ମଞ୍ଜୁରକର୍ତ୍ତାମାନେ ପ୍ରୋଭିଜିନାଲ ପେନସନ ମଞ୍ଜୁରୀ କରିଦେଇ ଫାଇନାଲ ପେନସନ ପାଇଁ ଏଜିକୁ ପଠାଇବାକୁ ବହୁ ବିଳମ୍ବ କରୁଥିବାରୁ ପ୍ରୋଭିଜିନାଲ ପେନସନ ମଂଜୁର ନକରି ଫାଇନାଲ ପେନସନ ପାଇ ଏଜିକୁ ତାଙ୍କ ଆବେଦନ ପତ୍ର ପଠାଇବା ପାଇଁ କହିଥିଲେ । ଉପ ମହାଲେଖାକାର ରାଓ ଅବସର ନେବାକୁ ଥିବା କର୍ମଚାରୀମାନଙ୍କର ଅବସରକାଳୀନ ଏଜି କାର୍ଯ୍ୟାଳୟକୁ ପଠାଯିବ ସେ ବିଷୟରେ ମାର୍ଗ ଦର୍ଶନ କରିବା ସହ ଅବସରର ୨ମାସ ପୂର୍ବରୁ ଏଜିକୁ ପଠାଇବାକୁ ଅନୁରୋଧ କରିଥିଲେ ।

ଏହି ପେନସନ ଅଦାଲତରେ ୬୨ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କର ଅଭିଯୋଗର ଶୁଣାଣି କରାଯିବା ସହ ଏହାର ସମାଧାନ ସହ ୧୭ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସେମାନଙ୍କର ପେନସନ ଆଦେଶପତ୍ର ସେମାନଙ୍କୁ ପ୍ରଦାନ କରା ଯାଇଥିଲା । ଏହି ପେନସନ ଅଦାଲତରେ କନ୍ଧମାଳ ଜିଲ୍ଲାର ୮୮ଜଣ ପେନସନ ମଞ୍ଜୁରୀକର୍ତ୍ତା ଓ ଡିଡିଓ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାରିପଦା, (ସବ୍ୟୁ) : ସ୍ଥାନୀୟ ସହିଦ ସ୍ମୃତି ଭବନଠାରେ ଗୁରୁବାର ବାରିପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଓ ସାଂସ୍କୃତିକ ଦକ୍ଷତାକୁ ପ୍ରୋତ୍ସାହନ ଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଉଦ୍‌ଘାଟନୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଏବଂ ୩୦ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ନରେନ୍ଦ୍ର ହାଁସଦା ଯୋଗଦେଇ ଶିଶୁ ମହୋତ୍ସବ ସୁରଭି ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଆତ୍ମବିଶ୍ୱାସ ବୃଦ୍ଧିର ଏକ ଉତ୍ତମ ମଞ୍ଚ ବୋଲି ମତପ୍ରକାଶ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସଙ୍କ ଦିଗଦର୍ଶନରେ ଆୟୋଜିତ ଏହି ମହୋତ୍ସବକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ପରିଚାଳନା କରିଥିଲେ । ଶିକ୍ଷକ ଗୌତମ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ ସାଂସ୍କୃତିକ କାର୍ଯ୍ୟକ୍ରମର ଦାୟିତ୍ୱ ତୁଲାଇଥିଲେ । ଏହି ମହୋତ୍ସବରେ ବ୍ଲକର ୧୩ଟି କ୍ଲଷ୍ଟରରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୨ଟି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛି । ସେହିପରି ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୭ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ମହୋତ୍ସବରେ ଅଂଶଗ୍ରହଣ କରିବେ । ଏଥିସହ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ରାଜ୍ୟ ଏବଂ ଜାତୀୟସ୍ତରକୁ ମନୋନୀତ ହୋଇ ବ୍ଲକ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଓରମାସ୍‌ର ସ୍ୱତନ୍ତ୍ର ଦୀପାବଳି ହସ୍ତଶିଳ୍ପ ଷ୍ଟଲ୍ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ସଂଗଠନ ଓ ସ୍ଥାନୀୟ କାରିଗରଙ୍କ ହାତ ତିଆରି ସାମଗ୍ରୀକୁ ବଜାର ସୁଯୋଗ ଯୋଗାଇବା ସହ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓରମାସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଦୀପାବଳି ହସ୍ତଶିଳ୍ପ ଷ୍ଟଲ୍ ଉଦଘାଟିତ ହୋଇଛି । ଗୁରୁବାର ଏହି ଷ୍ଟଲକୁ ମୟୂରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ।

ଏହି ଅବସରରେ ଶ୍ରୀ ବେହେରା କହିଥିଲେ ଯେ, ଏଭଳି ଷ୍ଟଲ୍ ଗ୍ରାମୀଣ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ କାରିଗରଙ୍କ ପାଇଁ ନିଜ ଉତ୍ପାଦକୁ ବ୍ୟାପକ ଭାବେ ପ୍ରଚାରପ୍ରସାର କରିବା ସହ ଉପଯୁକ୍ତ ବଜାର ସଂଯୋଗ ସୃଷ୍ଟି କରିବାର ଏକ ଉତ୍ତମ ମାଧ୍ୟମ । ଏହାଦ୍ୱାରା ଉତ୍ପାଦର ଚାହିଦା ଓ ବିକ୍ରି ବୃଦ୍ଧି ପାଇବା ସହ ଗ୍ରାମୀଣ ପରିବାରର ଆୟ ବୃଦ୍ଧି ହୋଇପାରିବ । ଏଥିସହ ସ୍ଥାନୀୟ ହସ୍ତଶିଳ୍ପ ଓ ପାରମ୍ପରିକ କଳାକୃତିର ସୁରକ୍ଷା ଏବଂ ପ୍ରୋତ୍ସାହନ ପାଇଁ ଲୋକମାନେ ସ୍ଥାନୀୟ ଉତ୍ପାଦ କ୍ରୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଷ୍ଟଲ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଓ ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ, ପରିବେଶ ଅନୁକୂଳ ଟେରାକୋଟା ଉତ୍ପାଦ ଓ ପାରମ୍ପରିକ କଳାକୃତି ପ୍ରଦର୍ଶିତ ହୋଇଛି । ଦୀପାବଳି ଅବସରରେ ଏହି ପଦକ୍ଷେପ ସ୍ଥାନୀୟ କାରିଗରଙ୍କ ସୃଜନଶୀଳତାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଉତ୍ପାଦର ବିକ୍ରୟ ପାଇଁ ଏକ ଉତ୍ତମ ମଞ୍ଚ ସୃଷ୍ଟି କରିଛି । କାର୍ଯ୍ୟକ୍ରମରେ ଓରମାସ୍‌ର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା, ପ୍ରୋଜେକ୍ଟ ମ୍ୟାନେଜର (ଜୀବିକା) ମଧୁସ୍ମିତା ଭୂୟାଁ, ପ୍ରୋଜେକ୍ଟ ମ୍ୟାନେଜର (ଗ୍ରାମୀଣ ଗୃହ ନିର୍ମାଣ) କନ୍ୟାକୁମାରୀ ମିଶ୍ରଙ୍କ ସମେତ ମୟୂରଭଞ୍ଜ ସବାଇ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ । ଓରମାସ୍ ମୟୂରଭଞ୍ଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ ।

ବ୍ୟାଙ୍କ ଅଫ୍ ବରୋଦା / Bank of Baroda

ଭଦ୍ରକ ଶାଖା

ମୋହନ ପ୍ଲାଜା, ରାଜଘାଟ ଛକ, ଭଦ୍ରକ-୭୫୬୧୦୦,
ମୋ ନଂ.: ୭୦୬୭୭୨୭୦୭୨

ନୋଟିସ୍

ଏତଦଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ଭଦ୍ରକ ଶାଖା, ମେସର୍ସ ଶ୍ରୀ ବିନାୟକ ଆଗ୍ରୋ ଉଦ୍ୟୋଗଙ୍କ** ଅନୁରୋଧ କ୍ରମେ **ମେସର୍ସ ଶ୍ରୀ ବିନାୟକ ଆଗ୍ରୋ ଉଦ୍ୟୋଗଙ୍କ** ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି ଯାହାର ସା: କୁଆଁସ, ପୋ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡିଶା, ପିନ୍-୭୫୬୧୦୦ରେ ଅବସ୍ଥିତ ଥିବା ସମ୍ପତ୍ତିକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି ।

ଯଦି କାହାରି ନିମ୍ନଲିଖିତ ସମ୍ପତ୍ତି ଉପରେ କୌଣସି ଅଧିକାର/ମାଲିକାନା/ସ୍ୱାର୍ଥ/ଦାବି ଥାଏ, ସେମାନଙ୍କୁ ୧୦ ଦିନ ମଧ୍ୟରେ ସେମାନଙ୍କର ଅଧିକାର ସମ୍ବନ୍ଧୀୟ ଆବଶ୍ୟକୀୟ ପ୍ରମାଣ ସହିତ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଅଛି ।

ଯଦି **୧୦ ଦିନ** ମଧ୍ୟରେ କୌଣସି ଉତ୍ତର ନମିଳେ, ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ।

ସମ୍ପତ୍ତି-୧ : ଶ୍ରୀ ମେସର୍ସ ଶ୍ରୀ ବିନାୟକ ଆଗ୍ରୋ ଉଦ୍ୟୋଗଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଏରେଇଁ, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୦୦, ଖାତା ନଂ: ୧୩୪୫/୧୫୮୮, ପ୍ଲଟ୍ ନଂ.: ୩୨୩/୫୨୫୩, କ୍ଷେତ୍ର: ଏକର ୦.୩୬୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୨୦, ପଶ୍ଚିମ: ପ୍ଲଟ୍ ନଂ: ୨୪୭, (ଏନ୍.ଏଚ୍), ଉତ୍ତର: ପ୍ଲଟ୍ ନଂ.: ୩୨୩, ଦକ୍ଷିଣ: ପାଣି ନାଳ ଏବଂ ପ୍ଲଟ୍ ନଂ.: ୩୨୨, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କିଶୋର କୁମାର ମହାପାତ୍ର, ପଶ୍ଚିମ: କିଶୋର କୁମାର ମହାପାତ୍ର, ଉତ୍ତର: କିଶୋର କୁମାର ମହାପାତ୍ର, ଦକ୍ଷିଣ: କିଶୋର କୁମାର ମହାପାତ୍ର ଏବଂ ଖାତା ନଂ.: ୧୩୪୫/୧୬୯୮, ପ୍ଲଟ୍ ନଂ.: ୩୨୩/୫୨୭୨, କ୍ଷେତ୍ର: ଏକର୦.୮୬୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୧୬,୩୧୭,୩୧୮, ପଶ୍ଚିମ: ପ୍ଲଟ୍ ନଂ.: ୩୨୩, ଉତ୍ତର: ପ୍ଲଟ୍ ନଂ.: ୩୨୪, ଦକ୍ଷିଣ: ପ୍ଲଟ୍ ନଂ.: ୩୨୦, **ସମୁଦାୟ ୨ଟି ଖାତା ଏବଂ ୩ଟି ପ୍ଲଟ୍, କ୍ଷେତ୍ର: ଏକର୧.୨୬୦ ଡିସିମିଲି**

ସମ୍ପତ୍ତି-୨ : ଶ୍ରୀ ମେସର୍ସ ଶ୍ରୀ ବିନାୟକ ଆଗ୍ରୋ ଉଦ୍ୟୋଗଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଏରେଇଁ, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୦୦, ଖାତା ନଂ: ୧୩୪୫/୧୪୫୫, ପ୍ଲଟ୍ ନଂ: ୩୧୮, କ୍ଷେତ୍ର: ଏକର୦.୯୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୦୯,୩୧୦, ପଶ୍ଚିମ: ପ୍ଲଟ୍ ନଂ: ୩୧୯, ୩୨୦, ୩୨୩, ଉତ୍ତର: ପ୍ଲଟ୍ ନଂ.: ୩୧୭, ଦକ୍ଷିଣ: ପାଣି ନାଳ ଏବଂ ଖାତା ନଂ: ୧୩୪୫/୨୩୪, ପ୍ଲଟ୍ ନଂ: ୩୨୧, କ୍ଷେତ୍ର: ଏକର୦.୩୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୧୯,୩୨୦, ପଶ୍ଚିମ: ପ୍ଲଟ୍ ନଂ: ୩୨୨, ଉତ୍ତର: ପ୍ଲଟ୍ ନଂ.: ୩୧୯,୩୨୦, ଦକ୍ଷିଣ: ପାଣି ନାଳ ଏବଂ ଖାତା ନଂ: ୧୩୪୫/୨୫୮୧, ପ୍ଲଟ୍ ନଂ: ୩୨୦, କ୍ଷେତ୍ର: ଏକର୦.୩୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୧୮,୩୧୯, ପଶ୍ଚିମ: ପ୍ଲଟ୍ ନଂ: ୩୨୧,୩୨୨, ଉତ୍ତର: ପ୍ଲଟ୍ ନଂ.: ୩୨୩, ଦକ୍ଷିଣ: ପ୍ଲଟ୍ ନଂ.: ୩୧୯, ୩୨୧, ଏବଂ ଖାତା ନଂ.: ୧୩୪୫/୯୫୮, ପ୍ଲଟ୍ ନଂ.: ୩୧୯, କ୍ଷେତ୍ର: ଏକର୦.୨୨୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୧୮, ପଶ୍ଚିମ: ପ୍ଲଟ୍ ନଂ.: ୩୨୦,୩୨୧, ଉତ୍ତର: ପ୍ଲଟ୍ ନଂ.: ୩୨୦, ଦକ୍ଷିଣ:ପାଣି ନାଳ, **ସମୁଦାୟ ୪ଟି ଖାତା ଏବଂ ୪ଟି ପ୍ଲଟ୍, କ୍ଷେତ୍ର: ଏକର୧.୮୨୦ ଡିସିମିଲି**

ଆଡଭୋକେଟ: ପ୍ରଫୁଲ୍ଲ କୁମାର ରାଉତ, ମୋ.:୯୪୩୭୨୧୫୬୭୯୭ଙ୍କ ସହ ଯୋଗାଯୋଗ କରନ୍ତୁ ।



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଗୃହ ଋଣ କେନ୍ଦ୍ର, ଭୁବନେଶ୍ୱର,
୪ର୍ଥ ମହଲା, ଏସ୍‌ବିଆଇ ମେନ୍ ବ୍ରାଞ୍ଚ ବିଲ୍ଡିଂ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

ଦଖଲ ନୋଟିସ୍

[ରୁଲ୍- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ	ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ	ଡିମାଣ୍ଡ ନୋଟିସ୍ ତାରିଖ	ଦଖଲ ନୋଟିସ୍ ତାରିଖ	ବକେୟା ଦେୟ
ଋଣଗ୍ରହୀତା: ଶ୍ରୀ ବିଶ୍ୱଜିତ ବି ମହାନ୍ତି, ପିତା: ଶ୍ରୀ ବିପିନ ବୃଜ ମହାନ୍ତି ଏବଂ ଶ୍ରୀମତୀ ପୁଷ୍ପା ମହାନ୍ତି, ସ୍ୱାମୀ: ଶ୍ରୀ ବିଶ୍ୱଜିତ ବି ମହାନ୍ତି, ଉଭୟଙ୍କ ଠିକଣା- ସା: କ୍ୱାର୍ଟର ନଂ.: ୯, ପ୍ରଗତି କଲେଜ କ୍ୟାମ୍ପସ, ଆଶୋକ ଲେଲ୍ୟାଣ୍ଡ ଡିଲର ନିକଟ, ଡାଇସିଂହପୁର, କେସିଙ୍ଗା, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା, ପିନ୍-୭୬୬୦୦୨ / **ଆକାଉଣ୍ଟ ନଂ.: ୩୮୭୬୭୫୯୯୮୨୭ (ଏଚ୍‌ଟିଏଲ), ୩୮୭୭୧୩୩୩୨୯୨ (ସୁରକ୍ଷା), ୪୦୭୮୪୪୬୪୪୫୧ (ପିଏଲ), ୪୦୯୦୬୫୪୬୧୩୯ (ଟପ୍-ଅପ), ୪୨୨୮୬୬୯୯୬୨୨ (ପିଏଲ), ୪୩୬୩୮୨୯୨୨୫୦ (ଟିଏଲ), ୪୩୪୬୫୨୧୪୮୦୧ (ଟିଏଲ)**	ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୋଳା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୧)** ଖାତା ନଂ.: ୨୮, ପ୍ଲଟ୍ ନଂ.: ୯୭୦, କ୍ଷେତ୍ର: ଏକର୦.୨୨୦ ଡିସିମିଲି, ପ୍ଲଟ୍ ନଂ.: ୯୭୩, କ୍ଷେତ୍ର: ଏକର୦.୨୪୦ ଡିସିମିଲି, **୨)** ଖାତା ନଂ.: ୨୭, ପ୍ଲଟ୍ ନଂ.: ୯୬୭, କ୍ଷେତ୍ର: ଏକର୦.୩୦୮ଡିସିମିଲି, ପ୍ଲଟ୍ ନଂ.: ୯୬୮, କ୍ଷେତ୍ର: ଏକର୦.୨୮୫ଡିସିମିଲି, ପ୍ଲଟ୍ ନଂ.: ୯୬୯, କ୍ଷେତ୍ର: ଏକର୦.୨୧୦ଡିସିମିଲି, ପ୍ଲଟ୍ ନଂ.: ୯୭୨, କ୍ଷେତ୍ର: ଏକର୦.୩୭୦ଡିସିମିଲି, ପ୍ଲଟ୍ ନଂ.: ୫୫୬, କ୍ଷେତ୍ର: ଏକର୦.୧୫୦ଡିସିମିଲି, ପ୍ଲଟ୍ ନଂ.: ୫୫୭, କ୍ଷେତ୍ର: ଏକର୦.୨୪୫ଡିସିମିଲି, ପ୍ଲଟ୍ ନଂ.: ୫୫୨, କ୍ଷେତ୍ର: ଏକର୦.୪୭୦ଡିସିମିଲି, ପ୍ଲଟ୍ ନଂ.: ୫୫୧, କ୍ଷେତ୍ର: ଏକର୧.୨୦୩ଡିସିମିଲି, ସମୁଦାୟ ୨ଟି ଖାତା, ୧୦ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୩.୭୦୧ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଟ୍ରାନ୍ସଫର ହୋଇଥିବା ମୋଟ କ୍ଷେତ୍ର: ଏକର୩.୭୦୧ଡିସିମିଲି ବିଶିଷ୍ଟ ଜମି ମଧ୍ୟରୁ ଏକର୦.୦୦୪ଡିସିମିଲି ଅବିଭକ୍ତ ଅଂଶ ଯାହା ଉପରେ ନିର୍ମିତ ୭୦୦ ବର୍ଗଫୁଟ ବିଲ୍ଟ ଅପ୍ ଏରିଆ ବିଶିଷ୍ଟ ଫ୍ଲାଟ୍ ନଂ.: ୧୦୧୦, ଟାୱାର-ବି, ୧୦ମ ମହଲା, ଚନ୍ଦକା ମିଡୋଜରେ ଅବସ୍ଥିତ ଏବଂ ଶ୍ରୀ ବିଶ୍ୱଜିତ ବି ମହାନ୍ତିଙ୍କ ନାମରେ ରହିଛି, ଫ୍ଲାଟର ଚାରିପାର୍ଶ୍ୱରେ ପୂର୍ବ: ଫ୍ଲାଟ୍ ନଂ.: ୧୦୦୯, ପଶ୍ଚିମ: ଫ୍ଲାଟ୍ ନଂ.: ୧୦୧୧, ଉତ୍ତର: କରିଡର, ଦକ୍ଷିଣ: କମ୍ପ୍ଲେକ୍ସର ଖୋଲା ସ୍ଥାନ	୧୯.୦୮.୨୦୨୬	୦୪.୧୧.୨୦୨୬	୦୪.୧୧.୨୦୨୬ ସୁଦ୍ଧା ଟ.୩୨,୩୧,୯୬୭/- ସହିତ ସେବାବଦ ତତ୍ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଇତ୍ୟାଦି

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୫.୧୧.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଲକ୍ଷ୍ମୀ ପୂଜା ଭସାଣିରେ ପୋଲିସର ବର୍ବରତା

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେପୋଲିସର ବର୍ବରତାକୁ ନେଇ ଚାରିଆଡେ ନିନ୍ଦା। ମିଳିତ ଭସାଣ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ଦେଖୁଥିବା ଦର୍ଶକ ବି ପୋଲିସ ଲାଠି ମାଡରୁ ବର୍ତ୍ତିନଥିଲେ। ଲାଠି ଏବଂ ପାଇପ ମାଡରେ ଶିଶୁ ବି ରକ୍ଷା ପାଇନଥିଲେ। ଶିଶୁଙ୍କ ସହିତ ମହିଳା ଓ ଅନ୍ୟମାନେ ଲାଠିମାଡରେ ଆହତ ହୋଇଥିବା ବେଳେ ଓକିଲ ସଙ୍ଘର ସଭାପତି ମଧ୍ୟ ରକ୍ଷା ପାଇନଥିଲେ। ପୋଲିସର ଏଭଳି ଅମାନୁଷିକ କାର୍ଯ୍ୟକୁ ନେଇ ସହରରେ ତଥା ଜିଲ୍ଲାରେ ତିବ୍ର



- ମନଇଛା ଲାଠି ଚାର୍ଜ,ବର୍ତ୍ତିଲେନି ଛୋଟ ପିଲା ଓ ମହିଳା
- ଓକିଲ ସଂଘ ସଭାପତି ବି ଲାଠିମାଡର ଶିକାର

ପ୍ରତିକ୍ରିୟା ସୃଷ୍ଟି କରିଛି। ଢେଙ୍କାନାଳରେ ଗଜଲକ୍ଷ୍ମୀ ପୂଜା । ଭସାଣି ଚାଲିଥିବା ବେଳେ ସହରର କାଞ୍ଚନ ବଜାର ଓ ବାଜିଚୌକ ଛକ ନିକଟରେ ଲୋକଙ୍କ ଉପରକୁ ପୋଲିସ ଲାଠି ଚାର୍ଜ କରିଥିବା ଅଭିଯୋଗ ହୋଇଛି । ଗତକାଲି ମିଳିତ ବଜାର ପୂଜା କମିଟି ପକ୍ଷରୁ ମିଳିତ ଭସାଣ ଶୋଭାଯାତ୍ରା ଚାଲିଥିଲା । ରାତି ୧୧ଟା ପରେ ସହରର ମୁଖ୍ୟ ରାସ୍ତାର କାଞ୍ଚନ ବଜାର ଠାରୁ ବାଜିଚୌକ ପର୍ଯ୍ୟନ୍ତ ଯାଉଥିବା ମେଢ ଗୁଡିକୁ ଦେଖିବା ପାଇଁ ଶତାଧିକ ଲୋକଙ୍କ ଭିଡ ଜମିଥିଲା ।ମେଢ ଗୁଡିକ ସମୟ ସାରଣୀରୁ ସାମନ୍ୟ ବିଳମ୍ବରେ ଯାଉଥିବାରୁ ଲୋକଙ୍କ ଉପରେ ପୋଲିସ ଲାଠି ଚାର୍ଜ କରିଥିବା ଅଭିଯୋଗ ହୋଇଛି । ଏପରିକି ଛୋଟ ପିଲା, ମହିଳାଙ୍କ ଠାରୁ ଆରମ୍ଭ କରି ବଜାର କମିଟି ସଦସ୍ୟ ଓ ଲାଇଟ ଧରିବା ପାଇଁ ଆସିଥିବା ଶ୍ରମିକଙ୍କୁ ମାଡ ମାରି ପୋଲିସ ଲହୁଲୁହାଣ କରିଦେଇଛି। ଘଟଣା ଘଟିବା ସମୟରେ ଢେଙ୍କାନାଳ ଏସ୍ ପି ଆଜିଙ୍କ୍ୟ ବି. ମାନେ ନିଜେ ଉପସ୍ଥିତ ରହିଥିଲେ । ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା।ପୋଲିସ୍ ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଅଭିଯୋଗ କରି ଲୋକେ ହୋହଲ୍ଲା କରିଥିଲେ । ପୋଲିସ ଅତି ଅମାନୁଷିକ ଭାବରେ ଲାଠି ଚାର୍ଜ କରିବାରୁ ଯିଏ ଯୁଆଡେ ପାରିଲେ ଛତ୍ରଭଙ୍ଗ ଦେଇଥିଲେ। ଏହି ଲାଠିମାଡରେ ବାଜିଚୌର ଇତିଶ୍ରୀ ସିଂହ ଙ୍କ ଛୋଟ ପୁଅର ପିଠିରେ ମାଡ ହୋଇଥିବାବେଳେ ନୋଳା ଫାଟି ରହିଛି। ତାଙ୍କ ଅଭିଯୋଗ ଅନୁସାରେ ମେଢ ଦେଖିବାକୁ ସମସ୍ତେ ଛିଡା ହୋଇଥିଲେ। ଯଦି ମେଢ ଶୋଭଯାତ୍ରାରେ ବିଳମ୍ବ ହେଲା ତେବେ ପ୍ରଥମରୁ ସେଥିପ୍ରତି ପଦକ୍ଷେପ ନେବାର ଥିଲା। କୌଣସି ପଦକ୍ଷେପ ନନେଇ ଶିଶୁ ମହିଳାମାନଙ୍କୁ ଲାଠିମାଡ କରିବା କଣ ଠିକ। ପୋଲିସ ସୁରକ୍ଷା ଦେବାକୁ ଆସିଛି ନା ମାଡ ମାରିବାକୁ ବୋଲି କହିଥିଲେ।ସେହିପରି କାଞ୍ଚନବଜାର ପୂଜା କମିଟିର ସମ୍ପାଦକ ମହମ୍ମଦ ସାଗିରଙ୍କୁ ମଧ୍ୟ ପୋଲିସ ମାଡ ମାରିବା ସହିତ ତାଙ୍କ ଘରଭିତରକୁ ପଶିଥିବାର ଅଭିଯୋଗ କରିଛନ୍ତି। ଜିଲ୍ଲା ଓକିଲ ସଙ୍ଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଅନୁସାରେ ପୋଲିସ ଯାହା କରିଛି ତା ଠିକ ନୁହଁ। ଭଗବାନପୁର ମେଢ ଏବଂ କାଞ୍ଚନ ବଜାରମେଢ ନିକଟରେପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ମାଡରେ କାହା ପିଠି,ପେଟ,ହାତ,ଗୋଡରେ ଆଘାତ ଲାଗିଛି। ପୋଲିସ ବିନା ଦୋଷରେ ଏଭଳି କରିଥିବାରୁ ତାଙ୍କୁ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁ ବୋଲି ସେ କହିଛନ୍ତି। ଦୁଃଖର କଥା ଯେ ଏଭଳି ଘଟଣା ସମୟରେ ଶାନ୍ତି କମିଟି କିମ୍ବା ମିଳିତ ପୂଜା କମିଟିର କୌଣସି ସଦସ୍ୟ ସେଠାରେ ନଥିଲେ। ମିଳିତ ଭସାଣ ଉତ୍ସବ ସମୟରେ ପୋଲିସର ଏଭଳି କାର୍ଯ୍ୟକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି।

ବନ୍ୟାଞ୍ଚଳରେ ଶିଶୁଙ୍କ ସ୍ଥିତି ପରଖିଲେ ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା

ଛତ୍ରପୁର, (ସବ୍ୟୁ) : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଶିଶୁ ଓ କିଶୋରୀମାନଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର। ଦୁଇଦିନିଆ ଗଞ୍ଜାମ ଗସ୍ତରେ ଆସି ସେ ସାନଖେମୁଣ୍ଡି, ଶେରଗଡ଼, ଧରାକୋଟ, ଆସିକା ଓ ଛତ୍ରପୁର ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବିପନ୍ନ ଶିଶୁମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଧ୍ୟକ୍ଷା କହିଥିଲେ ଯେ, ବନ୍ୟା ଯୋଗୁଁ ଜିଲ୍ଲାର ଅନେକ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପ୍ରଭାବିତ ହୋଇଛିଛ ତେଣୁ ସମ୍ପୃକ୍ତ ଅନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ଓ କୋଠାର ସୁରକ୍ଷା ଯାଞ୍ଚ କରିବା ସହ ଫିଟନେସ୍ ସାର୍ଟିଫିକେଟ୍ ମିଳିବା ପରେ ହିଁ ପିଲାମାନଙ୍କୁ ସେଠାକୁ ଯିବାକୁ ଅନୁମତି ଦେବାକୁ ପରାମର୍ଶ ଦିଆଯାଇଛି। ବନ୍ୟା ପାଣିରେ ବହୁ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକ ଓ ବିଦ୍ୟାଳୟ ପୋଷାକ ନଷ୍ଟ ହୋଇଥିବାରୁ ସେଗୁଡ଼ିକର ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ



କୁହାଯାଇଛି। ବନ୍ୟା ପରବର୍ତ୍ତୀ ସମୟରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମଧ୍ୟ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଥିଲେ। ଚର୍ମରୋଗ ଓ ବିଭିନ୍ନ ସଂକ୍ରମଣର ଚିକିତ୍ସା ପାଇଁ ପ୍ରଭାବିତ ଅଞ୍ଚଳରେ ଡାକ୍ତରୀ ଦଳ ନିୟୋଜିତ କରି ଚିକିତ୍ସା ଶିବିର ଆୟୋଜନ କରିବାକୁ ଆଲୋଚନା ହୋଇଛି। ପ୍ରତ୍ୟେକ ଘରକୁ ହାଲୋଜେନ୍ ବଟିକା ଯୋଗାଣ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ସିଡିଏମ୍‌ଓଙ୍କ ସହ ଆଲୋଚନା କରାଯାଇଛି। ସେହିପରି ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ଘରକୁ ଘର ବୁଲି ଶିଶୁମାନଙ୍କୁ ଶୁଖିଲା ରାସନ ଯୋଗାଇବା ସହ ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କରେ ସଚେତନ କରିବେ। ଗ୍ରାମାଞ୍ଚଳର କିଶୋରୀ ବାଳିକାମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ସାନିଟାରୀ ନାପକିନ୍ ଯୋଗାଇବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପ୍ରତ୍ୟେକ ବିପନ୍ନ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁରକ୍ଷା ସୁନିଶ୍ଚିତ କରିବା ସହ ସେମାନଙ୍କୁ ଯେପରି କୌଣସି ଅସୁବିଧାର ସାମ୍ନା କରିବାକୁ ନପଡ଼େ, ସେଥିପାଇଁ ସମସ୍ତ ପ୍ରୟାସ ଜାରି ରହିବ ବୋଲି ଶ୍ରୀମତୀ ପାତ୍ର ପ୍ରକାଶ କରିଥିଲେ।

ହଣ୍ଡପା ଶିବ ମନ୍ଦିରରୁ ଚୋରି

ଠାକୁରଗଡ,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଶିବ ମନ୍ଦିର ରୁ ମଙ୍ଗଳବାର ରାତି ରେ କିଛି ଯୁବକ ମନ୍ଦିର ତାଲା ଭାଙ୍ଗି ଚୋରି କରି ନେଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ହଣ୍ଡପା ଥାନା ରେ ବୁଧବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଘଟଣା ରୁ ଜଣା ପଡିଛି ଯେ କିଛି ଯୁବକ ମନ୍ଦିର ରେ ବିଳମ୍ବିତ ରାତି ରେ ପଶି ତାଲା ଭାଙ୍ଗି ମନ୍ଦିର ର ଅନେକ ସାମଗ୍ରୀ ଚୋରୀ କରି ନେଇଛନ୍ତି । ପୂର୍ବରୁ ମଧ୍ୟ ଏହି ମନ୍ଦିର ଚୋରୀ ହୋଇଥିବା ବେଳେ ମନ୍ଦିର ର ସୁରକ୍ଷା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାତ୍ରି ପେଟ୍ରୋଲି କଡାକଡି କରିବା ପାଇଁ ହଣ୍ଡପା ଅଞ୍ଚଳବାସୀ ଦାବି କରିଛନ୍ତି ।

ଗଞ୍ଜେଇ ଜବତ : ଦୁଇ ଗିରଫ

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳି ଗ୍ରାମରେ ହଣ୍ଡପା ପୋଲିଆ ପକ୍ଷରୁ ଏକ ଟିମ ବୁଧବାର ଦିନ ଚଢଉ କରି ସଞ୍ଜୟ କୁମାର ପ୍ରଧାନ ଙ୍କ ଘରୁ ୫୧ କେଜି ଗଞ୍ଜେଇ ଜବତ କରାଯାଇଛି । ଏଥିସହ ସଞ୍ଜୟ ଓ ତାଙ୍କ ପୁଅ ଅରବିନ୍ଦ ପ୍ରଧାନ ଙ୍କୁ ଗିରଫ କରାଯାଇଛି । ସେମାନେ ୫୧ କେଜି ଗଞ୍ଜେଇ କୁ ବସ୍ତା ମାଧ୍ୟମରେ ସଂଗ୍ରହ କରି ଅନୁଗୋଳ ଷ୍ଟେସନ କୁ ଚାଲାଣ କରିବା ପାଇଁ ରଖିଥିବା ବେଳେ ପୋଲିସ ଚଢଉ କରି ଗିରଫ କରିଥିଲା । ଏ ନେଇ ନମ୍ବର ୪୨୧/୨୬ ରେ ଏକ ମାମଲା ରୁଜୁ କରାଯାଇଛି ।

ଗଞ୍ଜେଇ ସହ ଗାଡ଼ି ଜବତ, ୧ ଗିରଫ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ଥାନା ଅନ୍ତର୍ଗତ ଆଠମଲ୍ଲିକ ଧଳପୁର ସେତୁ ଓ ଲିପ୍ତିଙ୍ଗା ଛକ ର ମଧ୍ୟ ଭାଗରେ ଆଠମଲ୍ଲିକ ପୋଲିସ ଏକ ଗଞ୍ଜେଇ ବୋଝେଇ ବୋଲେରୋ ମ୍ୟାକ୍ସ ପିକପ ଗାଡ଼ି ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଭର୍ତ୍ତି ଗାଡ଼ି ଆସୁଥିବ ବେଳେ ପୋଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ୬ବସ୍ତା ଗଞ୍ଜେଇ ଯାହାର ଓଜନ ୧ କୁଇଣ୍ଟାଲ ୩୪ କେଜି ଚାରିଶହ ଗ୍ରାମ ହୋଇଥିଲା । ଗଞ୍ଜେଇ ଓ ଗାଡ଼ିକୁ ଜବତ କରିବା ସହିତ ଅଭିଯୁକ୍ତକୁ ଥାନାକୁ ଆଣିଥିଲେ । ଅନୁଗୋଳ ଏସ ପି ଙ୍କ ନିଶା ମୁକ୍ତ ଅଭିଯାନ ଅବସରରେ ଆଇ ଆଇ ସି ପି ସଓ୍ଵରୂପ କିଷାନଙ୍କ ନିର୍ଦ୍ଦେଶ ରେ ଆଠମଲ୍ଲିକ ପୋଲିସ ଯଥା ଏ ସ ଆଇ ପୁଲିନ ପ୍ରଧାନ, ଏ ଏସ ଆଇ ମିଥୁନ ମଲ୍ଲିକ, ପୋଲିସ ବାସୁଦେବ ସାହୁ, ବ୍ରଜମୋହନ ନାଏକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ । ଚଢ଼ାଉ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଅତିରିକ୍ତ ତହସିଲଦାର ପାର୍ଥ ସାରଥୀ ବିଶ୍ୱାଳ ଉପସ୍ଥିତ ଥିଲେ। ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ବୀରନରସିଂହପୁର ଗ୍ରାମ ର ଜଗନ ପ୍ରଧାନ ଙ୍କ ବିରୋଧରେ କେଶ ନମ୍ବର ୩୬୮/୨୬ ରେ ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

ମେମୁ ଟ୍ରେନ, ଯାତ୍ରୀଙ୍କ ଦୁର୍ଦ୍ଦଶାର ଅନ୍ତ କେବେ

ତାଳଚେର,(ସବ୍ୟୁ) : (ପୁରୀ–ଅନୁଗୋଳ) ମେମୁ ଟ୍ରେନ ହଜାର ହଜାର ଦୈନିକ ଯାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଭରସା। ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ ଓ ସାଧାରଣ ଯାତ୍ରୀ ଏହି ଟ୍ରେନ ଉପରେନିର୍ଭର କରିଥାନ୍ତି। କିନ୍ତୁ ଟ୍ରେନ ଅନିୟମିତ ଚଳାଚଳ, ବାରମ୍ବାର ବିଳମ୍ବ ଓ ନିର୍ଦ୍ଧାରିତ ସମୟରେ ଗନ୍ତବ୍ୟସ୍ଥଳରେ ନପହଞ୍ଚିବା ଯାତ୍ରୀଙ୍କ ପାଇଁ ଏବେ ଏକ ବଡ଼ ସମସ୍ୟା ହୋଇଛି। ଏହି ସମସ୍ୟା କେବଳ ଯାତ୍ରୀଙ୍କ ଅସୁବିଧା ନୁହେଁ, ଏହା ଅଞ୍ଚଳର ଜନସାଧାରଣଙ୍କ ନ୍ୟାଯ୍ୟ ରେଳ ସେବା ପାଇବାର ଅଧିକାର ସହ ଜଡ଼ିତ। ଅନ୍ୟପକ୍ଷରେ ତାଳଚେର ରେଳ ଉପଭୋକ୍ତା କମିଟି ଦୀର୍ଘଦିନ ଧରି ରେଳଯାତ୍ରୀଙ୍କ ବିଭିନ୍ନ ସମସ୍ୟା ଓ ନ୍ୟାଯ୍ୟ ଅଧିକାର ପାଇଁ ଆନ୍ଦୋଳନ ଜାରି ରଖିଛି। ରେଳ ସେବାରେ ସୁଧାର, ଟ୍ରେନ୍ର ସମୟାନୁବର୍ତ୍ତିତା, ଯାତ୍ରୀଙ୍କ ସୁବିଧା ଓ ଅଞ୍ଚଳର ରେଳ ସମସ୍ୟାର ସ୍ଥାୟୀ ସମାଧାନ ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ। କମିଟିର ଦାବି ହେଉଛି, (ପୁରୀ–ଅନୁଗୋଳ) ମେମୁ ଟ୍ରେନ୍କୁ ନିର୍ଦ୍ଧାରିତ ସମୟରେ ଚଳାଚଳ କରାଯାଉ। ବାରମ୍ବାର ବିଳମ୍ବର ପ୍ରକୃତ କାରଣ ଖୋଜି ତାହାର ସ୍ଥାୟୀ ସମାଧାନ କରାଯାଉ। ଟ୍ରେନ୍କୁ ଅନାବଶ୍ୟକ ଅଟକାଣ ହ୍ରାସ କରିବା ସହ ଯାତ୍ରୀଙ୍କୁ ସଠିକ ସୂଚନା ଯୋଗାଇ ଦିଆଯାଉ। ଏଥିସହ ତାଳଚେର ଓ ଅନୁଗୋଳ ଅଞ୍ଚଳର ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳ ସେବାରେ ଉନ୍ନତି ଅଣାଯାଉ। ରେଳ ଉପଭୋକ୍ତା କମିଟିର ଦାବିକୁ କେବଳ ଏକ ଆନ୍ଦୋଳନ ଭାବେ ନଦେଖି ଜନସାଧାରଣଙ୍କ ନ୍ୟାଯ୍ୟ ଅଧିକାର ଭାବେ ଗ୍ରହଣ କରିବା ଉଚିତ। ସାଂସଦ, ବିଧାୟକ ଓ ରେଳବାଇର ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ଯାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ଆଗେଇ ଆସିବା ଆବଶ୍ୟକ। ଏ ସମସ୍ୟା ଆମର, ସମାଧାନ ଆମେ ଆଣିବା। ରେଳ ଉପଭୋକ୍ତା କମିଟିର ଏହି ଆହ୍ୱାନ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ରେଳସେବା ପ୍ରତି ନୂଆ ଆଶା ସୃଷ୍ଟି କରିଛି।

ଜିଲ୍ଲାସ୍ତରୀୟ 'ମାଣ୍ଡିଆ ଦିବସ' ପାଳିତ

ଦୈନନ୍ଦିନ ଖାଦ୍ୟ ସାରଣୀରେ ମାଣ୍ଡିଆ ଓ କ୍ଷୁଦ୍ର ଶସ୍ୟର ବ୍ୟବହାର ବୃଦ୍ଧି ପାଇଁ ଆହ୍ୱାନ

ଅନୁଗୋଳ,(ସବ୍ୟୁ) : ଜିଲ୍ଲା କୃଷି ବିଭାଗ ତରଫରୁ ସ୍ଥାନୀୟ ବ୍ଲାକ ଡାଇମଣ୍ଡ ସଭାଗୃହଠାରେ ଜିଲ୍ଲାସ୍ତରୀୟ 'ମାଣ୍ଡିଆ ଦିବସ' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଣ୍ଡିଆର ଉପକାରିତା ସମ୍ପର୍କରେ ବର୍ଣ୍ଣନା କରିବା ସହ ସାର୍ବଜନୀନ ସ୍ଥାନରେ ଏହାର ବ୍ୟାପକ ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଲଡୁର ଅନ୍ତର୍ଭୁକ୍ତୀକରଣକୁ ଉଚ୍ଚ ପ୍ରଶଂସା କରିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ ଯୋଗ ଦେଇ ମାଣ୍ଡିଆ ଚାଷ ପାଇଁ କମ ପାଣି ଓ କମ ସାରର ଦରକାର ହେଉଥିବାରୁ ଏହା ଚାଷୀଙ୍କ ପାଇଁ ବେଶ ଲାଭଦାୟକ ବୋଲି ମତ ଦେଇ ଏହି ଚାଷ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଚାଷୀଙ୍କ ବିକାଶ, ଜନ ସ୍ୱାସ୍ଥ୍ୟରେ ପୁଷ୍ଟିକର ମାଣ୍ଡିଆର ଭୂମିକା ଏବଂ ଶସ୍ୟ ପର୍ଯ୍ୟାୟରେ କ୍ଷୁଦ୍ର ଶସ୍ୟର ସମ୍ପ୍ରସାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ 'ଶ୍ରୀଅନ୍ନ ଅଭିଯାନ'ର ସଫଳତା ଉପରେ ପ୍ରସ୍ତୁତ ଏକ ପ୍ରାମାଣିକ ଚିତ୍ର (ଡକ୍ୟୁମେଣ୍ଟାରୀ) ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହା ସହ ମାଣ୍ଡିଆ ଓ କ୍ଷୁଦ୍ର ଶସ୍ୟର ମୂଲ୍ୟଯୁକ୍ତ ଉତ୍ପାଦକୁ ଗୁରୁତ୍ୱ ଦେବା ଏବଂ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାଣ୍ଡିଆ ଖାଦ୍ୟ ମେଳାର ଆୟୋଜନ କରାଯାଇ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନୁଗୋଳ



ବିଧାୟକଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ଜିଲ୍ଲାର ୫ଟି ମିଲେଟ ବ୍ଲକର କୃଷକ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ସହକାରୀ ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଭାତୀ ରାମ ଧନ୍ୟବାଦ ଅର୍ପଣ କରିଥିଲେ ।

ଆମ୍ବମୁଣ୍ଡାରେ ସଫେଇ ଅଭିଯାନ ସଚେତନା

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଆମ୍ବମୁଣ୍ଡା ଗ୍ରାମରେ ଗୁରୁବାର ଦିନ (ଏନଆଇଡବ୍ଲୁସିଓ୍ଵାଇଡି) ସଂସ୍ଥା ପକ୍ଷରୁ ସଫେଇ ଅଭିଯାନ ସମ୍ପର୍କରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆମ୍ବମୁଣ୍ଡା ଅଞ୍ଚଳ କୁ କିପରି ପରିଷ୍କାର ରଖିବେ ,। ଅଳିଆ ଗୁଡିକ କିପରି ସଫା କରିବେ ସେ ନେଇ ସଚେତନା କରାଯାଇଥିଲା । ଏଥିସହ ଆବର୍ଜନାର ସଠିକ ପରିଚାଳନା, ପ୍ଲାଷ୍ଟିକ ବ୍ୟବହାର ହ୍ରାସ ଏବଂ ମାର୍କେଟକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା ଏବଂ ପ୍ରତି ଗହଳି ସ୍ଥାନ ରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା।ଏଥିରେ ମମତା ସେଠି , ରାଜେଶରୀ ସାହୁ , ଚଞ୍ଚଳା ସାହୁ , ଲିଜା ଦେଇ ପ୍ରଧାନଯୋଗ ଦେଇ ସ୍ୱଚ୍ଛ ଗ୍ରାମ, ସୁସ୍ଥ ଗ୍ରାମ ବାର୍ତ୍ତାକୁ ଗ୍ରାମବାସୀଙ୍କ ମଧ୍ୟରେ ପହଞ୍ଚାଇବା ସହିତ ସ୍ୱଚ୍ଛତା ପ୍ରତି ସମସ୍ତଙ୍କ ଦାୟିତ୍ୱବୋଧ ବୋଲି କହିଥିଲେ । କାର୍ଯ୍ୟକ୍ରମ ଶେଷରେ ଗ୍ରାମକୁ କିପରି ସଫା, ସୁନ୍ଦର ଓ ପ୍ଲାଷ୍ଟିକ୍ମୁକ୍ତ ରଖିବା ପାଇଁ ସମସ୍ତଙ୍କ ପକ୍ଷରୁ ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା।

ଜିଲ୍ଲାସ୍ତରୀୟ ସୁରଭିରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଠାକୁରଗଡ, (ସବ୍ୟୁ) : ଶିଶୁମାନଙ୍କ ସୃଜନଶୀଳତାର ପରିପ୍ରକାଶ ଦିଗରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗରର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ସେମାନଙ୍କୁ ବିଦ୍ୟାଳୟ ତରଫରୁ ବୁଧବାର ଦିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଦିବ୍ୟାଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ତାଣ୍ଡିଆ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବରିଷ୍ଠ ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦଶମଶ୍ରେଣୀ ଛାତ୍ରୀ ଶୁଭ୍ରଜ୍ୟୋତି ପ୍ରଧାନ ଦ୍ୱିତୀୟ, ବକ୍ତୃତା ପ୍ରତିଯୋଗିତାରେ ନବମଶ୍ରେଣୀ ଛାତ୍ରୀ ସଓ୍ଵାତିସ୍ମିତା ପ୍ରଧାନ ତୃତୀୟ ଓ ମଧ୍ୟାହ୍ନ ଭୋଜନ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଞ୍ଚୟିତା ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଛାୟା ସଂସଦ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେହିପରି ଅନୁଗୋଳଠାରେ ଅନୁଷ୍ଠିତ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷର ବ୍ୟବହାର ଓ ଉପଲବ୍ଧି ହ୍ରାସ ଉପରେ ଗବେଷଣା କରି ନବମଶ୍ରେଣୀର ଛାତ୍ର ସଦାଶିବ ସାହୁ ଓ ସାଇପ୍ରକାଶ ପ୍ରଧାନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ପ୍ରସନ୍ନ କୁମାର ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ସୁଧୀର କୁମାରଦାର, ହରିପ୍ରିୟା ମାଝୀ ଓ ପ୍ରମୋଦିନୀ ପ୍ରଧାନ ଆଦି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି

ଟ୍ରେନରୁ ଖସି ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ) : ଟ୍ରେନରୁ ଖସି ଆହତ ବୃଦ୍ଧଙ୍କ ଏମକେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆର ରମେଶ ଚନ୍ଦ୍ର ପଣ୍ଡା (୭୮)। ଜିଆରପି ପୋଲିସ ମୃତଦେହ ଜବତ କରି ମୃତଦେହ ବ୍ୟବଚ୍ଛେଦ କରି ସଂରକ୍ଷିତ ରଖାଯାଇଛି। ଏନେଇ ପୋଲିସ ୮୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କ ପୁଅ ସଂଜୀବ ପଣ୍ଡା ଆମେରିକାରେ ରହୁଥିବା ବେଳେ ସେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ରମେଶ ପଣ୍ଡା ଓ ତାଙ୍କ ସ୍ତ୍ରୀ ବାସନ୍ତୀ ପଣ୍ଡା ବେଙ୍ଗଲୋରରେ ରହୁଥିବା ତାଙ୍କ ଝିଅ ସ୍ୱପ୍ନା ପଣ୍ଡାଙ୍କ ପାଖକୁ ଯିବା ପାଇଁ ଆଜି ଘରୁ ବାହାରିଥିଲେ। ସେମାନେ ବେଙ୍ଗଲୋର ଯାଉଥିବା ଏକ ସ୍ୱତନ୍ତ୍ର ଟ୍ରେନକୁ ଦୁଇ ନମ୍ବର ପ୍ଲାଟଫର୍ମରେ ଅପେକ୍ଷା କରିଥିଲେ। ଟ୍ରେନଟି ସାଢେ ୮ଟା 'ରେ ବ୍ରହ୍ମପୁର ରେଲଷ୍ଟେସନରେ ପହଞ୍ଚିଥିଲା। ରମେଶ ତାଙ୍କ ସ୍ତ୍ରୀ'ଙ୍କୁ ସଂରକ୍ଷଣ ବଗିରେ ଛାଡିଥିଲେ। ପରେ ପ୍ଲାଟଫର୍ମରେ ଥିବା ଏକ ବ୍ୟାଗ ଧରି ସେ ଟ୍ରେନରେ ଚଢିବା ବେଳେ ଅସାବଧାନତା ଯୋଗୁଁ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ଟ୍ରେନ ତଳେ ଖସି ପଡି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି ।

ଜାତୀୟ ଯୁବ ସମ୍ମିଳନୀରେ ଓଡ଼ିଆ ନେତୃତ୍ୱଙ୍କ ଅଂଶଗ୍ରହଣ

ବଔଁରପାଳ,(ସବ୍ୟୁ) : ବୃହତ ଶ୍ରମିକ ସଂଗଠନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ର ଜାତୀୟ ଯୁବ ସଭାପତି ଡ଼ ପି ଶ୍ରୀନିବାସନ ଙ୍କ ନେତୃତ୍ୱରେ ହାଇଦ୍ରାବାଦ ସ୍ଥିତ ଜି,ଏସ,ଆର ଭବନ ଠାରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ ଓଡିଶାର ଯୁବ ସଭାପତି ପ୍ରକାଶ ବେହେରା ଅଂଶ ଗ୍ରହଣ କରିଥିବା ବେଳେ ଯୁବ ସାଧାରଣ ସମ୍ପାଦକ ଭବାନୀ ଦାସ, ରାକେଶ ସାହୁ, ଟିକନ ବେହେରା ଏବଂ ସୁବ୍ରତ ପ୍ରଧାନ,ଏହି ଯୁବ



ସମ୍ମିଳନୀରେ ଆଗାମୀ ଦିନ ମାନଙ୍କରେ ରାଷ୍ଟ୍ରର ସମସ୍ତ ଶ୍ରମିକମାନେ କିପରି ନିଜର ମୌଳିକର ସୁରକ୍ଷା ସୁବିଧା ପାଇ ପାରିବେ ଏବଂ ଯୁବ ସଂଗଠକ ମାନେ ଏକତ୍ରିତ ହୋଇ ନୂତନ ୪ଟି ଶ୍ରମ କୋଡ଼କୁ ବିରୋଧ କରି ପ୍ରତ୍ୟାହୃତ ପାଇଁ ଆହ୍ୱାନ କରିଥିଲେ ଏବଂ ଏହି ସମ୍ମିଳନୀରେ ଜାତୀୟ ସଭାପତି ଡ଼ ସଂଜୀବା ରେଡି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉଚିତ ସୁରକ୍ଷା ଦେଇ ସେମାନଙ୍କୁ ତାଙ୍କର ସମସ୍ତ ପ୍ରକାର ପ୍ରାପ୍ୟ କିପରି ଅଧିକ ରୁ ଅଧିକ ପାଇ ପାରିବେ ସେ ବିଷୟରେ ଦୃଢୋକ୍ତି ପ୍ରଦାନ କରିଥିଲେ।ଏ ଭଳି ଜାତୀୟ ଯୁବ ମହା ମଞ୍ଚକୁ ମନୋନୀତ ହେବା ପାଇଁ ଜାତୀୟ ଉପ ସଭାପତି, ପୂର୍ବତନ ସାଂସଦ ତଥା ରାଜ୍ୟ ସଭାପତି ଡ଼ ରାମ ଚନ୍ଦ୍ର ଖୁଣ୍ଟିଆ ଏବଂ ରାଜ୍ୟର ସମସ୍ତ ଶୀର୍ଷ ନେତୃତ୍ୱବୃନ୍ଦ ପାଇଁ ଜାତୀୟ ଯୁବ ସମ୍ମିଳନୀରେ ଓଡିଶା ତରଫରୁ ମନୋନୀତ ହୋଇପାରିଛି ବୋଲି ରାଜ୍ୟ ଯୁବ ସଭାପତି ପ୍ରକାଶ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ

ଢେଙ୍କାନାଳ ,(ସବ୍ୟୁ) :ଜାତୀୟ ଯକ୍ଷ୍ମା ମୁକ୍ତ ସଚେତନତା ପାଇଁ ଟାଟା ଷ୍ଟିଲ ମେରାମଣ୍ଡଳୀ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ୍ ର ସହଯୋଗରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ଉନ୍ନୟନ ଅଧିକରୀ ଦିପ୍ତୀ ରଞ୍ଜନ ସେଠୀ ଉଦ୍ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମିଳା ବରାଳ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ଏବଂ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଯୋଜନା ଅଧୀନରେ ଚଳିତ ବର୍ଷ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଢେଙ୍କାନାଳ ସଦର ଓ ଭୁବନ ବ୍ଲକକୁ ପୋଷ୍ୟ ବ୍ଲକ ଭାବେ ଗ୍ରହଣ କରିବା ସହ ସେଠାକାର ଯକ୍ଷ୍ମା ରୋଗୀଙ୍କ ସେବା ଓ ପୁଷ୍ଟିକର



ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିଛି । ଏହାଦ୍ୱାରା ରୋଗୀମାନେ ନିୟମିତ ଔଷଧ ସେବନ କରିବାକୁ ପ୍ରୋତ୍ସାହିତ ହେବେ । ଯକ୍ଷ୍ମା ରୋଗୀଙ୍କୁ ୬ ମାସ ପାଇଁ ମିଳିତ ପୁଷ୍ଟିକର ଖାଦ୍ୟ କିଟ୍ ପ୍ରଦାନ କରାଯାଇଛି । ଟିବି ମୁକ୍ତ ଭାରତ ଗଠନ ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଉଦାହରଣ ସୃଷ୍ଟି କରିଛି ।

ପାଲଲହଡାରେ ମା'ଙ୍କ ଭସାଣି ଓ ମେଳଣ ଉତ୍ସବ

୬୧ ହଜାର ଟଙ୍କାରେ ଆଞ୍ଚାଲଡ୍ଡୁ, ୧ ଲକ୍ଷ ଟଙ୍କାରେ ମା'ଙ୍କ ପ୍ରତିମା ନିଲାମ

ପାଲଲହଡ଼ା,(ସବ୍ୟୁ) :ଅନୁଗୁଳ ଜିଲ୍ଲାର ପାଲଲହଡ଼ା ଉପଖଣ୍ଡ ସଦର ମହକୁମାରେ ଦଶ ଦିନ ଧରି ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା।ଦୀର୍ଘ ଦଶ ଦିନର ଆଧ୍ୟାତ୍ମିକ ଉତ୍ସବ, ଭକ୍ତି ଓ ଉଲ୍ଲାସର ପରିବେଶପରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କୁ ଗତକାଲି ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ପାଲଲହଡ଼ାବାସୀ।ବୁଧବାର କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ପାଲଲହଡ଼ା ଷ୍ଟାଡିୟମ୍ବାରେ ଭବ୍ୟ ମେଳଣ ଉତ୍ସବ ଆୟୋଜିତ ହୋଇଥିଲା।କେନ୍ଦ୍ରୀୟ ପୂଜା କମିଟି ସଭାପତି ଶଶୀଭୂଷଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳଣ ଓ ଭସାଣି ଉତ୍ସବରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଓ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ



ତନ୍ମୟ କୁମାର ସାହୁ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, କେନ୍ଦ୍ରୀୟ ପୂଜା କମିଟିର ପ୍ରଥମ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। କେନ୍ଦ୍ରୀୟ କମିଟିର ସମ୍ପାଦକ ସୁଶୀଲ କୁମାର ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଉପସଭାପତି ଆଶିଷ କୁମାର ସାମଲ ଧନ୍ୟବାଦ ଅର୍ପଣ ଥିଲେ । ଅତିଥିମାନେ ପ୍ରଥମେ ମେଳଣରେ ସାମିଲ ହୋଇଥିବା ସମସ୍ତ ମେଢ଼ ପରିଦର୍ଶନ କରିବା ସହ ମା'ଙ୍କ ନିକଟରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କେନ୍ଦ୍ରୀୟ କମିଟି ପକ୍ଷରୁ ବିଭିନ୍ନ ସାହିର ପୂଜା କମିଟି ସଭାପତିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମା'ଙ୍କ ଆଞ୍ଚାଲଡ୍ଡୁ ଓ ରୁପା ପ୍ରତିମାର ନିଲାମ। ମା'ଙ୍କ ଆଞ୍ଚାଲଡ୍ଡୁକୁ ସର୍ବାଧିକ ୬୧ ହଜାର ଟଙ୍କାରେ ଶାସନ ସାହିର ଯୁବ ଇଞ୍ଜିନିୟର ସନ୍ଦୀପ ମନୋହର ଦ୍ୱିବେଦୀ ଏବଂ ମା' ଲକ୍ଷ୍ମୀଙ୍କ ରୁପା ପ୍ରତିମାକୁ ୧ ଲକ୍ଷ ଟଙ୍କାରେ ସିଦ୍ଧି ସାନିଟାରୀର ମାଲିକ ଦୀପୁ ସାହୁ ନିଲାମରେ ନେଇଥିଲେ। ଏହାପରେ ମେଳଣରେ ସାମିଲ ହୋଇଥିବା ସମସ୍ତ ୯ଟି ମେଢ଼ ଷ୍ଟାଡିୟମ୍ବୁ ବାହାରି ସତସଙ୍ଗ ଛକ, ବସଷ୍ଟାଣ୍ଡ ଛକ, ମେଡିକାଲ ଛକ ଓ ବଜାର ଛକ ଦେଇ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟ, ଢୋଲ ଓ ନିଶାଣର ତାଳ ସାଙ୍ଗକୁ ଆଧୁନିକ ଡିଜିଟାଲ ସାଉଣ୍ଡ ଓ ଆଲୋକର ଆକର୍ଷଣୀୟ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଭାବବିହ୍ୱଳ ବିଦାୟ ଜଣାଇଥିଲେ। ମେଢଗୁଡିକ କ୍ରମନଓ୍ଵୟରେ ଭସାଣିରେ ବାହାରି ବିଳମ୍ବିତ ରାତିପର୍ଯ୍ୟନ୍ତ ଭସାଣି କାର୍ଯ୍ୟକ୍ରମ ହୋଇଥିଲା ।

ଟିପିଏନ୍ଓଡିଏଲ୍ ପକ୍ଷରୁ ଉର୍ଜା ମେଳା ଆୟୋଜିତ



ବାଲେଶ୍ୱର,(ସବ୍ୟୁ):ଟିପିଏନ୍ଓଡିଏଲ୍ ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) କାର୍ଯ୍ୟକ୍ରମ କ୍ଲବ୍ ଏନର୍ଜି ଅଧୀନରେ ବାଲେଶ୍ୱରସ୍ଥିତ ସିପେଟ୍ ପରିସରରେ କ୍ଲଷ୍ଟରସ୍ତରୀୟ ଉର୍ଜା ମେଳା-୨୦୨୬ ଆୟୋଜିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ସୃଜନଶୀଳତା ଓ ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ, ବୈଜ୍ଞାନିକ ଚିନ୍ତାଧାରା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ଏବଂ ଦାୟିତ୍ୱବୋଧ ସୃଷ୍ଟି କରିବା ଲକ୍ଷ୍ୟରେ ଟିପିଏନ୍ଓଡିଏଲ୍ ପକ୍ଷରୁ କ୍ଲବ୍ ଏନର୍ଜି ମାଧ୍ୟମରେ ଏହାର କାର୍ଯ୍ୟକ୍ଷେତ୍ର ଅନ୍ତର୍ଗତ ୫ଟି ଜିଲ୍ଲାର ୧୨୫ଟି ବିଦ୍ୟାଳୟରେ ବିଜୁଳି ସଞ୍ଚୟ, ସମ୍ବଳର ସୁବିନିଯୋଗ ଓ ପରିବେଶ ଅନୁକୂଳ ଜୀବନଶୈଳୀ ସମ୍ପର୍କରେ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରହିଛି।ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ପ୍ରେମ ପ୍ରଜ୍ଞା ମହାନ୍ତି, ଟାଟା ପାୱାରର ବିଦ୍ୟୁତ୍ ସଞ୍ଚାରଣ ଓ ବିତରଣ କ୍ଷେତ୍ରର ସିଏସ୍ଆର୍ ପ୍ରମୁଖ ପଙ୍କଜ କୁମାର ସିଂହ, ଟିପିଏନ୍ଓଡିଏଲ୍‌ର ବାଣିଜ୍ୟିକ ସେବା ଓ ବ୍ୟବସାୟିକ ଉତ୍କର୍ଷତା ମୁଖ୍ୟ ସୁଭଦୀପ ରାୟଚୌଧୁରୀ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ସୌରୀକରଣ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ନାୟକ, ସିପେଟ୍ ବାଲେଶ୍ୱରର ନିର୍ଦ୍ଦେଶକ ପି. ସି. ପାଢ଼ୀ, ଟିପିଏନ୍ଓଡିଏଲ୍‌ର ମାନବ ସମ୍ବଳ ଓ ପ୍ରଶାସନ ମୁଖ୍ୟ ରମେନ୍ଦ୍ର ବାନିକ ଏବଂ ସିଏସ୍ଆର୍ ମୁଖ୍ୟ ରଞ୍ଜନ ଶର୍ମାଙ୍କ ସମେତ ଅନ୍ୟାନ୍ୟଅତିଥି, ଶିକ୍ଷାବିତ୍ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଟିପିଏନ୍ଓଡିଏଲ୍ ପକ୍ଷରୁ ସିପେଟ୍ ସହଯୋଗରେ ୨୫ଟି ବିଦ୍ୟାଳୟରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳାଗୁଡ଼ିକ ମାଧ୍ୟମରେ ପ୍ଲାଷ୍ଟିକ୍‌ର ସଚେତନ ବ୍ୟବହାର, ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପୁନଃଚକ୍ରୀକରଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି।

ଘରେ ପଶି ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗର ତଦନ୍ତ

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଇଲାକାର ଜନୈକା ବିବାହିତା ମହିଳାଙ୍କୁ ଘରେ ପଶି ବଳପୂର୍ବକ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭକଲା ବେତନଟୀ ପୁଲିସ। ପୀଡିତା ୫୫ ବର୍ଷୀୟା ବିବାହିତା ମହିଳା(୫୫)ଙ୍କ ଅଭିଯୋଗ ମୁତାବକ ସେ ଗାଧୋଇ ଘରକୁ ଆସିବା ପରେ ଘର ଭିତରେ ପୂର୍ବରୁ ଲୁଚି ରହିଥିବା ବେତନଟୀ ଥାନା ଅଧୀନ ତାରାକୋଟି ଗ୍ରାମର ଯଦୁନାଥ ବେହେରାଙ୍କ ପୁଅ ଦୟାନିଧି ବେହେରା ବଳପୂର୍ବକ ଦୁଷ୍କର୍ମ ଉଦ୍ୟମ କରିଥିଲା। ମହିଳା ଜଣକ ଏହାର ବିରୋଧ କରିବା ସହ ଚିତ୍କାର କରିବାରୁ ଅଭିଯୁକ୍ତ ମହିଳାଙ୍କ ତଣ୍ଟିଚିପି ଧରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା। ସେହି ସମୟରେ ପୀଡ଼ିତାଙ୍କ ପୁଅ ଏବଂ ଦିଅର ପହଞ୍ଚି ଯିବାରୁ ଉଲଗ୍ନ ଅବସ୍ଥାରେ ଅଭିଯୁକ୍ତ ଘର ଭିତରୁ ବାହାରି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ସମସ୍ତେ ମାଡ଼ିବସି କାବୁ କରିନେଇଥିଲେ। ଅଭିଯୁକ୍ତ ଦୟାନିଧି ସମସ୍ତଙ୍କୁ ହତ୍ୟା ଧମକ ଦେଇଥିବା ବେଳେ ତାକୁ ପୁଲିସ ଜିମା ଦିଆଯାଇଥିଲା। ଏନେଇ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଅଧାର କରି ବେତନଟୀ ପୁଲିସ ବିଭିନ୍ନ ଦଫାରେ ୪୨୯ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଲକ୍ଷାଧିକ ଟଙ୍କାର ମଦ ଜବତ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସକାଳ ସମୟରେ ୩ଟି ବାଇକକୁ ଧରାଯାଇ ସେଥିରେ ଥିବା ୩୮୦ ଲିଟର ଦେଶୀମଦ ଜବଦ କରାଯାଇଛି । ପୁରୁଣା ବାଲେଶ୍ୱର ଗ୍ରାମର ବିଦ୍ୟାଧର ବେହେରା, ଗଣେଷ ମାଝୀ, କାର୍ତିକ ମଣ୍ଡଳ ମଦନେଇ ଯାଉଥିବା ବେଳେ ଟାଉନ ଥାନା ଅନ୍ତର୍ଗତ ବଙ୍କାଖେଜୁରୀ ଛକ, ପାତ୍ରପଡ଼ା ଛକ ଓ ହେମକାପଦା ଛକରେ ସେମାନଙ୍କୁ ଅବକାରୀ ବିଭାଗ କର୍ମଚାରୀମାନେ ଧରିବା ସହ ମଦ ଓ ଗାଡ଼ି ଜବଦ କରିଥିଲେ । ଜବଦ ସାମଗ୍ରୀର ମୂଲ୍ୟ ଆନୁମାନିକ ୩ଲକ୍ଷ ୧୬ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢାଉରେ ଅଭିରାମ ସାହୁ, ଅଲିଭା ମାଝି, ଶିବଶଙ୍କର ଡ଼ିଙ୍ଗ, ଲମ୍ବୋଦର ମହାନ୍ତ, ନାହନ ମୁର୍ମୁ, ଗଣେଷ ସିଂ ପ୍ରମୁଖ ସାମିଲ ଥିଲେ । ଏବାବଦରେ ଅବକାରୀ ବିଭାଗ କାର୍ଯ୍ୟାଳୟରେ କେଶ ନଂ ୩୦୨,୩୦୩,୩୦୪/୨୬-୨୭ ମୂଳେ ମାମଲା ରୁଜୁ କରାଯାଇଥିବା ଜଣା ପଡ଼ିଛି ।

ଦୁଇ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଗତ କିଛି ଦିନ ହେବ କ୍ରମାଗତ ଭାବେ ଚୋରି କାର୍ଯ୍ୟ ବଢୁଥିବା ବେଳେ ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି । ମଙ୍ଗଳବାର ସନ୍ଧ୍ୟାରେ ବୈଶିଙ୍ଗା ଗାମରେ କିଛି ଦୁର୍ବୃତ୍ତ ଜନୈକ ଶିକ୍ଷୟତ୍ରୀଙ୍କ ଘରୁ ଚୋରି ଉଦ୍ୟମ କରିଥିଲେ ସୁଦ୍ଧା ଚୋରି କରିପାରିନଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଲୋକମାନଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜରେ କିଛି ଅଚିହ୍ନା ଯୁବକଙ୍କ ବାରମ୍ବାର ଗତିବିଧିକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । କିଛି ଲୋକେ ସିସିଟିଭିରେ କଏଦ ହୋଇଥିବା କିଛି ଫଟୋକୁ ବିଭିନ୍ନ ସ୍ଥାନର ଲୋକଙ୍କୁ ପଠାଇଥିଲେ । ଆଜି ଗୁରୁବାର ସକାଳ ସମୟରେ ଏହି ଫଟୋରେ ଥିବା ଭଳି ଦୁଇ ସନ୍ଦିଗ୍ଧ ଯୁବକଙ୍କୁ ସନ୍ତରା ଛକ ନିକଟରେ କିଛି ଲୋକ ଦେଖିବାକୁ ପାଇଥିଲେ । କିଛି ସମୟ ପରେ ଦୁଇ ଯୁବକ ସଜାଗ ହୋଇ ପଳାଇବାକୁ ଉଦ୍ୟମ କରିଥିଲେ । ବିଶ୍ରାମପୁର ଗ୍ରାମ ନିକଟରେ ସ୍ଥାନୀୟ ଲୋକେ ଉକ୍ତ ଦୁଇ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖିଥିଲେ । ଖବର ପାଇ ବୈଶିଙ୍ଗା ପୁଲିସ ଦୁଇଜଣ ସନ୍ଧିଗ୍ଧଙ୍କୁ ସେଠାରୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ।

ତାରିଣୀ ମନ୍ଦିର ପରିସରରୁ ଚୋରି

ଘଟଗାଁ ,(ସବ୍ୟୁ): ଘଟଗାଁ ମା ତାରିଣୀ ଙ୍କ ମନ୍ଦିର ପରିସରରେ ହେଉଥିବା ପ୍ରକଳ୍ପ କାମର ଲୁହାରଡ ଚୋରି ଭକ୍ତମାନଙ୍କୁ ବିସ୍ମିତ କରିଛି । ଚୋରି ଜିନିଷ ମୋବାଇଲରୁ ମୋବାଇଲକୁ ଘୁରିବୁଲୁଛି । ତେବେ ଚୋରି କରିଥିବା ଭଦ୍ରବ୍ୟକ୍ତି ଜଣଙ୍କ ପୂର୍ବତନ ନଡ଼ିଆ ଟେଣ୍ଡରଧାରି ଦାରୁବ୍ରହ୍ମ ପଲେଇ, ଘର ନିକଟବର୍ତ୍ତୀ ରାଜପାଟ ଗ୍ରାମରେ ବୋଲି ଜଣାପଡିଛି। ପ୍ରକଳ୍ପର ମ୍ୟାନେଜର ଶୁଭଦୀପ ଚୌଧୁରୀ ଏ ସମ୍ପର୍କରେ ଘଟଗାଁ ଥାନାରେ ଲିଖିତ ଆକାରରେ ଜଣାଇଛନ୍ତି।ତେବେ ମନ୍ଦିର ପରିଚାଳନା ବୋର୍ଡ ଭାଙ୍ଗିବାପରେ ବି ଦାରୁବ୍ରହ୍ମ ପଲେଇ ମନ୍ଦିରର ପ୍ରତ୍ୟେକ କାର୍ଯ୍ୟକ୍ରମରେ ହସ୍ତକ୍ଷେପ କରୁଥିଲେ । ଯାହାକି ଏବେ ସବୁକିଛି ପଦାରେ ପକାଇଛି । ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା ଓ ସବ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ବେହେରା ମନ୍ଦିର କମିଟିର କର୍ମକର୍ତ୍ତାମାନଙ୍କୁ ପଚାରିଥିଲେ ଓ ଘଟଣା ସତ୍ୟବୋଲି କର୍ମଚାରୀ ମାନେ ପ୍ରକାଶ କରିଥିଲେ । ତେବେ ବର୍ତ୍ତମାନ ଦାରୁବ୍ରହ୍ମ ପଲେଇ ଭୟରେ ଫେରାର ଅଛନ୍ତି । ଚୋରି ଜିନିଷ ଓ ଗାଡି ପୋଲିସ ଜବତ କରିଛି ।

ଡମ୍ଫର ଧକାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ସୋର,(ସବ୍ୟୁ): ସୋର ଥାନା ଦହିପୁର ଛକ ଶନି ମନ୍ଦିର ନିକଟରେ ଏକ ଟିପ୍ପ ବୋଝେଇ ଡମ୍ଫର ଧକ୍କାରେ ଜଣେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଗୁରୁବାର ପୂର୍ବାହ୍ନରେ ସୋର ପୌର ପାଳିକା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ମନରଞ୍ଜନ ଧଡ଼ା ଓଡି ୦୧ ଏଡବ୍ଲୁ ୨୯୪୭ ନମ୍ବର ବିଶିଷ୍ଟ ବାଇକରେ ବାଗୁଡ଼ିରୁ ସୋର ଫେରୁଥିଲେ। ଶନି ମନ୍ଦିର ନିକଟରେ ପଛରୁ ଟିପ୍ପ ବୋଝେଇ କରି ଆସୁଥିବା ଓଡି ୦୧ ବିଇ ୩୧୭୯ ନମ୍ବର ବିଶିଷ୍ଟ ଡମ୍ଫରଟି ବାଇକକୁ ପଛରୁ ଧକା ଦେଇଥିଲା। ଫଳରେ ବାଇକ ରାସ୍ତା କଡରେ ଗଦା ହୋଇଥିବା ଟିପ୍ପ ଗଦା ଉପରକୁ ଚଢି ଯିବା ଫଳରେ ମନରଞ୍ଜନ ରାସ୍ତା ଉପରେ ପଡି ଯାଇଥିଲେ। ପଛରୁ ଆସୁଥିବା ଟ୍ରକଟି ତାଙ୍କ ଉପରେ ଚଢି ଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଡମ୍ଫର ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।ପୁଲିସ ଘଟଣା ସ୍ଥଳରେ ପହଁଚି ଶବ ଜବତ କରି ବ୍ୟବଛେଦ ପାଇଁ ସୋର ମେଡିକାଲକୁ ଆଣିଥିବା ବେଳେ ବାଇକ ଏବଂ ଡମ୍ଫର ଟିକୁ ଜବତ କରି ଥାନାକୁ ଆଣିଥିଲେ। ଏ ବାବଦରେ ମନରଞ୍ଜନଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକ ଖପରପଦା ଗ୍ରାମର ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ପଣ୍ଡାଙ୍କ ଧର୍ମପତ୍ନୀ କ୍ଷେତ୍ରମଣି ଦେବୀ(୮୮)ଙ୍କର ବୁଧବାର ପରଲୋକ ଘଟିଛି।କ୍ଷେତ୍ରମଣି କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବେଳେ ବୁଧବାରି ସକାଳେ ସହିଦ ନଗର ନିକଟ ଖପରପଦାସ୍ଥିତ ବାସଭବନରେ ମୃତ୍ୟୁ ହୋଇଥିଲା।ଜଣେ ସଚେତନ,ଆଧାତ୍ମିକବାଦିନୀ ଓ ସ୍ନେହୀ ମହିଳା ରୂପେ ସେ ପରିଚିତ ଥିଲେ।ତାଙ୍କ ବିୟୋଗରେ ସ୍ଥାନୀୟ ଜନସାଧାରଣ ଶୋକବ୍ୟକ୍ତ କରିଛନ୍ତି।ପୁରୀ ସ୍ୱର୍ଗଦ୍ୱାରରେ ବୁଧବାର ସନ୍ଧ୍ୟାରେ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ନାତି ସ୍ୱର୍ଣ୍ଣ ମୁଖାଗ୍ନି ଦେଇଥିଲେ।ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟା ଉମାମଣି ସାହୁ,ସରପଞ୍ଚ ଅନୁସୂୟା ସାହୁ,ସମିତି ସଭ୍ୟ ଭାରତ ବିଜୟ ଦଳାଇ,ପ୍ରାକ୍ତନ ସରପଞ୍ଚ ଗୟାଧର ନାୟକ,ବରିଷ୍ଠ ନେତା ରଘୁନାଥ ଲେଙ୍କା,ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ସଂଗ୍ରାମୀଙ୍କ ଦାୟାଦ ଶ୍ରୀକାନ୍ତ ପଣ୍ଡା,ଦେବାଶିଷ ନାୟକ ପ୍ରମୁଖ କ୍ଷେତ୍ରମଣି ଦେବୀଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି।

ଅବକାରୀ ବିଭାଗର ଚଢ଼ାଉ : ମଦ ଜବତ, ୪ ଗିରଫ

ସୋର,(ସବ୍ୟୁ) :ସୋର ଥାନା ଅନ୍ତର୍ଗତ ସବିରା ଗ୍ରାମ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ମୋଟ ୧୨୫ ଲିଟର ଦେଶୀ ରନ୍ଧା ମଦ ଜବତ ହେବା ସହ ୪ ଜଣ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନୀଳଗିରି ରେଞ୍ଜ ନିରୀକ୍ଷକ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ମିସ୍ ଅନିତା ସାହୁ ଓ ସହ-ଉପ ନିରୀକ୍ଷକ ବସନ୍ତ କୁମାର ବାରିକିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସବିରା ଗ୍ରାମର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅବକାରୀ ବିଭାଗ ୪ ଜଣଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଜବତ କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସୁକାନ୍ତି ମାଝୀ ୨୦ ଲିଟର,କହ୍ନେଇ ବାରିକ ୨୫ ଲିଟର,ନିରଞ୍ଜନ ଓଝା ୨୦ ଲିଟର,ମାୟାଧର ଗୁରୁଙ୍କ ନିକଟରୁ ୬୦ ଲିଟର ସହ ମୋଟ ୧୨୫ ଲିଟର ମଦ ଜବତ ହୋଇଛି। ଗିରଫ ହୋଇଥିବା ସମସ୍ତ ୪ ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର,(ସବ୍ୟୁ):ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା୧୦ ମିନିଟ୍ ସମୟରେ ଓଡ଼ିଶା ଉପକୂଳ ଭଦ୍ରକ ଜିଲ୍ଲା ଧାମରାସ୍ଥିତ ଡ. ଏପିଜେ ଅବଦୁଲ କାଲାମ ଦ୍ୱୀପରୁ କ୍ୱାସି ବାଲାଷ୍ଟିକ କ୍ଷେପଣାସ୍ତ୍ର ପ୍ରଳୟର ସଫଳ ପରୀକ୍ଷଣ ହୋଇଯାଇଛି । ସ୍ୱଦେଶୀ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରଟି ଉଭୟ ଦିନ ଓ ରାତିରେ ସମାନ ଦକ୍ଷତାର ସହ କାର୍ଯ୍ୟ କରିପାରିବ । ଏହା ଶତ୍ରୁର ପୃଥକ ପୃଥକ ଠିକଣାକୁ ଟାର୍ଗେଟ କରିପାରିବ । ଏହାର ଉନ୍ନତ ନାଭିଗେସନ ସିଷ୍ଟମ୍, ଶକ୍ତିଶାଳୀ ୱାର ହେଡ୍ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରହିଛି । ଏହା ଶବ୍ଦର ଗତି ତୁଳନାରେ ୫ଗୁଣ ଅଧିକ ବେଗରେ ଗତି କରିପାରିବ । ପ୍ରଳୟ କ୍ଷମଣାସ୍ତ୍ର ଏକ କଠିନ ଇନ୍ଧନ ବିଶିଷ୍ଟ ରକେଟ ମୋଟର ଦ୍ୱାରା ପରିଚାଳିତ ହେଉଥିବାରୁ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରସ୍ତୁତ ଅବସ୍ଥାରେ ରଖାଯାଇ ଆବଶ୍ୟକ ସମୟରେ ତୁରନ୍ତ ନିକ୍ଷେପ କରାଯାଇ ପାରିବ । ପରୀକ୍ଷଣ ସମୟରେ ଡିଆର୍‌ଡିଓ ଏବଂ ପ୍ରତିରକ୍ଷା ବିଭାଗର ବହୁ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରୁ ନକଲି ଆରଟିଓ ଗିରଫ

ଜଳେଶ୍ୱର,(ସବ୍ୟୁ):ଜଳେଶ୍ୱର ପୋଲିସ ୧୬ ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରୁ ନକଲି ଆରଟିଓ କୁ ଗିରଫ କରିବାରେ ସଫଳ ହୋଇଛି । ନିକଟସ୍ଥ ଗୋବରଘଟା ପଞ୍ଚାୟତର ବୈରାଟଆଡି ଗାଁ ର ବିଜୟ ମହାନ୍ତି (୩୩)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ଦୀର୍ଘ ଦିନ ଧରି ଟୋଲ ପ୍ଲାଜା ନିକଟରେ ପାସିଂ ଅଫିସ ଖୋଲି ବିଭିନ୍ନ ଗାଡିର ନକଲି କାଗଜପତ୍ର କରାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆସୁଥିବା ବେଳେ ଜଳେଶ୍ୱର ଥାନା ନୂତନ ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଚଡାଉ କରିଥିଲା। ସେଠାରୁ ଅନ୍ୟ କେତେକ ଯୁବକ ଚମ୍ପଟ ମାରିଥିବାବେଳେ ବିଜୟକୁ ପୁଲିସ କାବୁ କରିଥିଲା । ତା' ନିକଟରୁ ପଶ୍ଚିମବଂଗ ଆରଟିଓ ସିଲ, ନକଲି ଷ୍ଟାମ୍ପ, ନଗଦ ୧ହଜାର୭୦୦ଟଙ୍କା, ବାଇକ, ମୋବାଇଲ ଇତ୍ୟାଦି ଜବତ କରାଯାଇଛି । ସୂଚନାଯୋଗ୍ୟ,ଲକ୍ଷ୍ମଣନାଥ ଟୋଲ ପ୍ଲାଜା ରେ ଅତିତରେ ବହୁବାର ନକଲି ଆରଟିଓ ଓ ଅଧିକାରୀ ମାନଙ୍କୁ ଗିରଫ କରାଯାଇଛି ହେଲେ ଏବେସୁଦ୍ଧା ସେଠାରୁ ବେଆଇନ ଚାନ୍ଦା ଉଠାଣ ବନ୍ଦ ହୋଇ ପାରିନାହିଁ ।

ଘର ଆଗରେ ଜଳିଗଲା ପଲସର୍

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ପୌରପାଳିକାର ଉଚ୍ଚଡିହା ଗ୍ରାମର ଘର ଆଗରେ ପଲସର୍ ହୁହୁ ଜଳିଗଲା। ଖବରପାଇ ବାସୁଦେବପୁର ଦମକଳ ବାହିନୀ ପହଂଚିବା ବେଳକୁ ପଲସର୍ ଜଳି ପାଉଁଶ ହୋଇ ଯାଇଥିଲା। ଉଚ୍ଚଡିହା ଗ୍ରାମର ଜଗନ୍ନାଥ ସେଠୀ ପଲସର୍ ନେଇ ମାର୍କେଟ ଯାଇଥିଲେ। ବୁଲିବୁଲି ଆସି ଘର ଆଗରେ ପଲସର୍ ରଖିଥିଲେ। ହଠାତ ପଲସର୍ ହୁହୁ ହୋଇ ଜଳିବାକୁ ଲାଗିଲା। ଖବରପାଇ ବାସୁଦେବପୁର ଦମକଳ କେନ୍ଦ୍ର କର୍ମଚାରୀ ପହଂଚି ଥିଲେ। ସେତେବେଳକୁ ବାଇକ ଜଳି ପାଉଁଶ ହୋଇ ଯାଇଥିଲା। ନିଆଁ ଲାଗିବାର ସଠିକ କାରଣ ଜଣାପଡିନାହିଁ।

ଚୋରା ଚାଲାଣ ଲାଗି କଟାଯାଉଛି ମୂଲ୍ୟବାନ ଶାଳଗଛ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜ ତଥା ବେତନଟୀ ଥାନା ଅଧୀନ ସାତଶୋଳ ଠାରେ ଏକାଧିକ ମୂଲ୍ୟବାନ ଶାଳଗଛ କଟାଯାଇ ଚୋରା ଚାଲାଣ ନିମନ୍ତେ ଗଚ୍ଛିତକରି ରଖାଯାଇଥିବାର ଘଟଣା ବୁଧବାର ଦେଖିବାକୁ ମିଳିଛି। ସୂଚନା ମୁତାବକ ସାତଶୋଳ ଠାରେ ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ଏକାଧିକ ମୂଲ୍ୟବାନ ଶାଳଗଛ ଗୁଡିକୁ ବନବିଭାଗର ବିନା ଅନୁମତିରେ ବେଆଇନ ଭାବରେ କଟାଯାଇଥିଲା। ଖବରପାଇ ବେତନଟୀ ରେଞ୍ଜର ଏବଂ ବନପାଳ ଘଟଣାସ୍ଥଳ ପରିଦର୍ଶନ ପୂର୍ବକ ସରଜମିନ ତଦନ୍ତ କରିଥିଲେ। ଉକ୍ତ ମୂଲ୍ୟବାନ ଶାଳ ଗଛ ଗୁଡିକୁ ବନବିଭାଗର ବିନା ଅନୁମତିରେ କଟାଯାଇ ଥିବା ବେଳେ ଟିକଟଭୁକ୍ତ ଜମିରେ ଗଚ୍ଛିତକରି ରଖାଯାଇଥିବା ଯୋଗୁଁ ମୂଲ୍ୟବାନ ଶାଳଗଛ କାଠଗଣ୍ଡି ଗୁଡିକୁ ଜବତ କରିବାରେ ଅସମର୍ଥ ହୋଇଥିଲେ। ତେବେ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇ ଥିବାବେଳେ ବନବିଭାଗର ବିନା ଅନୁମତିରେ ସ୍ଥାନାନ୍ତର କଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଓଲଟିଲା ଗାଡି, ୧୬ ଗୋରୁ ଉଦ୍ଧାର

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଚିଙ୍ଗୁଡିପୁର କେନାଲ ଛକରେ ଗୁରୁବାର ପ୍ରତ୍ୟୁଷରେ ଏକ ବେଆଇନ ଗୋରୁ ବୋଝେଇ ପିକଅପ ଓଲଟି ପଡିଥିବା ଜଣାଯାଇଛି। ଏହି ଗାଡିରେ ଥିବା ୧୬ ଗୋରୁ ଆହତ ହୋଇଛନ୍ତି। ଯାଜପୁର ରୁ ବେଆଇନ ଗୋରୁ ପରିବହନ କରି ଭଦ୍ରକ ଆଡକୁ ଯାଉଥିବା ଓଡି ୦୧ ବିବି ୪୫୪୨ ନଂ ପିକଅପ ଭ୍ୟାନ ରାଜପଥ ବାଡରେ ପିଟି ହୋଇ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଥିବା ୧୬ଟି ଗୋରୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ଚାଳକକୁ ଅଟକ ରଖିଥିଲେ। ସୂଚନା ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଗୁଡିକୁ ଗୋଶାଳାକୁ ପଠାଇବା ସହ ଚାଳକକୁ ହେପାଜତକୁ ନେଇଥିବା ଜଣାଯାଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ଏଥିନେଇ ଅଭିଯୋଗ ହୋଇନାହିଁ କି ପୁଲିସ ମାମଲା ରଜୁ କରିନାହିଁ କିମ୍ବା ଚାଳକର ପରିଚୟ ମିଳିପାରି ନାହିଁ।

ଡାହିବାଡି ସାପ୍ତାହିକ ହାଟରୁ ବାଇକ ଚୋରି

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଉପକଣ୍ଠ ଡାହିବାଡି ସାପ୍ତାହିକ ହାଟରୁ ଏକ ବାଇକକୁ ଚୋରି କରିନେଲେ ଦୁର୍ବୃତ୍ତ । ଡାହିବାଡ଼ି ହାଟରେ ପୁଣି ସକ୍ରିୟ ହେଲେ ବାଇକ ଚୋର । ଚାନ୍ଦୁଆ ଥାନା ଅଧୀନ ବାଘୁଆଶୋଳ ଗ୍ରାମର ଭାଗବତ କିସ୍କୁ ନିଜ ବାଇକ ନଂ ଓଆର - ୧୧ଏଲ-୧୩୩୦ ବିଶିଷ୍ଟ ସ୍ପ୍ଳେଣ୍ଡର ପ୍ଲସ ଯୋଗେ ପନିପରିବା କିଣିବା ପାଇଁ ବାଇକ ଟିକୁ ରଖି ହ୍ୟାଣ୍ଡେଲ ଲକ କରି ଯାଇଥିଲେ। କିଣାକିଣି ସାରି ଫେରିବା ବେଳକୁ ସେହି ଯାଗାରେ ବାଇକଟି ନଥିଲା। ସବୁ ଯାଗାରେ ଖୋଜାଖୋଜି କରି ନପାଇବାରୁ ବୈଶିଙ୍ଗା ଥାନା ପହଞ୍ଚି ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ଭଦ୍ରକରେ ଓରମାସର ଦୀପାବଳି ଷ୍ଟଲ୍ ପ୍ରତିଷ୍ଠା

ଭଦ୍ରକ,(ସବ୍ୟୁ):ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ,ଭଦ୍ରକ ପକ୍ଷରୁ ଦୀପାବଳୀ ଉତ୍ସବ-୨୦୨୬ ଅବସରରେ ଅପର୍ଣ୍ଣବିନ୍ଧା ଛକ,ଏସବିଆଇ ମୁଖ୍ୟ ଶାଖା ନିକଟ,ଭଦ୍ରକ ଠାରେ ଏକ ଅସ୍ଥାୟୀ ଷ୍ଟଲ୍ ପ୍ରତିଷ୍ଠା କରାଯାଇଛି। ଏହି ଷ୍ଟଲ୍ ତା ୪ତାରିଖ ରୁ ୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଖୋଲା ରହିବ। ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଗୁରୁବାର ସନ୍ଧ୍ୟାରେ ଏହି ଷ୍ଟଲ୍‌ର ଶୁଭ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶୁଭେନ୍ଦୁ କୁମାର ସାମଲ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ବିଡ଼ିଓ ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଷ୍ଟଲକୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ସଦସ୍ୟମାନେ ପରିଚାଳନା କରିବେ । ଏଠାରେ ସ୍ଥାନୀୟସ୍ତରରେ ପ୍ରସ୍ତୁତ ସାମଗ୍ରୀ ଯେପରିକି ଦୀପ, ଅଗରବତୀ, ମହମବତୀ, ନକୁଲ ଦାନା, ଗୁଡ଼, ମହୁ, ଝାଡୁ ଏବଂ ଉପହାର ହାମ୍ପର ଇତ୍ୟାଦି ଓରମାସ ବ୍ରାଣ୍ଡିଂ ସହ ବିକ୍ରୟ କରାଯିବ। ତେଣୁ ପର୍ବ ଋତୁରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀ କ୍ରୟ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉତ୍ସାହିତ କରିବାକୁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

ସାରକୋଣା ପ୍ରଧାନଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଖଇରା,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ସାରକୋଣା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାଗିରଥି ଖଟୁଆଙ୍କୁ ଛାତ୍ରୀଛାତ୍ର ଓ ଗ୍ରାମବାସୀମାନେ ବୁଧବାରଦିନ ଭାବବିହ୍ୱଳ ପରିବେଶ ମଧ୍ୟରେ ସେବାନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱ ଓ ଶିକ୍ଷକ ପ୍ରଶାନ୍ତ କୁମାର ହୋତାଙ୍କ ଆବାହକତ୍ୱରେଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଫତେପୁର ହାଇସ୍କୁଲର ଅବସର ପ୍ରାପ୍ତ ଶିକ୍ଷକ ନରହରି ମହାନ୍ତି, ମୁଖ୍ୟବକ୍ତା ଭାବେ ଖଇରା କଲେଜର ଅବସର ପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥ ଓ ସମ୍ମାନିତ ଅତିଥି ଭାବେ ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ସଭାପତି ବ୍ରହ୍ମାନନ୍ଦ ସାହୁ, ସାରକୋଣା ୟୁପି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଗଜ, ଶିକ୍ଷକ ସମନ୍ୱୟ ସମିତି ର ସଭାପତି ଜୟନ୍ତ କୁମାର ପଣ୍ଡା, ସରପଞ୍ଚ ସୁଶାନ୍ତ କୁମାର ନାୟକ, ଆଲମିନି ସଭାପତି ଚନ୍ଦ୍ରକାନ୍ତ ଦାସ, ଅନ୍ୟତମ ବିଦ୍ୟାଳୟ ପ୍ରତିଷ୍ଠାତା ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଭାଗିରଥି ସାରଙ୍କ ଗୁଣ ଗାନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ, ଛାତ୍ରୀଛାତ୍ର, ପରିଚାଳନା କମିଟି ପକ୍ଷରୁ ପୃଥକ ଭାବେ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଶରତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପ୍ରାକ୍ତନ ଓ ବର୍ତ୍ତମାନ ର ଛାତ୍ରୀଛାତ୍ର, ଗ୍ରାମବାସୀ ଏକ ଶୋଭାଯାତ୍ରାରେ ପ୍ରଧାନ ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କୁ ନେଇ ନହଙ୍ଗ ବାସଭବନରେ ଛାଡ଼ିଥିଲେ।

ଅଭିନବ ଉପାୟରେ ବାଲି ଚୋରି ମସୁଧା

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ବେଆଇନ ବାଲି ଚୋରା ଚାଲାଣ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ଚୋରା କାରବାର ରୋକିବା ପାଇଁ ଧରପଗଡ ମଧ୍ୟ କରାଯାଉଛି । ବିଶେଷକରି ଟୁକୁଣା ଓ ଆଖପାଖ ଅଂଚଳରେ ଏବେ ମଧ୍ୟ ବେଆଇନ ଭାବରେ ବାଲି ଚୋରା କାରବାର ଚାଲିଛି । ପ୍ରଶାସନର ଧରପଗଡ ପରେ ମାଫିଆମାନେ ଅଲଗା ଉପାୟରେ ଚୋରା କାରବାର କରୁଛନ୍ତି । ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେବା ସହ ପରିବେଶ ନଷ୍ଟ ହେଉଛି ଏବଂ ଏହାଦ୍ୱାରା ଗ୍ରାମାଞ୍ଚଳରେ ବିବାଦ ଦେଖାଦେଇ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେଉଛି । ବେଆଇନ ବାଟରେ ବାଲି ଚୋରା କାରବାର କରିବା ପାଇଁ କେତେକ ଦିନରାତି ଖଣି ବିଭାଗ ଦପ୍ତର ଚକ୍କର ମାରୁଛନ୍ତି । ଖଣି ବିଭାଗରୁ ନିରାଶ ହେଲେ ରାଜନୈତିକ ଚାପ ସୃଷ୍ଟି କରି କାରବାର ଜାରୀ ରଖୁଛନ୍ତି । ଅଭିଯୋଗ ଅନୁଯାୟୀ ସେମାନେ ଟ୍ରାକ୍ଟରରେ ବେଆଇନ ଭାବେ ନଦୀରୁ ବାଲି ଆଣି କେତେକ ଜମାରେ ଗଚ୍ଛିତ କରୁଛନ୍ତି । ପରେ ସେଠାରୁ ବଡ ବଡ ଗାଡିରେ ଲୁଚାଛପା ବାହାରକୁ ଚାଲାଣ କରୁଛନ୍ତି । କେତେକ କ୍ଷେତ୍ରରେ ଉକ୍ତ ଜମା ବାଲିକୁ ଖଣି ବିଭାଗ ଦ୍ୱାରା ଜବତ କରି ସେ ବାବଦରେ ଜରିମାନା ପଇଠ କରି ଉକ୍ତ ବାଲିକୁ ଦେଖାଇ ଟ୍ରିପ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି । ଏହି ବାଲି ଚୋରୀକୁ ନେଇ ପୂର୍ବରୁ ଲୋକ ପ୍ରତିନିଧି ଏବଂ ସ୍ଥାନୀୟ ଲୋକ ବିରୋଧ କରିଆସୁଥିଲେ । ଏଣୁ ଏଭଳି ବେଆଇନ କାମକୁ ପ୍ରୋତ୍ସାହନ ନ ଦେବାକୁ ସାଧାରଣରେ ଦାବୀ ହେଉଛି ।

ରୟାଲ ଷ୍ଟାଗ ପକ୍ଷରୁ ନୂତନ ପାର୍ବଣ କ୍ୟାମ୍ପେନ ଶୁଭାରମ୍ଭ

ଯୋଡ଼ା,(ସବ୍ୟୁ) : ସିଗ୍ରାମ୍ସ ରୟାଲ ଷ୍ଟାଗ ପ୍ୟାକେଜ୍ଡ୍ ଡ୍ରିଙ୍କିଂ ୱାଟର ପକ୍ଷରୁ ନୂତନ ପାର୍ବଣ କ୍ୟାମ୍ପେନ 'ଦିସ ଫେଷ୍ଟିଭ ସିଜନ, ଲେଟ୍ସ ସେଲିବ୍ରେଟ ଦ ଲାର୍ଜ ଇନ ଏଭ୍ରିୱାନ'ର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନରେ କ୍ରିକେଟର ରୋହିତ ଶର୍ମା, ଅଭିନେତା ତଥା କମେଡିଆନ ରାହୁଲ ଦୁଆ ଓ ଅଭିନେତ୍ରୀ ମାନଭି ଗାଗ୍ରୁ ନଜର ଆସିଛନ୍ତି। ଏଥିସହ ଏଆଇ ଆଧାରିତ ଏକ ଅଭିନବ କାର୍ଯ୍ୟକ୍ରମ ଜରିଆରେ ଲୋକମାନେ ନିଜ ପ୍ରିୟଜନଙ୍କ ସହ ଖୁସି ବାଣ୍ଟିବାର ସୁଯୋଗ ପାଇବେ।ପର୍ନୋଡ ରିକାର୍ଡ ଇଣ୍ଡିଆର ଚିଫ ମାର୍କେଟିଂ ଅଫିସର ଦେବଶ୍ରୀ ଦାସଗୁପ୍ତା ଓ ଡେଣ୍ଟସୁ କ୍ରିଏଟିଭ ୱେବ୍‌ଚ୍ଲିର ନ୍ୟାସନାଲ କ୍ରିଏଟିଭ ଡାଇରେକ୍ଟର ଅଭିଜିତ ରାୟ ଏହି କ୍ୟାମ୍ପେନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ମତ ରଖିଛନ୍ତି।

ଅମୂଲ୍ୟରତ୍ନ ନନ୍ଦଙ୍କ ଘରେ ଇଡି ରେଡ୍

ଆଗରପଡ଼ା,(ସବ୍ୟୁ) :ଇଡିର ଏକ ଟିମ୍ ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଁଷଗୋଠ ପଞ୍ଚାୟତ ନରାଜପୁର ଗ୍ରାମର ଅମୂଲ୍ୟରତ୍ନ ନନ୍ଦଙ୍କ ଘରେ ଚଢ଼ାଉ କରିଥିବାର ସୂଚନା ମିଳିଛି। ବୁଧବାର ପ୍ରାୟ ସକାଳ ୭ଟା ସମୟରେ ଏହି ଟିମ୍ ଆସି ପହଁଚି ଦୀର୍ଘ ଘଣ୍ଟା ଧରି ଶ୍ରୀନନ୍ଦଙ୍କ ଘରେ ଖାନତଲାସ କରିଥିଲା। ଘର ଭିତରକୁ କାହାକୁ ଛଡ଼ାଯାଇ ନଥିଲା। ସ୍ଥାନୀୟ ବ୍ୟାଙ୍କକୁ ଟିମ ଯାଇ ନଥିପତ୍ର ମଧ୍ୟ ଯାଂଚ କରିଥିଲା। ପ୍ରାପ୍ତ ସୂଚନାନୁଯାୟୀ,କଳ୍ପନା ଫାଇନାନ୍ସିଆଲ୍ ସର୍ଭିସେସ୍ ନାମକ ଏକ ସଂସ୍ଥା ଅର୍ଥ ଠକେଇ ମାମଲାରେ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ୧୦ଟି ସ୍ଥାନରେ ଇଡି ଏକକାଳୀନ ରେଡ୍ କରିଥିଲା। ଏହି ସଂସ୍ଥା ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ଲୋକମାନଙ୍କ ଠାରୁ ପ୍ରାୟ ୧୨୦କୋଟି ଟଙ୍କା ଠକେଇ କରିଥିବାର ଅଭିଯୋଗ ହୋଇଥିଲା। ଏହି ସଂସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ସଂସ୍ଥା ମୁଖ୍ୟ ନିବେଶକଙ୍କ ସହ ଚୁକ୍ତିନାମା ସହିତ ପୋଷ୍ଟ ଡେଟେଡ଼ ଚେକ ମଧ୍ୟ ପ୍ରଦାନ କରିଥିଲେ। ପ୍ରଥମେ ପ୍ରଥମେ ଏହି ସଂସ୍ଥା ନିବେଶକମାନଙ୍କୁ କିଛି କିଛି ଲାଭାଂଶ ମଧ୍ୟ ଫେରାଇ ଥିଲା। ପରେ ଏହା ବନ୍ଦ ହୋଇଯିବାରୁ ନିବେଶକମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏଜେଣ୍ଟମାନଙ୍କ ସନ୍ଦେହ ଦୂର ପାଇଁ ସଂସ୍ଥା ମୁଖ୍ୟ ବିଭିନ୍ନ ସ୍ଥାନରେ ବୈଠକ କରୁଥିଲେ। ଗତ ଜାନୁୟାରୀ ମାସ ୩ତାରିଖରେ ଏହି ସଂସ୍ଥା ମୁଖ୍ୟ ଅମିତ୍ ମଣ୍ଡଳଙ୍କୁ ଓଡ଼ିଶା କ୍ରାଇମବ୍ରାଂଚ ଇଓଡବ୍ଲ୍ୟୁ ଗିରଫ କରିଥିଲା। ପରେ ଏହି ମାମଲାର ତଦନ୍ତ ଇଡି ଆରମ୍ଭ କରିଥିବାର ଜଣାପଡ଼ିଛି।


ବିୟୁଜେର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ

ପ୍ରିୟଦର୍ଶନ ସଭାପତି, ଜଗବନ୍ଧୁ ସାଧାରଣ ସମ୍ପାଦକ



ଭଦ୍ରକ,(ସବ୍ୟୁ):ଓଡ଼ିଶା ସାମ୍ବାଦିକ ୟୁନିଅନ ସହବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ୟୁନିଅନ(ବିୟୁଜେ)ର ସାଧାରଣ ପରିଷଦ ବୈଠକ ଏବଂ ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଦିନ ଆଖଣ୍ଡଳମଣି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଡ଼ଃ.ହରିହର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ଉପଖଣ୍ଡ ପୁଲିସ ଅଧିକାରୀ ବିଷ୍ଣୁମୋହନ ବାରିକ,ଧୂଷୁରୀ ଆଇଆଇସି ଅଜୟ ସୁଦର୍ଶନ ବାଗେ,ପ୍ରାକ୍ତନ ତହସିଲଦାର ବିଦ୍ୟାଧର ପଲାଇ,ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ ଅତିଥି ରୂପେ ଯୋଗଦେଇ ସାମ୍ବାଦିକତା ବୃତ୍ତି ପାଇଁ ନିଷ୍ଠା ଆବଶ୍ୟକ ଏବଂ ସାମ୍ବାଦିକ ସକାରାତ୍ମକ ଓ ସଠିକ ସମ୍ବାଦ ପରିବେଷଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ବିୟୁଜେର ସଭାପତି ପ୍ରିୟଦର୍ଶନ ବୋଇତି (ବାବୁ),ସାଧାରଣ ସମ୍ପାଦକ ଜଗବନ୍ଧୁ ବେହେରା ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦକ ବୈକୁଣ୍ଠ ନାଥ ସାହୁ ସ୍ୱାଗତ ବକ୍ତବ୍ୟ ସହ ଆଭିମୁଖ୍ୟ ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିୟୁଜେର ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା। ପ୍ରିୟଦର୍ଶନ ବୋଇତି-ସଭାପତି,ହେମନ୍ତ ସିଂ କାର୍ଯ୍ୟକାରୀ ସଭାପତି,ଆଶିଷ ପାଢୀ,ଦିଗମ୍ବର ଜେନା,ଅକ୍ଷୟ ଦାସ,ପ୍ରଭାତ ରାଉଳ,ଶାନ୍ତନୁ ପଣ୍ଡା,ଦେବେନ୍ଦ୍ର ଆଦିଆ,ନାରାୟଣ ବାରିକ,ଭାଗିରଥୀ ସେଠୀ ଉପସଭାପତି ମନୋନୀତ ହୋଇଥିଲେ। ଜଗବନ୍ଧୁ ବେହେରା-ସାଧାରଣ ସମ୍ପାଦକ ଏବଂ ବୈକୁଣ୍ଠ ନାଥ ସାହୁ ସଙ୍ଗଠନ ସମ୍ପାଦକ,ସୌମ୍ୟ ପାଢ଼ୀ,ବିଭୂତି ଗ୍ରହଚାର୍ଯ୍ୟ,କୀର୍ତ୍ତନ ନାୟକ,ବିଭୂତି ମଲ୍ଲିକ,ନିରଞ୍ଜନ ସାହୁ,ଅକ୍ଷୟ ସିଂ,ବାସୁଦେବ ଦାସ,ନିତ୍ୟାନନ୍ଦ ଜେନାଙ୍କୁ ସମ୍ପାଦକ ମନୋନୀତ କରାଯାଇଛି। ଜୟ ଜଗନ୍ନାଥ ମଲ୍ଲିକ କୋଷାଧ୍ୟକ୍ଷ,ଅଜୟ ପଣ୍ଡା,ଦୀପ୍ତି ରଞ୍ଜନ ସାହୁ,ଗଣେଶ ମହାନ୍ତି,ସରୋଜ ସେଠୀ ସହ ସମ୍ପାଦକ ମନୋନୀତ ହୋଇଛନ୍ତି। ରମାକାନ୍ତ ଡାଙ୍ଗୁଆ ଜାତୀୟ ପରିଷଦ ସଭ୍ୟ,କୃଷ୍ଣଚନ୍ଦ୍ର ଜେନା ରାଜ୍ୟ ପରିଷଦ ସଭ୍ୟ ଗୌରହରି ନାୟକ ବିଚାରକ ମଣ୍ଡଳୀ ଅଧ୍ୟକ୍ଷ,ଅରୁଣ ମହାନ୍ତି ଆଇନ ପରାମର୍ଶଦାତା,କ୍ଷୀତିଶ ବେହେରା କଲ୍ୟାଣ କମିଟି ଅଧ୍ୟକ୍ଷ,ଅମର ବାରିକଙ୍କୁ କଲ୍ୟାଣ କମିଟି ଅଧ୍ୟକ୍ଷ ଭାବେ ଗ୍ରହଣ କରାଯାଇଛି। ନାରାୟଣ ପ୍ରସାଦ ବାରିକ,ହରିହର ନାୟକ,ସ୍ମୃତିରଂଜନ ସାହୁ,ଅନିଲ ବାରିକ,ଦୀନବନ୍ଧୁ ଦାଶ,କୈଳାସ ସାହୁ,ରମେଶ ବେହେରା ଉପଦେଷ୍ଟା ରହିଥିବାବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରୂପେ ନାରଣ ବାରିକ,ପାର୍ଥସାରଥୀ ନାୟକ,ଅଭିଷେକ ପଟ୍ଟନାୟକ,ହେମନ୍ତ ମହାପାତ୍ର,କୁଳମଣି ବେହେରା,ଲାଲା ଧୀରଞ୍ଜନ ରାୟ,ବାବାଜୀ ପାଢ଼ୀ,ପ୍ରମୋଦ ସ୍ୱାଇଁ,ପ୍ରଦ୍ୟୁମ୍ନ ପୁହାଣ,ପ୍ରମୋଦ ନାୟକ,ସନ୍ତୋଷ ମହାପାତ୍ରଙ୍କୁ ନୂଆ କମିଟିରେ ନିଆଯାଇଛି। ଏଥି ସହିତ ବିୟୁଜେ ଆଇଟି ସେଲ ଅଧ୍ୟକ୍ଷ ରୂପେ ଶୁଭଦୀପ ମଲ୍ଲିକ ଏବଂ ସଦସ୍ୟ ଭାବେ ସୁଦୀପ୍ତ ଖଟୁଆ,ବିଜୟ ପଣ୍ଡା,ଯଯାତି ଦାସ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁସଂଖ୍ୟକ ସାମ୍ବାଦିକ ଯୋଗ ଦେଇଥିଲେ।

ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟ କାଟ ପରୀକ୍ଷଣ



କେନ୍ଦୁଝର ,(ଜିପ୍ର) : ଜିଲ୍ଲାସ୍ତରୀୟ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟ କାଟ ପରୀକ୍ଷଣ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଦରବାର୍ ହଲରେ ଗତ ଦୁଇଦିନ ଧରି ଦୁଇଟି ବ୍ୟାଚରେ ଅନୁଷ୍ଠିତ ହୋଇଯାଇଛି । ଗତ ୩ତରିଖରେ ପ୍ରଥମ ବ୍ୟାଚ ଆନନ୍ଦପୁର, ଘଷିପୁରା, ହରିଚନ୍ଦନପୁର, ହାଟଡିହି, ପାଟଣା, ସାହରପଡା, ତେଲକୋଇ ବ୍ଲକର ୧୦୬ ଜଣ, ଗତ୪ ତାରିଖରେ ଦ୍ୱିତୀୟ ବ୍ୟାଚ ବାଂସପାଳ, ଚମ୍ପୁଆ, ଘଟଗାଁ, ଝୁମ୍ପୁରା, ଯୋଡା, କେନ୍ଦୁଝର ସଦର ବ୍ଲକର ୯୫ ଜଣ , ଏହିପରି ସର୍ବମୋଟ ୨୦୧ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ କର୍ଯ୍ୟରେ ଶସ୍ୟ କାଟ ପରୀକ୍ଷା ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ତହସିଲର ସଂପୃକ୍ତ ୫୩ ଜଣ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସମସ୍ତ ବ୍ଲକର ସଂପୃକ୍ତ ୧୧୮ ଜଣ କୃଷି ଓଭରସିୟର, ଭିଏଡବ୍ଲୁ ଏବଂ ସମସ୍ତ ବ୍ଲକର ୩୦ ଜଣ ଗୋଷ୍ଠୀ ପରିସଂଖ୍ୟାନ ଅଧିକାରୀ, ପରିସଂଖ୍ୟାନ ପର୍ଯ୍ୟବେକ୍ଷକ ଓ ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯୋଗ ଦେଇଥିଲେ । ଚଳିତ ବର୍ଷ ହରିଚନ୍ଦନପୁର ବ୍ଲକର ଦଇତାରି ଓ ଯୋଡ଼ା ବ୍ଲକର ଜୁରୁଡି ପଞ୍ଚାୟତକୁ ଛାଡି ଜିଲ୍ଲାର ସମସ୍ତ ବ୍ଲକର ୨୯୫ ପଞ୍ଚାୟତ ଏବଂ ସମସ୍ତ ୫ଟି ମୁନିସପାଲିଟ ଏବଂ ଏନ.ଏ.ସି ରେ ଅନଲାଇନରେ ମୋବାଇଲ ଆପ ମାଧ୍ୟମରେ ଧାନ ଶସ୍ୟ କାଟ ହୋଇ କେନ୍ଦୁଝର ଜିଲ୍ଲାରେ ଧାନ ଉତ୍ପାଦନ ସମ୍ବନ୍ଧିୟ ତଥ୍ୟ ଆକଳନ ପାଇଁ ସରକାରଙ୍କୁ ଫର୍ମ ୮ରେ ତଥ୍ୟ ପ୍ରଦାନ କରାଯିବ । ଏହି ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନାକାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର୍ଯ୍ୟକାରି ହୋଇ ଆସୁଅଛି । ଏହି ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସଠିକ ସମୟରେ ଓ ସଠିକ ପଦ୍ଧତିରେ ୧୦୦% ଅନଲାଇନ ମାଧ୍ୟମରେ ମୋବାଇଲ ଆପରେ ଧାନ ଶସ୍ୟ କାଟ କରିବାକୁ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କବିତା ବେହେରା ,ଯୋଜନା ଓ ପରିସଙ୍ଖ୍ୟାନର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରାଯୋଗ ଦେଇ ସମସ୍ତ ତାଲିମ ଗ୍ରହଣ କାରିଙ୍କୁ ଏହି ତାଲିମ ନେଇ ଫିଲ୍ଡ/କ୍ଷେତ୍ରରେ ମୋବାଇଲ ଆପରେ ସଠିକ ଶସ୍ୟକାଟ କରି ଫର୍ମ-୮ ରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସରକାର ତଥା ଜିଲ୍ଲାର ଏହି ମହତ କାର୍ଯ୍ୟରେ ସହଯୋଗ କରିବାକୁ ଅବଗତ କରାଇଥିଲେ ।ଏହି ତାଲିକ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଭାବେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ପରିସଂଖ୍ୟାନ ସହକାରୀ ନିର୍ଦ୍ଦେଶକ ସମ୍ରି କୁମାର ଘୋଷ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯାଳୟର ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନାର ସ୍କିମ ଅଧିକାରୀ ତଥା ସହକାରୀ କୃଷି ଅଧିକାରୀ ଦୀପାଞ୍ଜଳୀ ମହାପାତ୍ର, ଜେନେରାଲି ସେଣ୍ଟ୍ରାଲ ୟୁନ୍ସୁରାନ୍ସ କମ୍ପାନୀର ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ ତାଲିମଦାତା ଭାବେ ପରିଚାଳନା କରିଥିଲେ ଏବଂ ପରିଶେଷରେ ପରିସଂଖ୍ୟାନନ ଅଧିକାରୀ ଅନୁପମା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ

ସଂସଦ ଓ ବିଧାନସଭାର ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇନାହିଁ। ହୁଏତ ଏଇ ନଭେମ୍ବର ଶେଷ ବା ଡିସେମ୍ବର ପ୍ରଥମ ସପ୍ତାହରେ ହେବାର ସମ୍ଭାବନା ରହିଛି । ରାଜ୍ୟ ବିଧାନସଭାର ଶୀତକାଳୀନ ଅଧିବେଶନ ଚଳିତ ନଭେମ୍ବର ୧୮ରୁ ଆରମ୍ଭ ହୋଇ ଡିସେମ୍ବର ୩୧ରେ ଶେଷ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି। ଦେଶରେ ଅଶାନ୍ତ ପରିସ୍ଥିତି ଭିଆଇ ରାଜନୀତିକ ଅସ୍ଥିରତା ସୃଷ୍ଟି କରାଯିବାକୁ ବିରୋଧୀଦଳଗୁଡ଼ିକ ଏକତ୍ର ଉଦ୍ୟମ କରୁଥିଲେ ମଧ ସେସବୁ ଦାନା ବାନ୍ଧୁଥିବା ପରି ମନେହେଉନାହିଁ । ଇଣ୍ଡିମେଣ୍ଟର ଛୋଟ ଛୋଟ ଅଂଶୀଦାରମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଏବେ ମାତିଥିବା ଶୁଭଲକ୍ଷଣ ନୁହେଁ। ଆଗାମୀ ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ହେଉଛି ବିରୋଧୀଦଳଗୁଡ଼ିକର ନୈତିକ କର୍ତ୍ତବ୍ୟ। ମାତ୍ର କଂଗ୍ରେସ ଏଥିରୁ ଦୂରେଇ ଯାଇ ଶସ୍ତା ଲୋକପ୍ରିୟତା ପାଇଁ ମେଣ୍ଟବାନ୍ଧି ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗୀୟ ପିତାଙ୍କ କଥା କହି ଗାଳିଗୁଲଜ କରିବା କେତେଦୂର ସମୀଚୀନ?

ଅହିଂସା ନୀତିରେ ବିଶ୍ୱାସ କରୁଥିବା ଭାରତ ବିଶ୍ୱରେ ଚାଲିଥିବା ଯୁଦ୍ଧକୁ ବନ୍ଦ ରଖିବାକୁ ଉଦ୍ୟମ କରି ଆଜି ପ୍ରଶଂସିତ। ଯୁଦ୍ଧରେ ଶକ୍ତି ପ୍ରଦର୍ଶନ କରି ବିଶ୍ୱରେ ପ୍ରଭାବ ବିସ୍ତାର କରିବାକୁ ଚାହୁଁଥିବା କୌଣସି ରାଷ୍ଟ୍ର ବା ରାଷ୍ଟ୍ରର ନେତାଙ୍କୁ ବିଶ୍ୱରେ ମର୍ଯ୍ୟାଦା ମିଳିପାରି ନାହିଁ । ସେ ଦୃଷ୍ଟିରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁ ସମଗ୍ର ବିଶ୍ୱରେ ଭାରତର ମର୍ଯ୍ୟାଦା ବୃଦ୍ଧି ପାଇଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବା ଉପ ପ୍ରଧାନମନ୍ତ୍ରୀମାନଙ୍କ ଆଭ୍ୟନ୍ତରୀଣ ବା ବୈଦେଶିକ ନୀତିରୁ ପ୍ରେରଣା ଲାଭ କରି ଗୁଜୁରାଟ ପରି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଅଭିଜ୍ଞତା ଲାଭ କରି ସେ ଭାରତକୁ ବିଶ୍ୱରେ ଅନ୍ତତଃ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯେଉଁ ସଂକଳ୍ପ ନେଇଛନ୍ତି, ତାହା ଦେଶବାସୀଙ୍କୁ ଅନୁପ୍ରାଣିତ କରିପାରିଛି । ମାତ୍ର ବିରୋଧୀଦଳ ବିଭିନ୍ନ ସମସ୍ୟାକୁ ନେଇ ଗଠନମୂଳକ ସମାଲୋଚନା କରିପାରିଲେ ସେମାନଙ୍କ ଶ୍ରମ ସାର୍ଥକ ହୋଇପାରନ୍ତା । ମାତ୍ର ସେମାନେ ତାହା କରୁନାହାନ୍ତି । ଗଣତନ୍ତ୍ରର ମନ୍ଦିର, ମସଜିଦ ବା ଗୀର୍ଜା ବୋଲି ବିବେଚିତ ହେଉଥିବା ସଂସଦକୁ ଅଚଳ କରିବା ଏକ ପ୍ରକାର ଅପରାଧ ବୋଲି ମନେ କରାଯାଉଛି। ସେହିପରି ଆମର ବ୍ୟବସ୍ଥା, ନିର୍ବାଚନ ସଂସ୍ଥା, ଅମଲାତନ୍ତ୍ର ବା ସରକାରୀ କଳ ହେଉ ବା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ମନେ କରାଯାଉଥିବା ଗଣମାଧ୍ୟମକୁ ହେଉ ଦୋଷାରୋପ କରାଯାଇପାରେ, ମାତ୍ର ସେସବୁର ଉପଯୁକ୍ତ କ୍ଷେତ୍ର ହେଉଛି ସଂସଦ ବା ରାଜ୍ୟଗୁଡ଼ିକରେ ଥିବା ବିଧାନସଭା ଓ ବିଧାନ ପରିଷଦ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦୃଷ୍ଟାନ୍ତ ନିଆଯାଉ। ତାଙ୍କର କିଛିଟା ବୈଦେଶିକ ଓ ଆଭ୍ୟନ୍ତରୀଣ ନୀତି ତ୍ରୁଟିପୂର୍ଣ୍ଣ ଥିଲା ସତ, ମାତ୍ର ତାଙ୍କର ଆଦର୍ଶର ଅନେକ ଉଦାହରଣ ମଧ ରହିଛି । ଅଧିକାଂଶ ସମୟରେ ସେ ସଂସଦରେ ଉପସ୍ଥିତ ରହି ବିରୋଧୀ ଦଳର କଥାସବୁକୁ ମନଧ୍ୟାନ ଦେଇ ଶୁଣୁଥିଲେ । ସଂସଦ ଭିତରେ ବା ବାହାରେ ବିରୋଧୀଦଳର ନେତାମାନଙ୍କୁ ସେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁ ନ ଥିଲେ । ଏପରିକି ସେ ଶେଷ ଜୀବନରେ ଅସୁସ୍ଥ ହୋଇ ପଡ଼ିଥିଲେ ମଧ ନିଜର ଏକମାତ୍ର ତନୟା ଇନ୍ଦିରା ଗାନ୍ଧୀଙ୍କୁ ସେ ତାଙ୍କର ଉତ୍ତରାଧିକାରୀ କରିବାକୁ ନ ଚାହିଁ, ଜଣେ ସଚ୍ଚୋଟ ଓ ନୀତିନିଷ୍ଠ ସାଂସଦ ଲାଲବାହାଦୂର ଶାସ୍ତ୍ରୀଙ୍କୁ ତାଙ୍କ ସରକାରୀ କାମ କରିବାକୁ ସୁଯୋଗ ଦେଇଥିଲେ। ଫଳରେ ନେହେରୁଙ୍କ ପରେ ସେ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ।

ଏବେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ସାମ୍ବାଦିକମାନଙ୍କୁ କହିଛନ୍ତି ଯେ କାର୍ଯ୍ୟ ପରାମର୍ଶଦାତା କମିଟି (ବିଜନେସ ଆଡଭାଇଜରି କମିଟି) ସଂସଦରେ କେଉଁ ବିଷୟରେ ଆଲୋଚନା କରାଯିବ ତାହା ସ୍ଥିର କରିବେ । ଗଣତାନ୍ତ୍ରିକ ପଦ୍ଧତିରେ ବିଭିନ୍ନ ବିଷୟରେ ସଂସଦରେ ତର୍କ ହେବା ବେଳେ ସହମତି ହୋଇପାରେ ବା ହୋଇ ନପାରେ । ମାତ୍ର ସଂସଦରେ ତର୍କଗୁଡ଼ିକ ଫଳପ୍ରଦ ହେବା ଦରକାର। ଆଗାମୀ ଶୀତକାଳୀନ ଅଧିବେଶନରେ ଆମ ରାଜ୍ୟରେ ଥିବା ବିରୋଧୀଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ସକାରାତ୍ମକ ଭାବେ ସମାଲୋଚନା କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦୃଷ୍ଟାନ୍ତ ନିଆଯାଉ । ତାଙ୍କର କିଛିଟା ବୈଦେଶିକ ଓ ଆଭ୍ୟନ୍ତରୀଣ ନୀତି ତ୍ରୁଟିପୂର୍ଣ୍ଣ ଥିଲା ସତ, ମାତ୍ର ତାଙ୍କର ଆଦର୍ଶର ଅନେକ ଉଦାହରଣ ମଧ ରହିଛି । ଅଧିକାଂଶ ସମୟରେ ସେ ସଂସଦରେ ଉପସ୍ଥିତ ରହି ବିରୋଧୀ ଦଳର କଥାସବୁକୁ ମନଧ୍ୟାନ ଦେଇ ଶୁଣୁଥିଲେ । ସଂସଦ ଭିତରେ ବା ବାହାରେ ବିରୋଧୀଦଳର ନେତମାନାନଙ୍କୁ ସେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁ ନ ଥିଲେ । ଏପରିକି ସେ ଶେଷ ଜୀବନରେ ଅସୁସ୍ଥ ହୋଇ ପଡ଼ିଥିଲେ ମଧ ନିଜର ଏକମାତ୍ର ତନୟା ଇନ୍ଦିରା ଗାନ୍ଧୀଙ୍କୁ ସେ ତାଙ୍କର ଉତ୍ତରାଧିକାରୀ କରିବାକୁ ନ ଚାହିଁ, ଜଣେ ସଚ୍ଚୋଟ ଓ ନୀତିନିଷ୍ଠ ସାଂସଦ ଲାଲବାହାଦୂର ଶାସ୍ତ୍ରୀଙ୍କୁ ତାଙ୍କ ସରକାରୀ କାମ କରିବାକୁ ସୁଯୋଗ ଦେଇଥିଲେ। ଫଳରେ ନେହେରୁଙ୍କ ପରେ ସେ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଆଜିର ଅନୁଚିନ୍ତା :

ଭୟ ଏକ ଆରୋପିତ ମାନସିକତା-୪



ରତ୍ନାକର ରାଉତ

ସ୍ଥିତି କଣ, ଏ କଣ କରିପାରିବ, ଅବା ମୋର କଳ୍ପନାରୁ ସମ୍ଭୂତ ଏ ଭୟ, ଭାସମାନ ମେଘ ପରି ଦୂରୀଭୂତ ହୋଇଯିବ କିଛି କ୍ଷଣ ପରେ, କୁହୁଡ଼ି ହଟିଗଲେ ଉଭାସିତ ହେବ ସୂର୍ଯ୍ୟଙ୍କର ପ୍ରଖର ତେଜ, ଏହା ନିଶ୍ଚିତ। ପରିଣତି ହେବ, ଭୟ- ଭ୍ରାନ୍ତି- ଅସାମର୍ଥ୍ୟ- ଆତ୍ମବିଶ୍ୱାସହୀନତା- ଅବସାଦ- ସବୁର ସମାପ୍ତି। ଅଭ୍ୟୁଦୟ ହେବ, ଆତ୍ମଜ୍ଞାନ- ଭକ୍ତି- ଆଧ୍ୟାତ୍ମିକତା- ସାହସର ଜାଗରଣ- ସାମର୍ଥ୍ୟ- ଆତ୍ମବିଶ୍ୱାସ ଓ ଅଭୟ।

ପୂର୍ବରୁ ଡର ଓ ଭୟ ସମ୍ପର୍କରେ ଆଲୋଚନା କରାଯାଇଛି। ଏବେ ଆଲୋଚନାର ପ୍ରସଂଗକୁ ଆସୁଛି ଫୋବିଆ(Phobia)। ଫୋବିଆ ହେଉଛି ଭୟର ଅତିରଂଜିତ ଓ ଅଯୌକ୍ତିକ ରୂପ। ଡର(Fright) ହେଉଛି କ୍ଷଣିକ ପ୍ରତିକ୍ରିୟା। ଯେପରି, ହଠାତ୍ ଜୋର ଶବ୍ଦ ଶୁଣି ଚମକି ପଡ଼ିବା। ଭୟ(Fear) ହେଉଛି ସଚେତନ ଅନୁଭବ, ମନର ଏକ ଅବସ୍ଥା। ଯେପରି, ଚାକିରି ଚାଲିଯିବ ଅବା ବାଘ ହଠାତ୍ ସାମ୍ନାକୁ ଆସିଯିବ ବୋଲି ଅବାନ୍ତର ଚିନ୍ତାକରିବା। ଅନ୍ୟପକ୍ଷରେ ଫୋବିଆ (Phobia) ହେଉଛି ସେହି ଭୟ ଯେତେବେଳେ ତାହା ସ୍ଥାୟୀ ଓ ଗଭୀର ଭାବେ ମଣିଷ ଜୀବନକୁ ଶାସନ କରିବାକୁ ଲାଗେ। ଆରୋପିତ ଭୟ ଯଦି କାଳ୍ପନିକ ଭାବେ ବାରମ୍ବାର ମନରେ ରହି ମନକୁ ଆକ୍ରାନ୍ତ କରି ରଖେ, ତାହା ହିଁ ଫୋବିଆ ହୋଇଯାଏ। ମନ୍ଦିରରେ ଥିବା ଘଣ୍ଟି ଯେପରି ବାଜି ଚାଲିଥାଏ, ଫୋବିଆ ମଧ୍ୟ ସେମିତି ସବୁବେଳେ ମନକୁ ଗ୍ରାସ କରି ରଖିଥାଏ। ସାଧାରଣ ଭୟ ସାପ ଦେଖି ଡରିବା। କାରଣ ବିଷଧର ସାପ ବାସ୍ତବରେ ବିପଜ୍ଜନକ। ମାତ୍ର ଫୋବିଆ ଗ୍ରସ୍ତ ହେଲେ, ସାପର ଫଟୋ ଦେଖି, କିମ୍ବା ସାପ ନାଆଁ ଶୁଣି ମଧ୍ୟ ଅଜ୍ଞାନ ହୋଇଯିବା, ଛାତି ଧଡ଼ଧଡ଼ ହେବା। ଦେହରୁ ଝାଳ ବୋହିବା, ଦେହ ଥରିବା, ବିପଦ ନ ଥାଇ ମଧ୍ୟ ମସ୍ତିଷ୍କ ବିପଦ ଅଛି ବୋଲି ଭାବିବା।

ଫୋବିଆର ୩ ଟି ମୁଖ୍ୟ ପ୍ରକାର ଭେଦ:- (୧)- ନିର୍ଦ୍ଦିଷ୍ଟ ଫୋବିଆ (Specific phobia)- କୌଣସି ଗୋଟିଏ ଜିନିଷ, ଜୀବଜନ୍ତୁ ବା ପରିସ୍ଥିତିକୁ ନେଇ ଅତ୍ୟଧିକ ଭୟ। ଏହା ସବୁଠାରୁ ସାଧାରଣ, ଯଥା- ଜୀବଜନ୍ତୁ ଫୋବିଆ, ପ୍ରାକୃତିକ ପରିବେଶ ଫୋବିଆ, ରକ୍ତ/ ଆଘାତ ଜନିତ ଫୋବିଆ, ପରିସ୍ଥିତିଗତ ଫୋବିଆ ଓ ଅନ୍ୟାନ୍ୟ ଅନେକ ସମଧରଣର ଫୋବିଆ ଯଥା ଛୋଟ ଛିଦ୍ର ବା ଗହ୍ୱର ଦେଖି ଭୟ (Trypophobia), ଉଚ୍ଚତାକୁ ଭୟ(Acrophobia),ବନ୍ଦ ଜାଗାକୁ ଭୟ (Claustrophobia) (୨)- ସାମାଜିକ ଫୋବିଆ(Social phobia/ social anxiety disorder)। ଏହା ସମ୍ପ୍ରତି ସବୁଠାରୁ ବଡ଼ ସମସ୍ୟା। ଲୋକଙ୍କ ସାମ୍ନାରେ ଅପମାନିତ ହେବାର ଭୟ, ଯଥା- ମଂଚରେ କହିବାକୁ ଭୟ (Glossophobia), ଲୋକଙ୍କ ସହ ମିଶିବାକୁ ଭୟ, ପରୀକ୍ଷା ଦେବାକୁ ଭୟ, ବସ୍(Boss)କୁ ସାମ୍ନା କରି ଉତ୍ତର ଦେବାକୁ ଭୟ, ଉପରିସ୍ଥ ଅଧିକାରୀଙ୍କ ଅସନ୍ତୋଷର ଭୟ ଆଦି। (୩)- ଖୋଲାସ୍ଥାନ ଭୟ (Agoraphobia), ଏମିତି ଜାଗାକୁ ଯିବାକୁ ଭୟ ଯେଉଁଠାରୁ ସହଜରେ ଖସି ଆସି ହେବନି କି' ସାହାଯ୍ୟ ମିଳିବନି। ଯେପରି, ଭିଡ଼, ବଜାର, ବସ୍, ଧାଡ଼ିରେ ଛିଡ଼ାହେବାକୁ ଭୟ ଆଦି। ଏହା ଫଳରେ ଧୀରେଧୀରେ ଲୋକ ଘରୁ ପଦାକୁ ବାହାରେ ନାହିଁ।

ସାମ୍ପ୍ରତିକ ସମୟରେ ଅନେକ ନୂଆ ଫୋବିଆ ଯାହା ସମାଜରେ କାୟା ବିସ୍ତାର କରିଛି, ସେଥିରୁ କେତୋଟି ନିମ୍ନରେ ଉଲ୍ଲେଖ କରାଯାଇଛି।

(କ)- ଛାତ୍ରଛାତ୍ରୀ ଓ ଯୁବକଯୁବତୀ ମାନଙ୍କର ବିଫଳ ହେବାର ଭୟ (Atychiphobia)

(ଖ)- ମୋବାଇଲ ନ ଥିଲେ ବା ନେଟୱାର୍କ ନ ଥିଲେ ଭୟ (Nomophobia)

(ଗ)-ନିଷ୍ପତ୍ତି ନେବାକୁ ଭୟ, ଯାହା ହେଉଛି ଅଧିକାରୀମାନେ ଫାଇଲ ଅଟକାଇ ରଖିବାର ମୂଳ କାରଣ (Decidophobia)

(ଘ)- ନିଜେ ଯଥେଷ୍ଟ ଭଲ ନୁହେଁ ବୋଲି ଭୟ (Atelophobia)

ମଣିଷ ଉପରେ ଏହି ଫୋବିଆର ପ୍ରଭାବ ପଡ଼ିଲେ ତାଠାରେ ନିମ୍ନଲିଖିତ ଉପସର୍ଗ ସବୁ ଦେଖାଯାଏ। (୧)- ଶାରୀରିକ:- ଝାଳ ବହିବା, ନିଶ୍ୱାସ ବନ୍ଦହେବା ଭଳି ଲାଗିବା, ହୃଦସ୍ପନ୍ଦନ ବଢ଼ିବା ଅର୍ଥ ଛାତି ଧଡ଼ଧଡ଼ ହେବା, ମୁଣ୍ଡ ବୁଲାଇବା, ବେକ ବଙ୍କା ହେବା, ହାତଗୋଡ଼ ଥରିବା ଆଦି। (୨)-ମାନସିକ:- ନିଜ ଉପରୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇବା, ମୁଁ ପାରିବିନି, ମୋ ଦ୍ୱାରା କିଛି ହେବନି ବୋଲି ସ୍ଥିର କରିଦେବା, ଆତ୍ମବିଶ୍ୱାସ ହରାଇବା, ନିଜ ଉପରୁ ବିଶ୍ୱାସ ତୁଟିଯିବା। (୩)- ସାମାଜିକ:- ଧୀରେଧୀରେ ନିଜକୁ ସଙ୍କୁଚିତ ଓ ଆବଦ୍ଧ କରିଦେବା, ସେହି ଜାଗା, ଲୋକ, ପରିସ୍ଥିତିରୁ ଦୂରେଇ ଯାଇ ଏକୁଟିଆ ରହିବା।

ଫୋବିଆରୁ ରକ୍ଷା ବା ଉଦ୍ଧାର ପାଇବାକୁ ହେଲେ ତାର ଚିକିତ୍ସା ଦରକାର। ତାର ସବୁଠୁ ଶ୍ରେଷ୍ଠ ଚିକିତ୍ସା ହେଉଛି, ଭୟଠୁ ଦୂରେଇ ନ ଯାଇ ଦୃଢ଼ତାର ସହ ଭୟକୁ ସାମ୍ନା କରିବା। ଭୟକୁ ଆଖିରେ ଆଖି ମିଶାଇ ଦେଖିବା। ଗୀତାର ଦର୍ଶନ ଅନୁସାରେ, ଅଭୟମ୍। ଭକ୍ତି, ଜ୍ଞାନ ଓ କର୍ମ ହିଁ ସେହି ଆଲୋକ ଯାହାକି ଫୋବିଆର ଅମା ଅନ୍ଧକାରକୁ ଦୂର କରିବାକୁ ସମ୍ପୂର୍ଣ୍ଣ ସକ୍ଷମ। ସର୍ବଶେଷରେ ଏହି ପ୍ରବନ୍ଧର ଉପସଂହାରରେ ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନୋକ୍ତ ଶ୍ଳୋକଟି ଉଦ୍ଧାର କରି ପାଠକ ମାନଙ୍କ ଆତ୍ମଜ୍ଞାନର ଅଭ୍ୟୁଦୟ ନିମନ୍ତେ ତାହା ସହାୟକ ହେବ ବୋଲି ଆଶା ପୋଷଣ କରିବି।

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚଛ/


ତସ୍ମାଦପରିହାର୍ଯେର୍ଥେ ନ ତ୍ୱଂ ଶୋଚିତୁମର୍ହସ୍ଥି

(ଦ୍ୱିତୀୟ ଅଧ୍ୟାୟ-ସାଂଖ୍ୟଯୋଗ- ଶ୍ଳୋକ-୨୭)। ଅର୍ଥାତ୍, ଆତ୍ମା ନିତ୍ୟ ଜନ୍ମ ହେଉଛି ଏବଂ ନିତ୍ୟ ମରୁଛି ବୋଲି ପକ୍ଷାନ୍ତରେ ତୁମେ ଯଦି ସ୍ୱୀକାର କରୁଥାଅ, ସେହି ମାନ୍ୟତା ଅନୁସାରେ ଜନ୍ମ ହୋଇଥିବା ଲୋକର ମୃତ୍ୟୁ ନିଶ୍ଚିତ ଏବଂ ମରିଥିବା ଲୋକର ଜନ୍ମ ନିଶ୍ଚିତ। ଏହି ହେତୁ ମଧ୍ୟ ଯାହା ଅନିବାର୍ଯ୍ୟ, ସେହି ବିଷୟରେ ତୁମେ ଶୋକ କରିବା ଉଚିତ ନୁହେଁ, ଅର୍ଥ ଅନାଗତ ଭୟର କଳ୍ପିତ ଆଶଙ୍କାରେ ଘାରି ହେବା ଅନୁଚିତ। ଜୀବନରେ ଯାହା ଅବଶ୍ୟମ୍ଭାବୀ ସତ୍ୟ ତାହା ଯେତେ ନିଷ୍ଠୁର ହେଲେ ମଧ୍ୟ ହେବ ହିଁ ହେବ। ତେଣୁ ସେଥିପାଇଁ ଭୟରେ କାତର ହେବା ଆଦୌ ସମୀଚୀନ ନୁହେଁ।

(ଲେଖକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଓ ଜଣେ ସୁଲେଖକ)
ମୋ.୯୪୩୭୩୮୨୨୮୧

ଅନ୍ୟପକ୍ଷରେ ଫୋବିଆ (Phobia) ହେଉଛି ସେହି ଭୟ ଯେତେବେଳେ ତାହା ସ୍ଥାୟୀ ଓ ଗଭୀର ଭାବେ ମଣିଷ ଜୀବନକୁ ଶାସନ କରିବାକୁ ଲାଗେ। ଆରୋପିତ ଭୟ ଯଦି କାଳ୍ପନିକ ଭାବେ ବାରମ୍ବାର ମନରେ ରହି ମନକୁ ଆକ୍ରାନ୍ତ କରି ରଖେ, ତାହା ହିଁ ଫୋବିଆ ହୋଇଯାଏ। ମନ୍ଦିରରେ ଥିବା ଘଣ୍ଟି ଯେପରି ବାଜି ଚାଲିଥାଏ, ଫୋବିଆ ମଧ୍ୟ ସେମିତି ସବୁବେଳେ ମନକୁ ଗ୍ରାସ କରି ରଖିଥାଏ। ସାଧାରଣ ଭୟ ସାପ ଦେଖି ଡରିବା। କାରଣ ବିଷଧର ସାପ ବାସ୍ତବରେ ବିପଜ୍ଜନକ । ମାତ୍ର ଫୋବିଆ ଗ୍ରସ୍ତ ହେଲେ, ସାପର ଫଟୋ ଦେଖି, କିମ୍ବା ସାପ ନାଆଁ ଶୁଣି ମଧ୍ୟ ଅଜ୍ଞାନ ହୋଇଯିବା, ଛାତି ଧଡ଼ଧଡ଼ ହେବା। ଦେହରୁ ଝାଳ ବୋହିବା, ଦେହ ଥରିବା, ବିପଦ ନ ଥାଇ ମଧ୍ୟ ମସ୍ତିଷ୍କ ବିପଦ ଅଛି ବୋଲି ଭାବିବା।

ନବମ ଶ୍ରେଣୀ ଇଂରାଜୀ ପାଠ୍ୟପୁସ୍ତକରେ ସଂସ୍କାର



ଡ. ବସନ୍ତ କୁମାର ରଥ

ଆସନ୍ତା ୨୦୨୭-୨୮ ଶିକ୍ଷାବର୍ଷରୁ ନବମ ଶ୍ରେଣୀ ପାଇଁ ଏକ ନୂତନ ଇଂରାଜୀ ପାଠ୍ୟପୁସ୍ତକ ପ୍ରଚଳନ କରାଯିବା ନେଇ ରାଜ୍ୟ ଶିକ୍ଷା ବୋର୍ଡର ନିଷ୍ପତ୍ତି ଉଭୟ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଏକ ଆଶାବାଦୀ ପରିବେଶ ସୃଷ୍ଟି କରିଛି। ଏହା ଆମ ପିଲାମାନଙ୍କୁ ଏକ ଉପାଦେୟ ତଥା କ୍ୟାରିୟର ଗଠନମୂଳକ ପାଠ୍ୟପୁସ୍ତକ ଯୋଗାଇଦେବାର ଏକ ସୁବର୍ଣ୍ଣ ସୁଯୋଗ। ତେବେ ଏହି ବହି ଛପା ହେବା ପୂର୍ବରୁ ରାଜ୍ୟ ବୋର୍ଡ କର୍ତ୍ତୃପକ୍ଷଙ୍କୁ ତୀକ୍ଷ୍ଣ ନଜର ରଖିବାକୁ ହେବ। ପାଠ୍ୟଖସଡ଼ା ପ୍ରସ୍ତୁତକାରୀ ଓ ସମ୍ପାଦନା ମଣ୍ଡଳୀ କେବଳ ଉପରିସ୍ଥ ଅଧିକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜାତୀୟ ଶିକ୍ଷା, ଗବେଷଣା ଓ ତାଲିମ ପରିଷଦ (NCERT) ଗାଇଡ଼ଲାଇନକୁ ଅନ୍ଧ ଭାବେ ଅନୁସରଣ ନ କରି, ଆମ ରାଜ୍ୟର ପିଲାମାନଙ୍କ ବୃହତ ସ୍ୱାର୍ଥ ଓ ବାସ୍ତବ ଆବଶ୍ୟକତାକୁ ପ୍ରାଥମିକତା ଦେବା ଉଚିତ୍।

ଆମ ଶ୍ରେଣୀଗୃହ ଶିକ୍ଷାଦାନରେ ପିଲାମାନଙ୍କର କହିବା ଦକ୍ଷତାର (Speaking abilities) ବିକାଶ ପାଇଁ କୌଣସି ସୁଯୋଗ ନାହିଁ। ବର୍ତ୍ତମାନର ବହିରେ ଥିବା ରୋଲ୍ ପ୍ଲେ (ଭୂମିକା ଗ୍ରହଣ) କାର୍ଯ୍ୟକଳାପ ଗୁଡ଼ିକ ପିଲାମାନଙ୍କ ପାଇଁ ନୀରସ ଓ ଅଦରକାରୀ ସାବ୍ୟସ୍ତ ହେଉଥିବାରୁ ଶିକ୍ଷକମାନେ ସେଗୁଡ଼ିକୁ ବାଦ୍ ଦେଇ ଚାଲି ଯାଉଛନ୍ତି। ଏହା ବଦଳରେ ଯଦି ସେମାନଙ୍କ ଦୈନନ୍ଦିନ ବାସ୍ତବ ଜୀବନର ଘଟଣାକୁ ଆଧାର କରି କାର୍ଯ୍ୟକଳାପ ପ୍ରସ୍ତୁତ କରାଯାଏ, ତେବେ ତାହା ଅଧିକ ଫଳପ୍ରଦ ହେବ। ସେହିପରି ଲିଖନ କ୍ଷେତ୍ରରେ ମଧ ପିଲାମାନଙ୍କର ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ, ଯାହାକୁ ଛାତ୍ରଛାତ୍ରୀମାନେ ନିଜେ କରିପାରିବେ ଏବଂ ଶିକ୍ଷକମାନେ ସହଜରେ ପରିଚାଳନା କରିପାରିବେ। ଏହା ନ ହେଲେ ପିଲାମାନେ ଉପକୃତ ହେବେନାହିଁ ଏବଂ ବଜାରରୁ ନୋଟ୍ ବହି ବା ଟେଷ୍ଟ ପେପରରୁ ପ୍ରଶ୍ନୋତ୍ତର ମୁଖସ୍ଥ କରିବା ହିଁ ସେମାନଙ୍କର ଏକମାତ୍ର ଆଶ୍ରୟ ପାଲଟିବ।

ବ୍ୟାକରଣ (Grammar) ଶିକ୍ଷା କ୍ଷେତ୍ରରେ ମଧ ବଡ଼ ପରିବର୍ତ୍ତନ ଦରକାର। ବର୍ତ୍ତମାନର ପାଠ୍ୟପୁସ୍ତକରେ ଭାଷାର ପ୍ରାୟୋଗିକ ବ୍ୟବହାର ଅପେକ୍ଷା କେବଳ ବ୍ୟାକରଣର ନିୟମ ଗୁଡ଼ିକୁ ମୁଖସ୍ଥ କରିବା ଉପରେ ଅଧିକ ଜୋର ଦିଆଯାଉଛି। ଏହି ନିରସ ନିୟମ-ଭିତ୍ତିକ ଶୈଳୀ ବଦଳିବା ଆବଶ୍ୟକ। ନୂତନ ପାଠ୍ୟପୁସ୍ତକରେ ପରସ୍ପର ଭାବବିନିମୟଭିତ୍ତିକ (interaction) ଓ ଯୋଗାଯୋଗ ଉପଯୋଗୀ କାର୍ଯ୍ୟକଳାପ ରହିବା ଉଚିତ, ଯେଉଁଠି ବ୍ୟାକରଣର ନିୟମଗୁଡ଼ିକ ପ୍ରାୟୋଗିକ ବ୍ୟବହାର ମଧ୍ୟରେ ଆପେ ଆପେ ସଂଯୁକ୍ତ ହୋଇ ରହିବ। ବ୍ୟାକରଣ କେବଳ ଏକ ସ୍ମୃତି ପରୀକ୍ଷା ନ ହୋଇ ଶ୍ରେଣୀଗୃହରେ କଥାବାର୍ତ୍ତା ଓ ଆଲୋଚନା ମାଧ୍ୟମରେ ସହଜରେ ଶିଖିବାର ଏକ ମାଧ୍ୟମ ହେବା ଉଚିତ୍।

ଏହା ବ୍ୟତୀତ ଇଂରାଜୀ ଭଳି ଏକ ଭାଷା ଶିଖିବା ପାଇଁ ଶ୍ରେଣୀଗୃହରେ ଶୁଣିବା (Listening)ର ପର୍ଯ୍ୟାପ୍ତ ସୁଯୋଗ ମିଳୁନାହିଁ। ପ୍ରାୟ ୯୦ ପ୍ରତିଶତରୁ ଅଧିକ ଶିକ୍ଷକ ଏହି ଦକ୍ଷତା ପ୍ରଦାନ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପାଠ୍ୟପୁସ୍ତକ ସହିତ ଆବଶ୍ୟକୀୟ ଇ-ଶିକ୍ଷା ସାମଗ୍ରୀ (E-learning materials) ଯୋଗାଇଦେବା ଜରୁରୀ। ବହି ପାଇଁ ବିଷୟ ଚୟନ ମଧ ମନୋମୁଖୀ ବୋଲି ଅଭିଯୋଗ ହେଉଛି। ଏହା ଆମର ସ୍ଥାନୀୟ ସଂସ୍କୃତି ସହିତ ସମାନ୍ତରାଳ ହେବା ଉଚିତ, ଯାହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଇଂରାଜୀ ଶିଖିବା ପାଇଁ ଆଗ୍ରହ ସୃଷ୍ଟି ହେବ। ଜଟିଳ ଶବ୍ଦାବଳୀ ଥିବା ବିଷୟଗୁଡ଼ିକୁ ପିଲାଙ୍କ ବୁଝିବା ଉପଯୋଗୀ ସରଳ ଭାଷାରେ ରୂପାନ୍ତରିତ କରାଯିବା ଆବଶ୍ୟକ। ପ୍ରତିଟି ଅନୁଚ୍ଛେଦ ପରେ ସରଳ ରୂପରେ କିଛି ମୌଖିକ ପ୍ରଶ୍ନ ରହିବା ଉଚିତ। ଏହା ସହିତ ପ୍ରତିଟି ବିଷୟରେ ରଙ୍ଗୀନଚିତ୍ର ସ୍ଥାନ ପାଇଲେ ତାହା ପିଲାମାନଙ୍କର ଅନୁମାନ କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ସେହିପରି ଅଣ-ବିସ୍ତୃତ ପଠନ (Non-detailed study)ର ଉଦ୍ଦେଶ୍ୟ ମଧ ବଦଳିବା ଦରକାର। ସେଥିରେ କୌଣସି ଜଟିଳ ବିଷୟ ରଖାଯିବା ଉଚିତ ନୁହେଁ, ଯାହା ଶିକ୍ଷକ ଓ ଛାତ୍ର ଉଭୟଙ୍କ ଆଗ୍ରହ ନଷ୍ଟ କରିଦେବ। ବର୍ତ୍ତମାନ ପିଲାମାନେ ଗଦ୍ୟ ପରି ଗପବହିର ପ୍ରଶ୍ନୋତ୍ତର ମଧ ମୁଖସ୍ଥ କରୁଛନ୍ତି, ଯାହା ଦ୍ୱାରା ବ୍ୟାପକ ପଠନ (extensive reading)ର ପ୍ରକୃତ ଉଦ୍ଦେଶ୍ୟ ନଷ୍ଟ ହୋଇଯାଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମର ମୂଲ୍ୟାୟନ ବ୍ୟବସ୍ଥା (Evaluation process)। ଏଥିରେ ମଧ ପରିବର୍ତ୍ତନ ଆବଶ୍ୟକ। ଷାଣ୍ମାସିକ ବା ବାର୍ଷିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଶୁଣିବା ଓ କହିବା ବିଷୟରେ ଦକ୍ଷତାର ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିବା ଉଚିତ୍। ଯଦି ପରୀକ୍ଷା ହେବ ନାହିଁ, ତେବେ ଏହି ଦକ୍ଷତାଗୁଡ଼ିକ ଶ୍ରେଣୀଗୃହରେ କେବେହେଲେ ପଢ଼ାଯିବ ନାହିଁ। ପୂର୍ବ ପାଠ୍ୟକ୍ରମରେ ବ୍ୟବହୃତ ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟାକୁ ପୁନରାବୃତ୍ତି କଲେ, ଏହି ନୂତନ ପାଠ୍ୟକ୍ରମ ମଧ ପୂର୍ବଭଳି ବିଫଳ ହେବ। ଆମେ ଆଶା କରୁଛୁ ଯେ ବିଜ୍ଞ ପାଠ୍ୟପୁସ୍ତକ ପ୍ରଣେତାମାନେ ଏହି ବାସ୍ତବତା ପ୍ରତି ଦୃଷ୍ଟି ଦେଇ ରାଜ୍ୟରେ ଇଂରାଜୀ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ସଫଳ କରିବେ।

ହାଉସିଂ ବୋର୍ଡ କଲୋନୀ, ଗୁରୁଜଙ୍ଗ ଖୋର୍ଦ୍ଧା, ମୋ -୮୮୪୭୮୯୯୪୭୮

ବ୍ୟାକରଣ (Grammar) ଶିକ୍ଷା କ୍ଷେତ୍ରରେ ମଧ ବଡ଼ ପରିବର୍ତ୍ତନ ଦରକାର। ବର୍ତ୍ତମାନର ପାଠ୍ୟପୁସ୍ତକରେ ଭାଷାର ପ୍ରାୟୋଗିକ ବ୍ୟବହାର ଅପେକ୍ଷା କେବଳ ବ୍ୟାକରଣର ନିୟମ ଗୁଡ଼ିକୁ ମୁଖସ୍ଥ କରିବା ଉପରେ ଅଧିକ ଜୋର ଦିଆଯାଉଛି। ଏହି ନିରସ ନିୟମ-ଭିତ୍ତିକ ଶୈଳୀ ବଦଳିବା ଆବଶ୍ୟକ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅର୍ଣ୍ଣବ...

ଗସ୍ତରେ ଆସିଥିବା ୮ ଜଣିଆ କେନ୍ଦ୍ରୀୟ ଆନ୍ତଃ-ମନ୍ତ୍ରଣାଳୟସ୍ତରୀୟ ଟିମ୍ କ୍ଷେତ୍ର ପରିଦର୍ଶନ ପରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରଫରୁ ଆୟୋଜିତ ଏକ ପ୍ରାରମ୍ଭିକ ଆକଳନ ବୈଠକରେ ଯୋଗଦେଇଥିଲେ । ପରେ ଟିମର ମୁଖ୍ୟ ଶ୍ରୀ ଶଙ୍କର କହିଲେ, ସେମାନେ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି । ବାସ୍ତବିକ ବନ୍ୟା ଯୋଗୁ ଜନସାଧାରଣଙ୍କ ଉପରେ ବ୍ୟାପକ ପ୍ରଭାବ ପଡିଛି । ଗଞ୍ଜାମରେ ଋଷିକୁଲ୍ୟା ନଦୀରୁ ପାଣି ମାଡି ଆସିବା ଦ୍ୱାରା ଅନେକ ଅଞ୍ଚଳରେ ବାଲିଚର ମାଡି ଯାଇଛି । ଚାଷଜମି ସହିତ ରାସ୍ତା ଘାଟ, ଘର ଦ୍ୱାର, କାର୍ଯ୍ୟାଳୟ ଇତ୍ୟାଦିରେ ବାଲି ମାଡିଯାଇଛି । ଅନେକ ସ୍ଥାନରେ ଘର ଭାଙ୍ଗି ନଥିଲେ ମଧ୍ୟ ଏହା ଦୁର୍ବଳ ହୋଇଯାଇଛ । ଦୀର୍ଘକାଳୀନ ଭିତ୍ତିରେ ଋଷିକୁଲ୍ୟା ନଦୀରୁ ବାଲି ଓ ମାଟି ଉଦ୍ଧାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । କେନ୍ଦ୍ରୀୟ ଟିମ ପ୍ରତି ଘରକୁ ଘରେ ସର୍ବେକ୍ଷଣ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ବ୍ୟାପକ ବିପର୍ଯ୍ୟୟ ଯୋଗୁ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରିବା ପାଇଁ ୭/୮ ଦିନ ସମୟ ଲାଗିବ ବୋଲି ସେ କହିଥିଲେ ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷୟକ୍ଷତି ଓ ସରକାରଙ୍କ ମୁକାବିଲା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଶାସନ ଅନୁ ଗର୍ଗ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ପ୍ରାରମ୍ଭିକ ଆକଳନ କରାଯାଇ ରିଲିଫ ଓ ରିଷ୍ଟୋରେସନ ପାଇଁ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ଓ କେନ୍ଦ୍ରୀୟ ଟିମର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ସୀମାନ୍ତ...

କୌଣସି ଭୋଟର ଭୋଟ ଦେଇ ନ ଥିବା କହୁଥିବା ବେଳେ କୋଟିଆ ପଞ୍ଚାୟତର ୪ଟି ଗ୍ରାମର କିଛି ଲୋକ ଲୁଚି ଲୁଚି ଯାଇ ଭୋଟ ଦେଇଥିବା କୁହାଯାଉଛି । ଅନ୍ୟ ପଟେ କୋଟିଆ ସୀମାନ୍ତକୁ ଜଗି ରହିଛନ୍ତି ସର୍ବଦଳୀୟ ନେତା, ଜିଲ୍ଲା ପ୍ରଶାସନ ଓ କୋଟିଆ ଏବଂ ଓଡ଼ିଶାକୁ ଭଲ ପାଉଥିବା ଲୋକେ । କୌଣସି ପରିସ୍ଥିତିରେ ମଧ୍ୟ ଆନ୍ଧ୍ରକୁ କୋଟିଆର ଇଞ୍ଚେ ଜମି ଛାଡ଼ିବ ନାହିଁ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି । ଗତ ତିନି ଦିନ ଧରି ଅହୋରାତ୍ର କୋଟିଆ ସୀମାନ୍ତକୁ ଜଗିରହିଛନ୍ତି । ଏବେବି ସମଗ୍ର କୋଟିଆ ପଞ୍ଚାୟତରେ ବିଏନଏସଏସର ୧୬୩ ଧାରା ଜାରିରହିଛି । ଅନ୍ୟପକ୍ଷରେ ଆନ୍ଧ୍ରରେ ଭୋଟ ଦେଇ ଫେରୁଥିବା କିଛି ଭୋଟରଙ୍କୁ ନେରେଡିୱାଲସା ଠାରେ ସର୍ବଦଳୀୟ ନେତାମାନେ ଘେରିଥିଲେ । ଓଡ଼ିଶାର ସୁବିଧା ସୁଯୋଗ ଉପଭୋଗ କରି ଆନ୍ଧ୍ରରେ ଭୋଟ ଦେବା ଆଉ ଗ୍ରହଣୀୟ ହେବ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହି ସମୟରେ କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ଓ କୋରାପୁଟ ବିଧାୟକ ରଘୁରାମ ମାଛ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ ।

ତଥ୍ୟ ନେବାରେ ଜଣାପଡ଼ିଛି ଯେ କୋଟିଆ ସୀମାନ୍ତରେ ସୀମା ବିବାଦକୁ ନେଇ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସୀମାରେ ୧୬ ଜଣ ମାଜିଷ୍ଟ୍ରେଟଙ୍କୁ ଦାୟିତ୍ୱ ଦିଆଯାଇଛି । ଏହା ସହିତ ଆଇନ ଶୃଙ୍ଖଳା ରକ୍ଷା ପାଇଁ ୭ ପ୍ଲାଟୁନ ପୋଲିସ ଫୋର୍ସ ନେରେଡିବାଲସା ଏବଂ ଆଖପାଖ ଅଞ୍ଚଳରେ ମୁତୟନ ହୋଇଛନ୍ତି । ପ୍ରଶାସନିକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଓଡ଼ିଶା ସୀମା ଭିତରକୁ ଆନ୍ଧ୍ରର କୌଣସି ଗାଡ଼ି କିମ୍ବା ଅଧିକାରୀଙ୍କୁ ପଶିବାକୁ ଦିଆଯାଉ ନାହିଁ । ନେରେଡିବାଲସା ଚେକ ପୋଷ୍ଟରେ ୨୪ ଘଣ୍ଟିଆ କଡ଼ା ନଜର ରଖାଯାଇଥିବା ବେଳେ ସମଗ୍ର କୋଟିଆ ପଞ୍ଚାୟତରେ ବିଏନଏସଏସର ୧୬୩ ଧାରା ଲାଗୁ କରାଯାଇ ବାହାର ଲୋକଙ୍କ ଗହଳି ଉପରେ କଟକଣା ଜାରି କରାଯାଇଛି ।

କୋରାପୁଟ ଜିଲ୍ଲା ପ୍ରଶାସନର ଏଡିଏମ ତପନ କୁମାର ନାୟକ, ଉପ ଜିଲ୍ଲାପାଳ ଫାବି ରସିଦ ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ କୋଟିଆରେ ଉପସ୍ଥିତ ରହି କଡା ନଜର ରଖିଛନ୍ତି । ତେବେ ଓଡ଼ିଶା ସରକାରଙ୍କ ସଜବାଜ ଦେଖି ଆନ୍ଧ୍ର ସରକାର ପଛଘୁଞ୍ଚା ଦେଇଥିବା ବେଳେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ ପରେ ପରିସ୍ଥିତି କଣ ହେବ ତାହା ସମୟ ହିଁ କହିବ ।

ଭୂସ୍ଖଳନ...

ରାତିରେ ଘରେ ଶୋଇଥିଲେ । ଭୂସ୍ଖଳନରେ ବଡବଡ ପଥର ଖଣ୍ଡ ଏବଂ ମାଟି ଧସିବାରୁ ୧୩ ଜଣ ଚାପି ହୋଇଥିଲେ । ସେଠାରୁ ଜୀବନ ବଞ୍ଚାଇ ଆସିଥିଲେ ୧୨ । ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ଅନ୍ୟ ୧୦ଜଣ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର କିଲାପଙ୍ଗା ଆଶ୍ରୟ ସ୍ଥଳରେ ରହିଥିଲେ । ବୁଧବାର ଦିନ ଜଂଜନଗର ବ୍ଲକ ପ୍ରଶାସନ ପକ୍ଷରୁ ମାଟି ତଳେ ଥିବା ସଂପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେଠାରେ ସମ୍ପର୍କୀୟ ମାନେ ପୁଣି ଥରେ ଉଦ୍ଧାର କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ଫଳରେ, ମାଟିତଳେ ଚାପି ହୋଇ ରହିଥିବା ସଂପୃକ୍ତ ଲୋକଙ୍କ ସ୍ମୃତିରେ ସେଠାରେ ପ୍ରତୀକାତ୍ମକ ଶ୍ରଦ୍ଧାଞ୍ଜଳି ଦେଇ ଚାଲି ଆସିଥିଲେ । ପରେ କିଲାପଙ୍ଗା ଆଶ୍ରୟ ସ୍ଥଳରେ ଥିବା ଗିଡିପାବାଲି ଗାଁ ର ୬ ଜଣଙ୍କୁ ଆଣି ବାଇବାଲି ପଞ୍ଚାୟତର ବଜ୍ରକୋଟ ରିଲିଫ୍ କେନ୍ଦ୍ରରେ ରଖାଯାଇଛି ।

ଶିଶୁପାଳଗଡ...

ମଦ ପିଇସାରି ଉମେଶ କିଣିଥିବା ଏକ ନୂଆ ବନ୍ଧୁକକୁ ସମସ୍ତଙ୍କୁ ଦେଖାଇଥିଲା । ରାତି ପ୍ରାୟ ସାଢେ ୧୧ଟା ବେଳେ ବନ୍ଧୁକରୁ ମାଗାଜିନକୁ କାଢି ଥଟ୍ଟାମଜାରେ ସମସ୍ତଙ୍କୁ ମାରିଦେବାକୁ କହିଥିଲା । ଏହି ସମୟରେ ତପୁ କହିଥିଲା ମାରିଲୁ ଦେଖି । ଏହା ଶୁଣି ମୁଖ୍ୟ ଅଭିଯୁକ୍ତ ଉମେଶ ତା'ର ଛାତିରେ ବନ୍ଧୁକ ଲଗାଇ ଟିଗର ଚିପିଥିଲା । ମାଗାଜିନ କାଢିଥିବାରୁ ସେ ଭାବିଥିଲା ବନ୍ଧୁକରେ ଗୁଳି ନାହିଁ । ହେଲେ ବନ୍ଧୁକ ଫାୟାର ପାଇପ୍ ମଧ୍ୟରେ ଗୋଟିଏ ଗୁଳି କିଭଳି ରହିଯାଇଥିଲା । ଯାହା ତପୁ ଛାତିରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲା ।

ଗୋଟିଏ ସ୍କୁଟରରେ ତପୁକୁ ବସାଇ ଉମେଶ ଓ ଅନ୍ୟ ଜଣେ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ । ସେଠାରେ ଅବସ୍ଥା ଗୁରୁତର ଥିବାର ଦେଖି ତାଙ୍କୁ ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଆପୋଲୋ ହସ୍ପିଟାଲରୁ ଆଣିବା ପରେ ଡାକ୍ତର ତପୁକୁ ମୃତ ଘୋଷଣା କରିଥିଲେ । ଏହାପରେ ଉମେଶ ଓ ଅନ୍ୟ ବନ୍ଧୁ ଜଣକ ତପୁର ମୃତଦେହକୁ ଧରି କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ । କ୍ୟାପିଟାଲ ହସ୍ପିଟାଲରେ ତପୁର ମୃତଦେହକୁ ଛାଡି ଖସିଯାଇଥିଲେ । ଏହି ଖବର ତପୁର ବ ବାପା ଓ ପରିବାର ଲୋକେ ପାଇବା ପରେ ସେମାନେ ସଙ୍ଗେ ସଙ୍ଗେ ଦୁଇଟିଯାକ ହସ୍ପିଟାଲରେ ପହଞ୍ଚି ଖୋଜଖବର କରିବା ପରେ ମୃତ ଅବସ୍ଥାରେ ପୁଅକୁ କ୍ୟାପିଟାଲ ହସ୍ପିଟାଲରେ ପାଇଥିଲେ । କ୍ୟାପିଟାଲ ଥାନା ପୋଲିସ ଏହି ଖବର ପାଇବା ପରେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲା । ଘଟଣା ଶିଶୁପାଳଗଡରେ ହୋଇଥିବାରୁ ତାହା ଧଉଳି ଥାନା ଅନ୍ତର୍ଗତ ବୋଲି ପୋଲିସ କହିବାରୁ ତପୁଙ୍କ ପରିବାର ଲୋକେ ଧଉଳି ଥାନାରେ ଅଭିଯୋଗ କରିଥିଲେ ।

ତପୁଙ୍କ ପନ୍ନୀ ଅଭିଯୋଗ କରିବା ପରେ ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍ ଓ ଅନ୍ୟ ପୋଲିସ ଅଧିକାରୀମାନେ ମିଳିତ ଭାବେ ଘଟଣାର ଅନୁସନ୍ଧାନ କରିଥିଲେ । ସୂଚନା ଅନୁଯାୟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୮ ଜଣଙ୍କୁ କାବୁ କରିଥିଲା । ଉମେଶର କହିବା କଥା ତପୁ ଓ ଅନ୍ୟ ଜଣେ ବନ୍ଧୁ ସାଙ୍ଗ ହୋଇ ସ୍କୁଟର ଯୋଗେ ଯାଉଥିବା ବେଳେ ମାଉସୀ ମା' ଓଭରବ୍ରିଜ୍ ଉପରେ ଦୁଇଜଣ ବାଇକ୍‌ରେ ଆସି ତପୁକୁ ଗୁଳିକରି ପଳାଇଲେ । ଯାହା ଫଳରେ ଆମେ ସାଙ୍ଗକୁ ଚିକିତ୍ସା ପାଇଁ ହସ୍ପିଟାଲକୁ ଆଣିଥିଲୁ । କିଏ କାହିଁକି ଗୁଳିକଲେ ତାହା ଆମେ ଜାଣିନାହୁଁ । ହେଲେ ସେମାନଙ୍କ କଥା ଓ ପରିବାର କଥା ମଧ୍ୟରେ ତାଳମେଳ ନରହିବାରୁ ଡିସିପି ସନ୍ଦେହ କରିଥିଲେ । ରାତିତମାମ୍ ପଚରାଉଚରା କରାଯିବା ପରେ ହତ୍ୟାକାଣ୍ଡ ରହସ୍ୟ ଜଣାପଡିଥିଲା । ଉମେଶ ଆଣିଥିବା ନୂଆ ବନ୍ଧୁକକୁ ଥଟ୍ଟାମଜାରେ ଦେଖାଇ ଗୁଳି କରିବି କହିବା ସହ ଟିଗର ଚିପି ଦେବାରୁ ତପୁ ଛାତିରେ ବାଜିଥିଲା ବୋଲି ସେମାନେ ସ୍ୱୀକାର କରିଥିଲେ । ପୋଲିସ ବନ୍ଧୁକକୁ ଜବତ କରିବା ପାଇଁ ଖୋଜଖବର କରିବାରୁ ଗଙ୍ଗୁଆ ନାଳକୁ ଫୋପାଡି ଦେଇଥିବା ଅଭିଯୁକ୍ତମାନେ କହିଥିଲେ । ତାଙ୍କ କହିବାନୁଯାୟୀ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଗଙ୍ଗୁଆ ନାଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ସେହି ବନ୍ଧୁକକୁ ଜବତ କରିଛି ।

ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେବା ପରେ ୮ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ କରିଥିଲା ପୋଲିସ । କ୍ରାଇମ୍ ସିନ୍ ରିକ୍ରିଏସନ ପରେ ୮ ଅଭିଯୁକ୍ତ ଉମେଶ କୁମାର ପଟ୍ଟନାୟକ (୩୦), ବିଷ୍ଣୁପ୍ରସାଦ ସାମନ୍ତରାୟ (୨୩), ରନିକର ସାହୁ (୨୩), ଆଲୋକ ଜେନା (୩୦), ମାନସ ସ୍ୱାଇଁ (୩୯), ଅକ୍ଷୟ ପ୍ରଧାନ (୩୬), କଳିଙ୍ଗ କେଶରୀ ପାତ୍ର (୨୩) ଓ ଚିତ୍ରସେନ ଗଜେନ୍ଦ୍ର (୩୨)ଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଅଟକ...

ଘଣ୍ଟାର ଅବଧି ଆରମ୍ଭ ହେବ ବୋଲି ମତ ଦେବା ସମ୍ବିଧାନର ଧାରା ୨୨(୨) ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୫୬ର ଆଦେଶର ବିରୋଧୀ।

କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଗିରଫ ସ୍ଥାନରୁ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପର୍ଯ୍ୟନ୍ତ ଯାତ୍ରା ପାଇଁ ଯୁକ୍ତିସଙ୍ଗତ ଭାବେ ଆବଶ୍ୟକ ସମୟକୁ ମାତ୍ର ୨୪ ଘଣ୍ଟାର ସମୟସୀମାରୁ ବାଦ୍ ଦିଆଯାଇପାରିବ। ଆନୁଷ୍ଠାନିକ ଗିରଫ ପୂର୍ବରୁ ପଚରାଉଚରା, ତଦନ୍ତ, ତଲାସି କିମ୍ବା ଜବତ ପାଇଁ ଲାଗିଥିବା ସମୟକୁ ଏହି ହିସାବରୁ ବାଦ୍ ଦିଆଯାଇପାରିବ ନାହିଁ। ସମ୍ବିଧାନର ଧାରା ୨୨(୨) ଅନୁଯାୟୀ, ଗିରଫ ଓ ହାଜତରେ ରଖାଯାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବା ବାଧ୍ୟତାମୂଳକ। ଗିରଫ ସ୍ଥାନରୁ ଅଦାଲତ ପର୍ଯ୍ୟନ୍ତ ଯାତ୍ରାରେ ଆବଶ୍ୟକ ସମୟକୁ ଏଥିରୁ ବାଦ୍ ଦିଆଯାଇଥାଏ। ଓଡ଼ିଶା ହାଇକୋର୍ଟର ଆର୍ଯ୍ୟମାନ ପଟ୍ଟନାୟକ ମାମଲା, ମାଡ୍ରାସ ହାଇକୋର୍ଟର କନ୍ନନ ମାମଲା ଓ କେରଳ ହାଇକୋର୍ଟର ଅରୁଣ କେ. ଥୋମାସ୍ ମାମଲାରେ ଦିଆଯାଇଥିବା ବିପରୀତ ବ୍ୟାଖ୍ୟାକୁ ଖଣ୍ଡପୀଠ ଅସ୍ୱୀକାର କରିଛନ୍ତି। ଆନୁଷ୍ଠାନିକ ଗିରଫ ପୂର୍ବରୁ ଅଟକ ଅବଧିକୁ ସାମ୍ବିଧାନିକ ୨୪ ଘଣ୍ଟାର ସମୟସୀମା ଗଣନାରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏଥିସହ ୨୪ ଘଣ୍ଟାର ଅନୁମୋଦିତ ସମୟସୀମା ଅତିକ୍ରମ କରି ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର ନକରି ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲେ, ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ସାମ୍ବିଧାନିକ ଭାବେ ଅନୁମୋଦିତ ୨୪ ଘଣ୍ଟା ମଧ୍ୟରେ ମଧ୍ୟ ଅଟକ ଅବଧି ଯୁକ୍ତିସଙ୍ଗତ ରହିବା ଆବଶ୍ୟକ। ମାଜିଷ୍ଟ୍ରେଟ୍‌ମାନେ ଅଟକର ପ୍ରକୃତ ତାରିଖ ଓ ସମୟ ରେକର୍ଡ କରିବା ସହ ସାମ୍ବିଧାନିକ ନିୟମ ପାଳନ ହୋଇଛି କି ନାହିଁ, ତାହା ସ୍ୱାଧୀନ ଭାବେ ଯାଞ୍ଚ କରିବେ। ଅଟକ ଅବଧି ପରିସ୍ଥିତି ଅନୁଯାୟୀ ଯୁକ୍ତିସଙ୍ଗତ ରହିଛି କି ନାହିଁ, ତାହା ମଧ୍ୟ ମାଜିଷ୍ଟ୍ରେଟ୍‌ମାନେ ପରୀକ୍ଷା କରିବେ। ଅଟକ ଅବଧି ଅତ୍ୟଧିକ ହୋଇଥିବା ଜଣାପଡ଼ିଲେ, ସେମାନେ ରିମାଣ୍ଡ ମଞ୍ଜୁର କରିବାକୁ ମନା କରିପାରିବେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ରାୟ ଦ୍ୱାରା ଗିରଫ ପୂର୍ବରୁ ଅଟକ ରଖାଯାଉଥିବା ବ୍ୟକ୍ତିଙ୍କ ମୌଳିକ ଅଧିକାର ଓ ସାମ୍ବିଧାନିକ ସୁରକ୍ଷାକୁ ଅଧିକ ଦୃଢ଼ କରାଯାଇଛି।

ଚଢେଇଭୋଲରେ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର

କରଞ୍ଜିଆ, (ସବୁ୍ୟ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢେଇଭୋଲ ହାଇସ୍କୁଲ ପରିସରରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ମାଆ ତାରିଣୀ ଗ୍ରୁପ ଅଫ ମେଡିକାଲ ପକ୍ଷରୁ ଚଢେଇଭୋଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା ।ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ଓ କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଏହି ମେଗା ଚିକିତ୍ସା ଶିବିରର ଉଦ୍‌ଘାଟନ କରିଥିଲେ । ଏଥିରେ ମାଆ ତାରିଣୀ ଗ୍ରୁପ ଅଫ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ମହାନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରମୋଦ ପାଣି, ଚଢେଇଭୋଲ ଫାଣ୍ଡି ଅଧିକାରୀ ରଘୁନାଥ ଦେହୁରୀ, ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ନୁରୁଲ ଇସଲାମ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାନ୍ତ, ସ୍କୁଲ ପରିଚାଳନା କମିଟି ସଭାପତି ଏମ୍‌ଡି ସବିର ଅଲ୍ଲୀ, ସମ୍ପାଦକ ସୋମନାଥ ସାହା, ଉପସଭାପତି କବାଦ ଅଲ୍ଲୀ ଓ ଉମେଶ ଚନ୍ଦ୍ର ବେହେରା, ଉପଦେଷ୍ଟା ଉପେନ୍ଦ୍ର ବାରିକ, ଏମଡିଖଲିଲୁର ରେହମାନ, ପ୍ରଦୀପ କୁମାର ସାହା ଏବଂ କୋଷାଧ୍ୟକ୍ଷ ଜାହିର ଆବାସ ପ୍ରମୁଖ ଉପସ୍ଥିତ ଥିଲେ ।ଶିବିରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ପାର୍ଥ ପ୍ରିତମ ମଣ୍ଡଳ, ଡ. ସୁମିତ ଜନାର୍ଦ୍ଦନ ସଲଓ୍ୱା, ମେଡିସିନ ବିଶେଷଜ୍ଞ ଡ. ଧନେଶ୍ୱର ମୁଣ୍ଡାଙ୍କ ସମେତ ଅନ୍ୟ ଡାକ୍ତରୀ ଦଳ ରୋଗୀମାନଙ୍କର ସଓ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ । ଏଥିସହ ସାବିତ୍ରୀ ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା ।ଏହି ଅବସରରେ ମାଆ ତାରିଣୀ ଗ୍ରୁପ ଅଫ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ମହାନ୍ତ କହିଥିଲେ ଯେ, ଅଞ୍ଚଳରେ ଉନ୍ନତ ଡାକ୍ତରୀ ସେବା ଓ ଉତ୍ତମ ଚିକିତ୍ସା ସୁବିଧାର ଅଭାବ ଯୋଗୁଁ ଅନେକ ଗରିବ ଓ ଆର୍ଥିକ ଅନଗ୍ରସର ଲୋକ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସାବିତ୍ରୀ ଦେବୀ ମେମୋରିଆଲ ଟ୍ରଷ୍ଟ ଓ ମାଆ ତାରିଣୀ ଗ୍ରୁପ ଅଫ ମେଡିକାଲ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଏଭଳି ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଉଛି । ଏଥିସହ ଅଧିକ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ କେନ୍ଦୁଝରର ମାଗୁରଗଡ଼ିଆସ୍ଥିତ ମାଆ ତାରିଣୀ ସୁପର ସ୍ପେସିଆଲିଟି ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସାର ବ୍ୟବସ୍ଥା ରହିଥିବା ସେ ସୂଚନା ଦେଇଥିଲେ । ଅଞ୍ଚଳବାସୀ ଏଭଳି ଜନହିତକର ସ୍ୱାସ୍ଥ୍ୟସେବା ଶିବିର ଆୟୋଜନକୁ ସ୍ୱାଗତ କରିବା ସହ ଆୟୋଜକ ସଂସ୍ଥାର ଏହି ପ୍ରୟାସକୁ ସାଧୁବାଦ ଜଣାଇଛନ୍ତି ।

AFFIDAVIT

By virtue of an affidavit sworn before EXECUTIVE MAGISTRATE : BHUBANESWAR, Dated. 28.09.2026 I, ANUPAMA SENAPATI (New Name). Address : At- Sutinda, P.O. Karanga, P.S. Niali, Dist. Cuttack, in the State of Odisha, PIN-754004 declare that I have changed my name from ANUPATI SENAPATI (Old Name) to ANUPAMA SENAPATI (New name). Henceforth, I shall be known as ANUPAMA SENAPATI (New name) for all purpose.

Anupama Senapati
(New Name)

AFFIDAVIT

I, Jochhna Rani Dutta, W/O Hata Kishore Baral, AT/P.O. - Analjhari, P.S. - Bhuban, Dist. - Dhenkanal, Odisha, PIN - 759017, I do hereby declare through an affidavit 2630/Dt 05.11.2026 sworn before the Executive Magistrate, Bhuban, that I have changed my former name Jyoshnarani Dutta to my new name Jochhna Rani Dutta. Henceforth, I shall be known as Jochhna Rani Dutta for all purposes,

Sd/- Jochhna Rani Dutta

ଦ.ପୂ ରେଳପଥ- ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ତରଫରୁ, ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନସ୍ଥିତ ବରିଷ୍ଠ ଡି.ଏସ୍.ଟି.ଇ. ନିମ୍ନରେ ଉଲ୍ଲେଖିତ ଟେଣ୍ଡର ନମ୍ବର ପାଇଁ ଇ-ଟେଣ୍ଡରର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ୩୦.୧୧.୨୦୨୬ ତାରିଖ ଅପରାହ୍ନ ୩:୦୦ (୧୫.୦୦ ଘଣ୍ଟିକା) ସମୟରେ ଖୋଲାଯିବ । ଏହି ଟେଣ୍ଡରଗୁଡ଼ିକ ପାଇଁ କୌଣସି ପ୍ରକାରର ମାନୁଆଲ୍ (କାଗଜପତ୍ର ଆଧାରିତ) ପ୍ରସ୍ତାବ ଗ୍ରହଣୀୟ ନୁହେଁ ଏବଂ ଯଦି କୌଣସି ମାନୁଆଲ୍ ପ୍ରସ୍ତାବ ପ୍ରାପ୍ତ ହୁଏ, ତେବେ ତାହାକୁ ବିଚାରକୁ ନିଆଯିବ ନାହିଁ । କ୍ରମିକ ସଂଖ୍ୟା-୧: ଟେଣ୍ଡର ବିଜ୍ଞପ୍ତି ନମ୍ବର - ଏସ୍‌ଟି-ସିକେପି-ଓଟି-୨୬-୨୭-୧୨୬ । କାର୍ଯ୍ୟର ନାମ: ବଳକା ଥିବା 'ଆନାଲଗ୍ ଆକ୍ସଲ କାଉଣ୍ଟରକୁ 'ଡିଜିଟାଲ୍ ଆକ୍ସଲ କାଉଣ୍ଟର' (୧୨୩ ଡିପି) ଦ୍ୱାରା ବଦଳାଇବ । ଟେଣ୍ଡର ମୂଲ୍ୟ: ୫,୮୯,୪୦,୫୬୩.୩୯ । ଅର୍ନେଷ୍ଟ ମନି : ୧୧,୭୮,୮୦୦ । କ୍ରମିକ ସଂଖ୍ୟା-୨: ଟେଣ୍ଡର ବିଜ୍ଞପ୍ତି ନମ୍ବର - ଏସ୍‌ଟି-ସିକେପି-ଓଟି-୨୬-୨୭-୧୨୭ କାର୍ଯ୍ୟର ନାମ: ଡାଙ୍ଗୁଆପୋସି ଠାରେ ତୃତୀୟ ଲାଇନ୍ ପାଇଁ ଏକ 'ଲୁପ୍ ଲାଇନ୍' ଏବଂ ୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ 'ସିକ୍ ସାଇଡିଂ' ନିର୍ମାଣ ସହ ଜଡ଼ିତ ଗଣ୍ଡ (ସିଗନାଲ୍ ଏବଂ ଟେଲିକମ୍) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ. ୧,୨୦,୫୯,୪୯୪.୨୦ । ଅର୍ନେଷ୍ଟ ମନି: ୨,୪୧,୨୦୦ କ୍ରମିକ ସଂଖ୍ୟା-୩: ଟେଣ୍ଡର ବିଜ୍ଞପ୍ତି ନମ୍ବର - ଏସ୍‌ଟି-ସିକେପି-ଓଟି-୨୬-୨୭-୧୨୮ । କାର୍ଯ୍ୟର ନାମ: ବୋଣ୍ଡାମୁଣ୍ଡା ୟାର୍ଡରୁ ଏବଂ ଖ କ୍ୟାବିନ୍ ମଧ୍ୟରେ ଥିବା ଉଥ ଲାଇନ୍ ଏବଂ ଜଏଣ୍ଟ ଲାଇନ୍-୪ ମଧ୍ୟରେ ୬ଟି 'ଲୁପ୍ ଲାଇନ୍' ନିର୍ମାଣ ସହ ଜଡ଼ିତ ଗଣ୍ଡ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ.୧,୫୨,୨୮,୫୬୮.୯୪ । ଅର୍ନେଷ୍ଟ ମନି: ୩,୦୪,୬୦୦ । କ୍ରମିକ ସଂଖ୍ୟା-୪: ଟେଣ୍ଡର ବିଜ୍ଞପ୍ତି ନମ୍ବର - ଏସ୍‌ଟି-ସିକେପି-ଓଟି୨୬-୨୭-୧୨୯ । କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନରେ ଗ୍ଲି-ଆଧାରିତ କ ୧୬,୪୩,୨୪୨.୭୯ । ଅର୍ନେଷ୍ଟ ମନି (ଅଗ୍ରୀମ ଜମା ରାଶି): ୩୨,୯୦୦ ଟଙ୍କା । କ୍ରମିକ ସଂଖ୍ୟା-୫ । ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ସିକେପି-ଓଟି- ୨୬-୨୭-୧୩୦ । କାର୍ଯ୍ୟର ନାମ: ୪ଟି ବିଭାଗରେ ଏସଆଇଏମ୍ -ଆଧାରିତ ବେତାର ସଂଯୋଗ ମାଧ୍ୟମରେ ନିୟନ୍ତ୍ରଣ ଯୋଗାଯୋଗ ପାଇଁ ସୁରକ୍ଷା ପଥ ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ୧୬,୭୯,୦୦୦ ଟଙ୍କା । ଅର୍ନେଷ୍ଟ ମନି: ୩୩,୬୦୦ ଟଙ୍କା । କ୍ରମିକ ସଂଖ୍ୟା-୬ । ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ସିକେପି-ଓଟି-୨୬-୨୭-୧୩୧ । କାର୍ଯ୍ୟର ନାମ: ବାମରା ଠାରେ ଟିଆରଡି ସାଇଡିଂ ନିର୍ମାଣ ସହ ଜଡ଼ିତ ଗଣ୍ଡ (ସିଗନାଲ୍ ଏବଂ ଟେଲିକମ୍) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ୯୦,୧୯,୬୮୫.୧୪ ଟଙ୍କା । ଅର୍ନେଷ୍ଟ ମନି: ୧,୮୦,୪୦୦ ଟଙ୍କା କ୍ରମିକ ସଂଖ୍ୟା-୭ । ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ସିକେପି-ଓଟି-୨୬-୨୭-୧୩୨ କାର୍ଯ୍ୟର ନାମ: ରାଜଖରସ୍ୱାଁ ଠାରେ ଛୋଟ ସିଏସ୍ ଲାଇନ୍ ନଂ-୧ ଓ ୨ ଏବଂ ଗୋଟିଏ ଲୁପ୍ ଲାଇନ୍କୁ ୩ୟ ଲାଇନ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ଏସ୍‌ଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ୪,୮୫,୬୮,୯୨୩.୬୮ ଟଙ୍କା । ଅର୍ନେଷ୍ଟ ମନି: ୯,୭୧,୪୦୦ ଟଙ୍କା । କ୍ରମିକ ସଂଖ୍ୟା-୮ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ସିକେପି-ଓଟି-୨୬-୨୭-୧୩୩ । କାର୍ଯ୍ୟର ନାମ: ଧାଲ୍ଭୁଆଡିହ ଠାରେ ସ୍ଥିପି ପାର୍ଶ୍ୱରେ ଏକ ଲମ୍ବା ଲୁପ୍ ଲାଇନ୍ ଏବଂ ୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ 'ସିକ୍ ସାଇଡିଂ' ନିର୍ମାଣ ସହ ଜଡ଼ିତ ଗଣ୍ଡ କାର୍ଯ୍ୟ ଟେଣ୍ଡର ମୂଲ୍ୟ: ୩,୪୬,୫୯,୩୦୫.୫୩ ଟଙ୍କା ଅର୍ନେଷ୍ଟ ମନି: ୬,୯୩,୨୦୦ ଟଙ୍କା କ୍ରମିକ ସଂଖ୍ୟା-୯ । ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ସିକେପି-ଓଟି-୨୬-୨୭-୧୩୪ । କାର୍ଯ୍ୟର ନାମ: ବାରବିଲ ଷ୍ଟେସନରେ ଲାଇନ୍ ନଂ-୪ ସମ୍ପ୍ରସାରଣ ସହ ଜଡ଼ିତ ଗଣ୍ଡ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ୧,୬୨,୦୮,୩୧୭.୯୭ ଟଙ୍କା । ଅର୍ନେଷ୍ଟ ମନି (ଅଗ୍ରୀମ ଜମା ରାଶି): ୩,୨୪,୨୦୦ ଟଙ୍କା । କ୍ରମିକ ସଂଖ୍ୟା-୧୦ । ଟେଣ୍ଡର ବିଜ୍ଞପ୍ତି ନଂ: ଏସ୍‌ଟି-ସିକେପି-ଓଟି-୨୬-୨୭-୧୩୫ । କାର୍ଯ୍ୟର ନାମ: ଆଦିତ୍ୟପୁର ଷ୍ଟେସନରେ ନୂତନ ରନ୍ଧ୍ର ନିର୍ମାଣ ପାଇଁ ଟେଲିକମ୍ କେବୁଲଗୁଡ଼ିକର ଦିଗ ପରିବର୍ତ୍ତନ ଏବଂ ସ୍ଥାନାନ୍ତରଣ । ଟେଣ୍ଡର ମୂଲ୍ୟ: ୨୨,୮୦,୩୧୮.୮୦ ଟଙ୍କା । ଅର୍ନେଷ୍ଟ ମନି: ୪୫,୬୦୦ ଟଙ୍କା । କାର୍ଯ୍ୟ ସମାପ୍ତି ଅବଧି: ୧୨ (ବାର) ମାସ (କ୍ରମିକ ସଂଖ୍ୟା ୧, ୨ ଏବଂ ୯ ପାଇଁ), ୧୫ (ପନ୍ଦର) ମାସ (କ୍ରମିକ ସଂଖ୍ୟା ୭ ଏବଂ ୮ ପାଇଁ), ୦୬ (ଛଅ) ମାସ (କ୍ରମିକ ସଂଖ୍ୟା ୩ ରୁ ୬ ଏବଂ ୧୦ ପାଇଁ) ଟେଣ୍ଡର ସମ୍ବନ୍ଧୀୟ ବିବରଣୀ http://www.ireps.gov.in ୱେବସାଇଟରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ଶ୍ରେଣୀ-୩ (ଡିଜିଟାଲ୍ ସିଗ୍ନେଚର୍ ସାର୍ଟିଫିକେଟ୍) ରହିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ହିଁ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମଗୁଡ଼ିକ ମାଗଣାରେ ଉପଲବ୍ଧ ହେବ । (PR-977)

ODISHA HYDRO POWER CORPORATION LTD
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project,
P.O: RENGALI DAM SITE, PIN: 759105 DISTRICT : ANGUL (ORISSA)
TEL NO - 06760-266031,
4001/404/2627 E-mail : sgmel500@gmail.com
No. OHPC/RHEP/C&P/PUR-III-23/- 7331/ Date : 04.11.2026

'e' Procurement Notice
TENDER CALL NOTICE NO. RHEP-25/2026-27 DTD 04.11.2026

Sl. No.	Description of the Tender	Cost of Tender Paper (Non-refundable) in Rs.	EMD (refundable) in Rs.	Class of Contractor	Period of availability of tender at e-procurement website	Last date & Time of receipt of tender	Date & Time of opening Techno Commercial bid
1.	Annual cleaning of Power House, its premises & General Store premises of RHEP, Rengali.	Rs.7,080.00 (Rs.6000.00 + 18% GST)	Rs.23,800/-	'B' or 'C' or equivalent	Dtd. 09.11.2026 (10:00 A.M. to Dtd.21.11.2026 (up to 01:00 P.M.)	Dtd.21.11.2026 (up to 01.00 P.M.)	Dtd.21.11.2026 at 04:30 P.M.

Further details can be seen from the Govt. website www.https://tendersodisha.gov.in. Addendum/Corrigendum/Cancellation if any shall only be published in the above website.

OIPR : 4001/4022/1/26-27/0025
Sd/- C & P Head, RHEP, Rengali

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER JAGATSINGHPUR
DISTRICT PROGRAMME MANAGEMENT UNIT (DPMU), NHM, Jagatsinghpur, Odisha
10001/688/2627
ZILLA SWASTHYA SAMITI, JAGATSINGHPUR
Office of the CDM&PHO-cum- District Mission Director, NHM, Jagatsinghpur, Odisha, 757001
Advt. No. 3691 / NHM /2026-27 Dt. 04.11.2026

Tender Call Notice

Sealed tenders are invited from the interested eligible bidders for **"TENDER FOR SELECTION OF SELECTION OF AGENCIES/FIRMS FOR OPERATION & MANAGEMENT OF HAND-HELD X-RAYS FOR SCREENING OF TB"**. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **https://Jagatsinghpur.odisha.gov.in/**. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Jagatsinghpur. Proposal(s) complete in all respect should reach the undersigned on or before 03.00 PM of dt:25.11.2026 through Regd/Speed post/ Courier and the same will be opened on 26.11.2026 at 11.30AM. The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer Jagatsinghpur
OIPR : 10001/10043/1/26-27/0011

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR
DISTRICT PROGRAMME MANAGEMENT UNIT (DPMU)
10001/687/2627 **NATIONAL HEALTH MISSION (NHM)**

Walk-In-Interview for Empanelment of Part-Time Specialists

Advt. No. 3624 Date : 04.11.2026

Expression of Interest (EOI) is invited for empanelment of Part Time Specialists (O&G/Paediatric/Medicine/ENT/Skin & VD/ Ophthalmology/ Surgery/Orthopaedic/Psychiatric/Nutrionist) for Ama Clinic under NUHM (Paradeep & Jagatsinghpur UPHC) The above positions are purely temporary and also co-terminus with the scheme. The actual number of vacancy may differ (increase or decrease) during the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, Experience, remuneration & job description of the posts along with application form can be downloaded from the district website :www.jagatsinghpur.odisha.gov.in. The interested candidates may attend the Walk-in-Interview on **Dtd. 12.11.2026** from **10.00 AM** to **11.00 AM** on the scheduled date for registration. The candidates are requested to visit the district website on regular interval till completion of empanelment process. The undersigned reserves the right to cancel any or all the application without assigning any reason or communication thereof.

Sd/- Dr. Snigdhamayee Mohanty.
CDM & PHO-cum-DMD,
Jagatsinghpur
OIPR : 10001/10043/1/26-27/0010

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହିନ୍ଦୋଳ
ସା/ପୋ-ହିନ୍ଦୋଳ, ଜିଲ୍ଲା-ଢେଙ୍କାନାଳ
ପିନ୍ କୋଡ -୭୫୯୦୨୨
ଫୋନ ନଂ - ୦୬୭୩୨ ୨୫୧୨୪୨

PANCHAYAT SAMITI OFFICE, HINDOL
At/Po - Hindol, Dist - Dhenkanal
Pin Code-759022
Phone No.-06732 251242
Email Id - ori-hindol@gramsat.nic.in

19001/329/2627
Tender Call Notice
E-Mail:- ori-hindol@nic.in
Bid Identification No. BDO Hindol-02/2026-27

The Block Development Officer, Hindol on behalf of the Governor of Odisha inviting percentage rate of bids in single cover system in Offline Mode from Eligible contractors for Construction of Additional Classrooms as detailed below

Sl. No.	Name of the work	Approximate value of work	Class of Contractor	Amount of Bid Security (EMD) in Rs.	Place of sale and receipt of tender papers	Cost of documents (Non-refundable) (Rs.)	Period of Completion in months
1	2	3	4	5	6	7	8
01	Supply and Installation of Solar Lighting in Galpada GP under PMAGY Scheme	Rs.13,55,932.62	MV/HT Class	13,600/-	Panchayat Samiti Office, Hindol	Rs. 6,000.00	06 (Six Calendar Months)

1	Nature of work	Solar Lighting Work
2	Timeline for download and submission of bids	03 11 2026(10 00 AM) to 17.11 2026 (5.30 PM) (Except on Sundays & Public Holidays)
3	Date of opening of bids	18 11 2026(11 30 AM)
4	Venue of opening of bids	Panchayat Samiti Office, Hindol. Dhenkanal
5	Tender papers and Addendum / Corrigendum Can be downloaded from the website	www dhenkanal odisha gov in

OIPR : 19001/19451/1/26-27/0002
Sd/- Block Development Officer Hindol, Dhenkanal

OFFICE OF THE EXECUTIVE ENGINEER, RWS&S DIVISION, KENDRAPADA.
At: Ichhapur. Post : Shree Baladevjew, Email: eerwsskendrapara @gmail.com
INVITATIONS FOR BIDS (IFB) [e-Procurement]
25001/1465/2627
Bid Identification No. RWS/ 13 /2026-27
Letter No. 3434 / Dated. 04.11.26

1. The Executive Engineer. RWS&S Division. Kendrapada on behalf of Governor of Odisha invites percentage bid in DOUBLE cover system in ONLINE MODE from eligible Registered manufacturers /Authorized distributor/Dealer for Supply, Installation, Testing , Commissioning and Maintenance of IRP for a period of 5 years for different Rural Piped Water Supply Schemes in Kendrapada District.

2.	Name of the work	: Supply, Installation, Testing , Commissioning and Maintenance of IRP for a period of 5 years for different RPWS Schemes under Derabish Block in Kendrapada District.
3.	No. of Work	: **04 Nos. (Four) only**
4.	Value of the Work	: **Rs. 15.98 lakhs to Rs. 20.40 Lakhs**
5	Concerned tender inviting authority	: Executive Engineer, RWS&S Division, Kendrapada
6	Cost of Bid document Rs. (Online)	: Rs. 6000/-
7	Cost of Security deposit (Online)	: Rs. 16000/- to Rs. 20400/-
8	Class of Bidder	: Registered manufacturers / Authorized distributor/Dealer
9	Period of Completion	: 90 days.
10	Availability of bid documents in the website	: **From date. 10.11.2026 at 10.00 A.M. to date. 20.11.2026 till 5.30 P.M.**
11.	Last Date & Time of seeking tender clarification	: **Up to 12.11.2026 till 5.30 P.M.**
12	Date of Opening of Bid	: **21.11.2026 at 11.00 A.M onwards.**

The bidders have to participate in the tender through ONLINE bidding only. Further details can be had from the website i.e **http://tendersodisha.gov.in.** The bid shall be accompanied with valid Contractor Registration Certificate. PAN. GST. No relation certificate in Schedule-A. Affidavit in support of authenticity of documents in Schedule-F and information regarding current litigation in Schedule-E.

Subsequent corrigendum / addendum if required shall only be appeared in the above website.

OIPR : 25001/25004/1/26-27/0004
Sd/- Executive Engineer, RWS&S Division, Kendrapada

Odisha Livelihoods Mission
Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar-751012, Odisha
Tel: (0674) 2560166/2560126, E-mail: smmu.olm@gmail.com
48001/9/2627
RECRUITMENT NOTICE
Advt. No.-1385/26 **Date:04-11-2026**

Odisha Livelihoods Mission (OLM) under the Department of Mission Shakti invites online application from eligible candidates for contractual engagement against 1,115 positions at the State Mission Management Unit (SMMU), District Mission Management Units (DMMUs) and Block Mission Management Units (BMMUs).

Details regarding position, age limit, minimum educational qualification, monthly remuneration, category-wise vacancies and other terms and conditions are available in the Detailed Advertisement on the website of Mission Shakti Department **(https://missionshakti.odisha.gov.in/)**. The selection process will be based on the result of the Computer Based Test.

Online Application Form for Recruitment of the vacant positions is available on the website of Mission Shakti Department (**https://missionshakti.odisha.gov.in/**) as per the program given below :

Particulars	Start Date	End Date
Online Registration	06th November 2026	05th December 2026
Submission of online application form	06th November 2026	05th December 2026
Date of Editing Online Application Form	06th November 2026	05th December 2026
Mode of application	Online mode only through the website (**https://missionshakti.odisha.gov.in/**). No physical copy/hard copy of the online application needs to be submitted by the applicant	

*Please note that all official communications regarding recruitment process and job listings are issued exclusively through the following authorized channels-
(1) Official SMS / WhatsApp Sender ID : AD-ODIGOV and
(2) Official Email Address : **noreply_olmrec@digialm.com.**

Sd/- State Mission Director-cum-CEO, OLM
OIPR : 48001/48002/1/26-27/0009

ହାଇଟେକ୍ ମେଡିକାଲ୍ କଲେଜର ୨୨ତମ ହ୍ୱାଇଟକୋଟ୍ ଉତ୍ସବ

ଶୃଙ୍ଖଳିତ ହୁଅନ୍ତୁ, ଭଲ ଡାକ୍ତର କରିବାର ଦାୟିତ୍ୱ ଆମର୍: ଡକ୍ଟର ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟ): ହାଇଟେକ୍ ମେଡିକାଲ୍ କଲେଜ୍‌ର ୨୨ତମ ହ୍ୱାଇଟ୍‌କୋଟ ଏବଂ ଚରକ ଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଥମବର୍ଷ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ମାନଙ୍କୁ



ସ୍ୱାଗତ ସମ୍ବର୍ଦ୍ଧନା ସହ ହ୍ୱାଇଟକୋର୍ଟ ପ୍ରଦାନ କରାଯାଇଥିଲା । ସେହିପରି ଛାତ୍ରଛାତ୍ରୀ ମାନେ ଶ୍ରେଣୀକକ୍ଷ ଓ ମେଡିକାଲ୍ ଭିତରକୁ ପ୍ରବେଶ କରିବା ପୂର୍ବରୁ ସେମାନଙ୍କୁ ଚରକ ଶପଥ କରାଯିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ,ଏହି ଶପଥନେବା ପରେ ପ୍ରତ୍ୟକ ଛାତ୍ରଛାତ୍ରୀ ପବିତ୍ରତା, ସମାନୁବର୍ତ୍ତିତା,ତ୍ୟାଗ ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପ୍ରେରଣା ପାଇବେ। ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ, ଜୀବନରେ ଶୃଙ୍ଖଳା ହିଁ ପୁଞ୍ଜି, ଜଣେ ଶୃଙ୍ଖଳିତ ମଣିଷ ଯେ କୌଣସି ଅସାଧ୍ୟକୁ ସାଧ କରିପାରେ। ପ୍ରତ୍ୟକ ଛାତ୍ରଛାତ୍ରୀ ହାଇଟେକ୍‌ରେ କେବଳ ଶୃଙ୍ଖଳିତ ଆଚରଣ କଲେ, ଜଣେ ଭଲ ଡାକ୍ତର କରିବାର ଦାୟୀତ୍ୱ ଏ ଅନୁଷ୍ଠାନର ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ମୋହନ ଦାଶ ଯୋଗଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଯୋଗଦେଇ, ନୂତନ ଡାକ୍ତର ଛାତ୍ରଛାତ୍ରୀ ମାନେ ପାଠପଢ଼ା ସହ ରୋଗୀସେବା ପ୍ରତି ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ୨୦୨୦-୨୧ବ୍ୟାଚ୍‌ର ୧୪ଜଣ କୃତି ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କୁ ହାଇଟେକ୍ ପକ୍ଷରୁ ନଗଦରାଶି ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ତଥା କାର୍ଯ୍ୟକାରୀ ଅଧକ୍ଷ ରାକେଶ କୁମାର ପାଣିଗ୍ରାହୀ, ହାଇଟେକ୍ ମେଡିକାଲ୍ କଲେଜର ଅଧକ୍ଷ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ରଙ୍କ ସହ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଯୋଗଦେଇଥିଲେ।

ଚୌଦ୍ୱାରରେ ନାବାଳିକାକୁ ଗଣ ବଳାତ୍କାର ମାମଲା : ୩ଜଣଙ୍କୁ ଆଜୀବନ କାରାଦଣ୍ଡ

କଟକ,(ସବ୍ୟ): ଚୌଦ୍ୱାରରେ ଏକ କାଠଗୋଲାରେ କାମ କରୁଥିବା ଜଣେ ନାବାଳିକାଙ୍କୁ ଧମକଚମକ ଦେଇ ଗଣ ବଳାତ୍କାର କରିବା ଘଟଣାରେ ଆଡହକ୍ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ତଥା ଫାଷ୍ଟଟ୍ରାକ୍ ଅଦାଲତ-୨ ଏଥିରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀମାନଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ଏକ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବେ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ବୟସ ୧୪ ବର୍ଷ ହୋଇଥିଲାବେଳେ ତାଙ୍କ ଭିଣୋଇ ଏବଂ ଭଉଣୀ ତାଙ୍କୁ ଚୌଦ୍‌ବାରର ଏକ କାଠଗୋଲାରେ ଚାକିରି ପାଇଁ ଛାଡ଼ିଥିଲେ। ସେଠାରେ ଚାକିରି କରିଥିଲାବେଳେ ଏଥିରେ କାମ କରୁଥିବା ଅନ୍ୟ ତିନିଜଣ କର୍ମଚାରୀ ଢେଙ୍କାନାଳର ରାମ ବରଜା, ଯାଜପୁରର ଚରଣ ମୁଣ୍ଡା ଏବଂ ଢେଙ୍କାନାଳର ମହିମା ବନାରା ପୀଡ଼ିତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ସଂକ୍ରାନ୍ତରେ ପୀଡ଼ିତା ତାଙ୍କ ଭଉଣୀ ଓ ଭିଣୋଇଙ୍କୁ ଜଣାଇବା ପରେ ସେମାନେ ୨୦୨୪ ଅକ୍ଟୋବର ୪ ତାରିଖ ସଂଧ୍ୟା ୫ଟା ସମୟରେ ଚୌଦ୍‌ବାର ଥାନାରେ ଏତଲା ଦେଇଥିଲେ।

ବିଜ୍ଞାନ ସାଧକ ଓ ଋଷି ବୈଜ୍ଞାନିକ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟ): ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଗଣିତ ଶିକ୍ଷକ ଓ ବିଜ୍ଞାନପ୍ରେମୀ କଳ୍ପତରୁ ପାତ୍ରଙ୍କ ଦ୍ୱାରା ରଚିତ ଓ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ (ଓକେସିଏଲ) ଦ୍ୱାରା ପ୍ରକାଶିତ ଦୁଇଟି ନୂତନ ପୁସ୍ତକ 'ବିଜ୍ଞାନ ସାଧକ' ଓ 'ଋଷି ବୈଜ୍ଞାନିକ' ବୁଧବାର ଦିନ ଏହାର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ସ ମା ରୋ ହ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଶିକ୍ଷାବିତ ଓ ସୁସାହିତ୍ୟିକ ପ୍ରସାଦ ତ୍ରିପାଠୀ ସମାଜରେ



ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବୈଜ୍ଞାନିକ ବୋଲି ସମ୍ବୋଧନ କରିଥିଲେ। ବିଜ୍ଞାନ କେବଳ ପରୀକ୍ଷାଗାର, ଗବେଷଣା କେନ୍ଦ୍ର କିମ୍ବା ବୈଜ୍ଞାନିକଙ୍କ ମଧ୍ୟରେ ସୀମିତ ନୁହେଁ। ଏହା ମଣିଷର ଦୈନନ୍ଦିନ ଜୀବନ, ଚିନ୍ତାଧାରା, ଅନୁଭୂତି ଓ କାର୍ଯ୍ୟଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ । ସମ୍ମାନିତ ଅତିଥି ଭାବେ ଯୋଗଦେଇ, ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ସାଧନାରତ ତଥା "ହାତପାଆନ୍ତାର ବିଜ୍ଞାନ" ପୁସ୍ତକର ଲେଖକ ବ୍ରହ୍ମାନନ୍ଦ ସ୍ୱାଇଁ କହିଥିଲେ ଯେ ବିଜ୍ଞାନ ପଛରେ ରହିଛି ପର୍ଯ୍ୟବେକ୍ଷଣ, ଅନୁଭୂତି, ପରୀକ୍ଷା, ତ୍ରୁଟି ସଂଶୋଧନ ଓ ନୂତନ ଜ୍ଞାନ ଆହରଣର ପ୍ରକ୍ରିୟା, ଯାହା ବୈଜ୍ଞାନିକ ଚିନ୍ତନର ମୂଳ ଆଧାର। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲ ଶିକ୍ଷାଦାନରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ପୁସ୍ତକ ପ୍ରସ୍ତୁତିର ପୃଷ୍ଠଭୂମି ସମ୍ପର୍କରେ ବର୍ଣ୍ଣନା କରି, ଲେଖକ ଶ୍ରୀ ପାତ୍ର କହିଥିଲେ ଯେ ବାସ୍ତବରେ, ବିଜ୍ଞାନ କୌଣସି ବିଶେଷ ବର୍ଗର ସମ୍ପତ୍ତି ନୁହେଁ। ଏହା ମଣିଷର ଜିଜ୍ଞାସା, ଅନୁଭୂତି ଓ ଜୀବନକୁ ସହଜ ଓ ସମୃଦ୍ଧ କରିବାର ଏକ ନିରନ୍ତର ପ୍ରୟାସ। ଅନ୍ୟମାନଙ୍କ ମଧ୍ୟରେ, ପ୍ରାକ୍ତନ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ପ୍ରାବନ୍ଧିକ ଓ ସମାଲୋଚକ ଡ. ନିରଞ୍ଜନ ସାହୁ ଓ ଖଣ୍ଡଗିରି ସ୍ଥିତ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ତଥା କବି ଓ ଅନୁବାଦକ ରବୀନ୍ଦ୍ରନାଥ ପାଢ଼ୀ ନିଜର ମତ ରଖିଥିଲେ। ଓକେସିଏଲ ତରଫରୁ ଏହି ପୁସ୍ତକ ଉନ୍ମୋଚନ ସମାରୋହ ଆୟୋଜନ କରାଯାଇଥିଲା।

ବୋଲଗଡ଼ ବ୍ଲକରେ ପ୍ରହସନ:ପଲ୍ଲୀରେ ପ୍ରଶାସନ

ବୋଲଗଡ଼ ,(ସବ୍ୟ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ୧୯ଟି ପଂଚାୟତରେ ପ୍ରତି ସୋମବାର ଦିନ କାର୍ଯ୍ୟକାରୀ କରାଯାଉଛି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ । କିନ୍ତୁ କିଛିଦିନ ଧରି ଦେଖିବାକୁ ମିଳୁଛିକି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଉନାହାନ୍ତି, ତାଙ୍କ ସ୍ଥାନରେ ଅଧସ୍ତନ କର୍ମଚାରୀ ଓ ଅସ୍ଥାୟୀ କର୍ମଚାରୀମାନେ ଯାଇ ଘଣ୍ଟେ କି ଦୁଇ ଘଣ୍ଟା ବସି ପଳାଇଆସୁଛନ୍ତି । କେଉଁ ସୋମବାର ଦିନ କେଉଁ ପଞ୍ଚାୟତରେ ଅଭିଯୋଗ ଶୁଣାଣୀ ହେବ ତାହା ସର୍ବସାଧାରଣଙ୍କୁ ସୂଚନା ଦିଆଯାଉନାହିଁ । କେବଳ ତହସିଲରେ ପଡିରହିଥିବା ଜମି ଓ ଘରବାରୀ ପଟ୍ଟା ପ୍ରଦାନ କରାଯାଉଛି ଗତ ସୋମବାର ଦିନ ପାଟପୁର ଶାସନ ପଞ୍ଚାୟତରେ ଏଭଳି ଦେଖାଦେଇଥିଲା । ବହୁଲୋକ ବିଳମ୍ବରେ ଖବର ପାଇଁ ଆସିଥିଲା ବେଳେ ଅଧିକାରୀମାନେ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ଫେରିଯାଇଥିଲେ । ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ କରା ନ ଯାଇ୧ କି.ମି. ଦୂର ଜଙ୍ଗଲ ମଧ୍ୟରେ ଥିବା ମାଆ ବରଡାଳିଆ ଠାକୁରାଣୀ ପୀଠରେ ଆୟୋଜନ କରାଯାଇଥିଲା । ସେଠାରେ ଆପତ୍ତି ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ପାଇଁ ବସିବା ପାଇଁ ଏ ପାନୀୟ ଜଳର ବ୍ୟବସ୍ଥା କରାଯାଇନଥିଲା ।

ନବଜାତ ଶିଶୁକନ୍ୟାକୁ ନୂଆ ଜୀବନ ଦେଲେ ସମ୍ ଡାକ୍ତର

ଭୁବନେଶ୍ୱର, (ସବ୍ୟ): ଡାକ୍ତରମାନଙ୍କ ନିଷ୍ଠା, ଚିକିତ୍ସା ଦକ୍ଷତା ଓ ସମନ୍ୱିତ ପ୍ରୟାସ ଯୋଗୁଁ ଜଟିଳ ଜନ୍ମଗତ ଫୁସଫୁସ ରୋଗରେ ପୀଡ଼ିତ



ଏକ ଅପରିପକ୍ୱ ନବଜାତ ଶିଶୁକନ୍ୟାକୁ ନୂଆ ଜୀବନ ଦେବାରେ ସଫଳ ହୋଇଛନ୍ତି ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରୀ ଟିମ୍। ମାତ୍ର ୧୪୭୬ ଗ୍ରାମ୍ ଓଜନର ଏହି ଶିଶୁକନ୍ୟାଟି ଗର୍ଭଧାରଣର ୩୪ ସପ୍ତାହରେ ଜରୁରୀକାଳୀନ ସିଜରିଆନ୍ ଅସ୍ତ୍ରୋପଚାର ମାଧ୍ୟମରେ ଜନ୍ମ ନେଇଥିଲା। ଜନ୍ମ ପରେ ଶିଶୁଟିର ଅବସ୍ଥା ଗୁରୁତର ଥିବାରୁ ତାକୁ ତୁରନ୍ତ ଇନ୍‌ଟ୍ୟୁବେସନ୍ କରାଯାଇ କୃତ୍ରିମ ଶ୍ୱାସକ୍ରିୟା ଯନ୍ତ୍ର ସହାୟତାରେ ଚିକିତ୍ସା କରାଯାଇଥିଲା। ଗର୍ଭାବସ୍ଥାର ୨୦ ସପ୍ତାହରେ କରାଯାଇଥିବା ଅଲଟ୍ରାସାଉଣ୍ଡ ପରୀକ୍ଷାରୁ ଶିଶୁଟିର ବାମ ଫୁସଫୁସରେ କଂଜେନିଟାଲ୍ ପଲମୋନାରୀ ଏୟାରୱେ ମାଲଫର୍ମେସନ୍ (ସିପିଏଏମ୍) ନାମକ ଏକ ଜନ୍ମଗତ ତ୍ରୁଟି ଥିବା ଜଣାପଡ଼ିଥିଲା। ଏଥିସହ ଫୁସଫୁସରେ ଏକ ଅସ୍ୱାଭାବିକ ଘନ ଅଂଶ ଏବଂ ହୃତ୍‌ପିଣ୍ଡ ଡାହାଣ ପଟକୁ ଘୁଂଚି ରହିଥିବା ମଧ୍ୟ ଦେଖାଯାଇଥିଲା। ଜନ୍ମ ପରେ ଶିଶୁଟିର ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ଦେଖାଦେବାରୁ ତାକୁ ହାଇ ଫ୍ରିକ୍ୱେନ୍ସି ଅସିଲେସନ୍ (ଏଚ୍‌ଏଫ୍‌ଓ) ଭେଣ୍ଟିଲେସନ୍‌ରେ ରଖାଯାଇଥିଲା। ଶିଶୁଟିର ଜୀବନ ରକ୍ଷା ନିମନ୍ତେ ଜନ୍ମର ୧୫ ଦିନରେ ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ପକ୍ଷରୁ ବାମ ପାର୍ଶ୍ୱର ଫୁସଫୁସ ଅପସାରଣ ଅସ୍ତ୍ରୋପଚାର (ଲେଫ୍‌ଟ ପ୍ନୁମୋନେକ୍ଟୋମି) କରାଯାଇଥିଲା। ଏହି ଅସ୍ତ୍ରୋପଚାରରେ ବାମ ଫୁସଫୁସର ଉପର ଓ ତଳ ଦୁଇଟି ଲୋବ୍‌କୁ ବାହାର କରାଯାଇଥିଲା। ଏହାର ଏକ ସପ୍ତାହ ପରେ ଶିଶୁଟିକୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା।

ଦେଉଳସାହିରେ ରୋଜିସ୍ ମେକଓଭରର ଦ୍ୱିତୀୟ କାଉଣ୍ଟର

କଟକ, (ସ୍ୱପ୍ର): କଟକ ସହରରେ ଜଣାଶୁଣା ରୋଜିସ୍ ମେକଓଭର ତାର ଦ୍ୱିତୀୟ କାଉଣ୍ଟର ସ୍ଥାନୀୟ ଦେଉଳସାହି ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି । ଆୟୋଜିତ ଏହି ଉତ୍ସବରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନୂତନ କାଉଣ୍ଟରର ଶୁଭାରମ୍ଭ କରିଥିଲେ । ପୂର୍ବରୁ ଏହାର ପ୍ରଥମ କାଉଣ୍ଟର ମହାନଦୀବିହାର ଠାରେ କାର୍ଯ୍ୟ କରୁଥିବାବେଳେ ଗ୍ରାହକଙ୍କ ଚାହିଦା ଓ ସୌନ୍ଦର୍ଯ୍ୟ ସେବାର ପରିସର ବୃଦ୍ଧି ଲକ୍ଷ୍ୟରେ ଦେଉଳିସାହି ଠାରେ ଦ୍ୱିତୀୟ କାଉଣ୍ଟର ଖୋଲାଯାଇଛି । ସଂସ୍ଥାର ପ୍ରତିଷ୍ଠାତା କୃଷ୍ଣପ୍ରିୟା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏଠାରେ ଆଧୁନିକ ପ୍ରସାଧନ ସାମଗ୍ରୀ ଓ ଦକ୍ଷ କାରିଗରୀ ମାଧ୍ୟମରେ ବିଭିନ୍ନ ସୌନ୍ଦର୍ଯ୍ୟସେବା



ଯୋଗାଇ ଦିଆଯିବ । ଏଥିରେ ବିବାହ ଓ ବ୍ରାଇଡାଲ୍ ମେକଅପ୍, ସ୍ପା, ହେୟାର କଟିଂ, ହେୟାର ଷ୍ଟାଇଲିଂ ସମେତ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ବିୟୁଟି ଓ କସମେଟିକ୍ ସାମଗ୍ରୀ ଉପଲବ୍ଧ ହେବ । ଏହି ଉତ୍ସବରେ ଅଭିନେତ୍ରୀ ତଥା ମଡେଲ୍ ଅସୀମା ପଣ୍ଡା, ୪୭ ନମ୍ବର ୱାର୍ଡ କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ, ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନର ସଭାପତି ସଞ୍ଜୟ ଜେନା ଓ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀଙ୍କ ସମେତ ବହୁ ଅତିଥି ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ ।

୧୪ ବିଶ୍ୱବିଦ୍ୟାଳୟରେ ଲାଇବ୍ରେରୀଆନ ଓ କର୍ମଚାରୀ ପଦ ଖାଲି ମାମଲା

ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟ): ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ୧୦୫ ଲାଇବ୍ରେରୀ କର୍ମଚାରୀ ତଥା ଲାଇବ୍ରେରିଆନ୍ ପଦ ଖାଲି ପଡ଼ିଛି । ଏହି ପଦ ପୂରଣ ପାଇଁ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଜବାବ ତଲବ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ରେ ହେବ। ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ଏହି ମାମଲାରେ ଦର୍ଶାଯାଇଛି ଯେ, ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର ୧୧୩ଟି ଲାଇବ୍ରେରୀ କର୍ମଚାରୀଙ୍କ ଅନୁମୋଦିତ ପଦରୁ ୧୦୫ ଟି ପଦ ଖାଲି ରହିଛି ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ବିଧାନସଭାକୁ ଅବଗତ କରାଇଥିଲେ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ(୨), ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ(୧୦), ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(୫), ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ(୧୦) ଓ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ(୯)ର ସମସ୍ତ ଅନୁମୋଦିତ ପଦ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟଗୁଡିକ ପ୍ରତିଷ୍ଠା ହେବା ପରେ ଲାଇବ୍ରେରିଆନ୍ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୬ଟି ପଦରୁ ୧୫ଟି, ଉତ୍କଳ ବିଶ୍ୱବିଦ୍ୟାଳୟର ୨୯ଟି ପଦରୁ ୧୭ଟି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୧ଟି ପଦରୁ ୭ଟି,ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୬ଟି ପଦରୁ ୫ଟି,ସମ୍ବଲପୁର ବିଶ୍ୱବିଦ୍ୟାଳୟର ୯ଟି ପଦରୁ ୨ଟି ଖାଲି ପଡ଼ିଛି । ଶିକ୍ଷା ଓ ଗବେଷଣା ପାଇଁ ଲାଇବ୍ରେରୀ ଅପରିହାର୍ଯ୍ୟ ହୋଇଥିବାରୁ ୧୪ଟି ବିଶ୍ୱବିଦ୍ୟାଳୟର ଖାଲି ପଡ଼ିଥିବା ଲାଇବ୍ରେରୀ କର୍ମଚାରୀ ପଦ ପୂରଣ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀ ଆହୁରି ଦର୍ଶାଇଛନ୍ତି ଯେ, ଦୁଇଟି ରାଜ୍ୟ ବିଶ୍ୱବିଦ୍ୟାଳୟ (ଓଡ଼ିଆ ବିଶ୍ୱବିଦ୍ୟାଳୟ ତଥା ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ)ରେ ଅନୁମୋଦିତ ଲାଇବ୍ରେରୀ କର୍ମଚାରୀ ପଦ ସୃଷ୍ଟି ହୋଇନାହିଁ । ତେଣୁ ତୁରନ୍ତ ଏହି ବିଶ୍ୱବିଦ୍ୟାଳୟରେ ଅନୁମୋଦିତ ଲାଇବ୍ରେରୀ ପଦ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଆଜି ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବରେ କୁହାଯାଇଥିଲା ଯେ, ଲାଇବ୍ରେରିଆନ୍ ନିଯୁକ୍ତ କରିବା ଦାୟିତ୍ୱ ବିଶ୍ୱବିଦ୍ୟାଳୟମାନଙ୍କ ଦାୟିତ୍ୱ । ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନର ଧାରା ୨୧ ଅନୁସାରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନେ ରାଜ୍ୟ ଚୟନ ବୋର୍ଡକୁ ପ୍ରସ୍ତାବ ପଠେଇଲେ ହିଁ ସରକାର ଏ ଦିଗରେ କିଛି ପଦକ୍ଷେପ ନେଇପାରିବେ। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି କୌଣସି ପ୍ରସ୍ତାବ ଆସିନଥିବାରୁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହି ଜବାବ ପରେ ହାଇକୋର୍ଟ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ନୋଟିସ୍ କରିଛନ୍ତି। ଏହି ମାମଲାରେ ଉଚ୍ଚ ଶିକ୍ଷା ବିଭାଗ ସଚିବ, ଷ୍ଟେଟ୍ ସିଲେକ୍ସନ ବୋର୍ଡର ସଚିବ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ଶ୍ରୀ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

ଆଇନଜୀବୀଙ୍କ ଆର୍ଥିକ, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି

ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ବିଜେପି ଲିଗାଲ ସେଲ ସଂଯୋଜକଙ୍କ କୃତଜ୍ଞତା

ଭୁବନେଶ୍ୱର(ସବ୍ୟ): ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠି ଅଧୀନରେ ଆଇନଜୀବୀଙ୍କ ପାଇଁ ଆର୍ଥିକ ସହାୟତା ଓ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ସମସ୍ତ ଆଇନଜୀବୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାରୁ ବିଜେପି ଲିଗାଲ ସେଲର ଆବାହକ ଜୟନ୍ତ କୁମାର ଜେନା କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ଜେନା କହିଛନ୍ତି, ଆଇନଜୀବୀଙ୍କ ପାଇଁ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରିବା ଦୀର୍ଘଦିନର ଏକ ଗୁରୁତ୍ୱପୂର୍ଣ୍ଣ ଦାବି ଥିଲା । ଆଇନଜୀବୀମାନେ ସମ୍ବିଧାନର ମର୍ଯ୍ୟାଦା ରକ୍ଷା, ନାଗରିକଙ୍କ ଅଧିକାର ସୁରକ୍ଷା, ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଇନର ଶାସନ ପ୍ରତିଷ୍ଠା କରିବା ଦିଗରେ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି । ବହୁ ସଂଖ୍ୟକ ଆଇନଜୀବୀ, ବିଶେଷକରି ସ୍ୱାଧୀନ ଭାବେ ଓକିଲାତି କରୁଥିବା ଆଇନଜୀବୀମାନେ ଆର୍ଥିକ ଅନିଶ୍ଚିତତା ଓ ସାମାଜିକ ସୁରକ୍ଷାର ଅଭାବର ସମ୍ମୁଖୀନ ହୋଇଥାନ୍ତି । ଜଣେ ଆଇନଜୀବୀଙ୍କ ଅକାଳ ବିୟୋଗ ତାଙ୍କ ପରିବାରକୁ ଅନେକ ସମୟରେ ଗଭୀର ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେଇଥାଏ । ଏଭଳି ଦୁଃଖଦ ପରିସ୍ଥିତିରେ ବର୍ଦ୍ଧିତ ମୃତ୍ୟୁକାଳୀନ ସହାୟତା ରାଶି ପରିବାରକୁ ଆବଶ୍ୟକୀୟ ଆର୍ଥିକ ସହାୟତା, ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବ । ରାଜ୍ୟ ସରକାର ଭବିଷ୍ୟତରେ ମଧ୍ୟ ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ ଅଧିକ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିବେ । ଏଥିମଧ୍ୟରେ ବ୍ୟାପକ ସ୍ୱାସ୍ଥ୍ୟ ବୀମା, ଉନ୍ନତ ପେନସନ୍ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ହେବ ବୋଲି ସେ ଆଶା କରୁଛନ୍ତି ।

ଅଚିହ୍ନା ରୋଗୀଙ୍କୁ ରକ୍ତଦାନ ସହ ଆର୍ଥିକ ସହାୟତା କଲେ 'ପିପୁଲ ଫର୍ ସ୍ମାଇଲ୍'ର ସଦସ୍ୟ

ଭୁବନେଶ୍ୱର, (ସବ୍ୟ): ମାନବ ସେବା ହିଁ ଶ୍ରେଷ୍ଠ ସେବା। ଏହି ମହତ୍ ଚିନ୍ତାଧାରାକୁ ନିଜ କାର୍ଯ୍ୟରେ ପ୍ରତିଫଳିତ କରି ଜଣେ ଅଚିହ୍ନା ଗୁରୁତର ରୋଗୀଙ୍କ ପାଇଁ A+ ରକ୍ତଦାନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି 'ପିପୁଲ ଫର ସ୍ମାଇଲ୍' ସଂଗଠନର ସଦସ୍ୟ ଶୁଭାଶିଷ ରାଉତ। ସୂଚନା ଅନୁଯାୟୀ,



ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅନ୍ତର୍ଗତ ମାର୍କଟା ଗ୍ରାମର ଅମୂଲ୍ୟ ପ୍ରଧାନ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲ-IIରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ହିମୋଗ୍ଲୋବିନ ସ୍ତର ପ୍ରାୟ ୫ ଥିବାରୁ ତୁରନ୍ତ ରକ୍ତର ଆବଶ୍ୟକତା ଥିବା ଖବର ପାଇ ଶୁଭାଶିଷ ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ବିଶେଷ କଥା ହେଉଛି, ଶୁଭାଶିଷ ପୂର୍ବରୁ ରୋଗୀଙ୍କୁ ଜାଣି ନଥିଲେ କିମ୍ବା ତାଙ୍କ ପରିବାର ସହ କୌଣସି ପରିଚୟ ନଥିଲା। କେବଳ ଜଣେ ଆଦିବାସୀ ଓ ଆର୍ଥିକ ଅନଗ୍ରସର ପରିବାରର ବ୍ୟକ୍ତି ଗୁରୁତର ଅସୁସ୍ଥ ଥିବା ଏବଂ ରକ୍ତର ଆବଶ୍ୟକତା ଥିବା ଖବର ପାଇ ସେ ଏହି ମାନବିକ ପଦକ୍ଷେପ ନେଇଥିଲେ। ଅମୂଲ୍ୟ ପ୍ରଧାନଙ୍କ ପରିବାରରେ ୩ ଜଣ ଝିଅ ଓ ୨ ଜଣ ପୁଅଙ୍କ ସମେତ ମୋଟ ୫ ଜଣ ସନ୍ତାନ ଅଛନ୍ତି। ଏଭଳି କଠିନ ସମୟରେ ରକ୍ତଦାନ ସହିତ ତାଙ୍କ ପରିବାରକୁ କିଛି ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ଏହି ଘଟଣା ମାଧ୍ୟମରେ ଶୁଭାଶିଷ ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି ଯେ, ମାନବିକତାର କୌଣସି ଜାତି, ଧର୍ମ କିମ୍ବା ପରିଚୟ ନାହିଁ। ଅଚିହ୍ନା ମଣିଷର ବିପଦ ସମୟରେ ସାହାଯ୍ୟର ହାତ ବଢ଼ାଇବା ହିଁ ପ୍ରକୃତ ମାନବ ସେବା।

'ଅର୍ଣ୍ଣବ' ପ୍ରଭାବିତ ଗଞ୍ଜାମବାସୀଙ୍କୁ ସହାୟତାର ହାତ ବଢ଼ାଇଲା ହିଣ୍ଡାଲ୍‌କୋ

ଭୁବନେଶ୍ୱର, (ସବ୍ୟ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର



ସହଯୋଗୀ କମ୍ପାନୀ ପକ୍ଷରୁ ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ଗଞ୍ଜାମ ଜିଲ୍ଲାବାସୀଙ୍କୁ ସହାୟତାର ହାତ ବଢ଼ାଇଛି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ । ଏହି ପରିପ୍ରେକ୍ଷୀରେ ପ୍ରଭାବିତ ପରିବାରଙ୍କ ମଧ୍ୟରେ ବଣ୍ଟନ ନିମନ୍ତେ କମ୍ପାନୀ ପକ୍ଷରୁ ଦୁଇ ଟ୍ରକ୍ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ପଠାଯାଇଛି । ବାତ୍ୟା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷୟକ୍ଷତି, ଦୁର୍ଦ୍ଦଶା ଓ ଜୀବନଜୀବିକାରେ ଦେଖାଦେଇଥିବା ସମସ୍ୟାକୁ ହୃଦୟଙ୍ଗମ କରି ହିଣ୍ଡାଲ୍‌କୋ ପକ୍ଷରୁ ଏହି ମାନବିକ ପଦକ୍ଷେପ ନିଆଯାଇଛି । ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପ୍ରକ୍ରିୟାରେ ସଂଘର୍ଷ କରୁଥିବା ଅସହାୟ ଓ ପ୍ରଭାବିତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଗଞ୍ଜାମ ଜିଲ୍ଲା ପ୍ରଶାସନ ମାଧ୍ୟମରେ ବଣ୍ଟନ ପାଇଁ ପଠାଯାଇଥିବା ରିଲିଫ୍ ସାମଗ୍ରୀ ମଧ୍ୟରେ ଶାଢ଼ି, ଲୁଙ୍ଗି, ଗାମୁଛା, ତେଲ, ଗାଧୁଆ ସାବୁନ, ସାନିଟାରୀ ପ୍ୟାଡ୍ ଓ ବ୍ୟାଗ୍ ଭଳି ଅତ୍ୟାବଶ୍ୟକ ଘରୋଇ ତଥା ବ୍ୟକ୍ତିଗତ ବ୍ୟବହାର ସାମଗ୍ରୀ ରହିଛି । ଏହି ପଦକ୍ଷେପ ସମ୍ପର୍କରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କର୍ପୋରେଟ୍ ଆଫେୟାର୍ସ ଅଧକ୍ଷ ଅର୍ଦ୍ଧେନ୍ଦୁ ମହାପାତ୍ର କହିଛନ୍ତି ଯେ, ଏହି ପଦକ୍ଷେପ ମାଧ୍ୟମରେ ଗଞ୍ଜାମର ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ପରିବାରଗୁଡ଼ିକୁ କିଛିଟା ଆଶ୍ୱସ୍ତି ଓ ସହାୟତା ପ୍ରଦାନ କରିପାରିବୁ ବୋଲି ଆମର ଆଶା ।

ବେଦାନ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରସ୍ତାବିତ ଆକର୍ଷଣୀୟ ପୁଞ୍ଜି ନିବେଶ ଯୋଜନା: ଓଡ଼ିଶା ପାଇଁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟ): ଦେଶର ମୋଟ ଆଲୁମିନିୟମ ଉତ୍ପାଦନ କ୍ଷମତାର ପ୍ରାୟ ୬୭ରୁ ୭୨ ପ୍ରତିଶତ ଓଡ଼ିଶାରେ ରହିଛି। ଏହା ଓଡ଼ିଶାକୁ ଦେଶର ଅଗ୍ରଣୀ ଆଲୁମିନିୟମ ଉତ୍ପାଦନକାରୀ ରାଜ୍ୟର ମାନ୍ୟତା ଦେଇଛି। ତେବେ ଆଲୁମିନିୟମ ଓ ଏହାର ମୂଲ୍ୟଯୁକ୍ତ ଉତ୍ପାଦନ କ୍ଷେତ୍ରରେ ବୃହତ୍ ପୁଞ୍ଜିନିବେଶ ଆକର୍ଷଣ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଉଦ୍ୟମ ଜୋରଦାର କରୁଥିବା ବେଳେ, ଓଡ଼ିଶା ନିଜର ଏହି ଅଗ୍ରଣୀ ସ୍ଥିତି ବଜାୟ ରଖିପାରିବ କି ନାହିଁ, ତାହା ଏବେ ଏକ ବଡ଼ ପ୍ରଶ୍ନ। ଏଥିପାଇଁ ପ୍ରକଳ୍ପଗୁଡ଼ିକର ତ୍ୱରିତ ଅନୁମୋଦନ ଏବଂ ବକ୍ସାଇଟ୍ ଖଣିରୁ କଂଚାମାଲ ଉପଲବ୍ଧତା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ନିକଟରେ ବେଦାନ୍ତ ଅଧକ୍ଷ ଅନିଲ ଅଗ୍ରୱାଲ ପଶ୍ଚିମବଙ୍ଗରେ ଆଲୁମିନିୟମ ଉତ୍ପାଦନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସମ୍ଭାବନା ଅନୁଧ୍ୟାନ କରିବା ସହ ୭୦,୦୦୦ରୁ ୮୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ନେଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ବେଦାନ୍ତର ଓଡ଼ିଶାରେ ଦୀର୍ଘଦିନର ଶିଳ୍ପ ଉପସ୍ଥିତି ରହିଛି। ଏଭଳି ପ୍ରସ୍ତାବିତ ପୁଞ୍ଜିନିବେଶ ଯୋଜନା ରାଜ୍ୟଗୁଡ଼ିକ ମଧ୍ୟରେ ବୃହତ୍ ଶିଳ୍ପ ପୁଞ୍ଜିନିବେଶ ଆକର୍ଷଣ ପାଇଁ ବଢ଼ୁଥିବା ପ୍ରତିଯୋଗିତାକୁ ସ୍ପଷ୍ଟ କରୁଛି। ଏହା ଓଡ଼ିଶାର ଆଲୁମିନିୟମ କ୍ଷେତ୍ରରେ ରହିଥିବା ବାଧାଗୁଡ଼ିକ ଦୂର କରିବାର ଆବଶ୍ୟକତାକୁ ଆହୁରି ଗୁରୁତ୍ୱ ଦେଇଛି।

ଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଶିବ ମହାକୁଡ଼ କହିଛନ୍ତି, "ଆଲୁମିନିୟମ କ୍ଷେତ୍ରରେ ଓଡ଼ିଶାର ଏକ ଦୃଢ଼ ଭିତ୍ତିଭୂମି ରହିଛି। କିନ୍ତୁ କେବଳ ସମ୍ପଦରେ ଅଗ୍ରଣୀ ରହିବା ଦୀର୍ଘମିଆଦୀ ଶିଳ୍ପ ପ୍ରତିଯୋଗିତାକୁ ସୁନିଶ୍ଚିତ କରିପାରିବ ନାହିଁ। ରାଜ୍ୟ ସରକାରଙ୍କୁ ଜମି ଆବଂଟନ ତ୍ୱରାନ୍ୱିତ କରିବା, ବକ୍ସାଇଟ୍ ଖଣି କାର୍ଯ୍ୟକୁ ସକ୍ଷମ କରିବା, ନିୟାମକ ଅନୁମୋଦନ ପ୍ରକ୍ରିୟା ସରଳ କରିବା ଏବଂ ଆଲୁମିନିୟମ ଶିଳ୍ପକୁ ସହାୟତା ଦେବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ପଡ଼ିବ। ଏଥିସହ ବୃହତ୍ ପୁଞ୍ଜିନିବେଶ ସହ ସ୍ଥାନୀୟ ଅନୁପୂରକ ଶିଳ୍ପ ଓ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକର ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ସମ୍ପଦଗତ ସୁବିଧାକୁ ଉତ୍ପାଦନ କ୍ଷମତା, ନିଯୁକ୍ତି ଓ ଦୀର୍ଘମିଆଦୀ ଆର୍ଥିକ ମୂଲ୍ୟରେ ପରିଣତ କରିବା ପାଇଁ ଏହା ନିର୍ଣ୍ଣାୟକ ହେବ। ଓଡ଼ିଶା ପାଇଁ ଏହି ଘଟଣାଗୁଡ଼ିକ ଏକ ବ୍ୟାପକ ଶିଳ୍ପ ନୀତିଗତ ଆହ୍ୱାନକୁ ସାମ୍ନାକୁ ଆଣିଛି। ରାଜ୍ୟରେ ଅନ୍ୟ କେତେକ ବୃହତ୍ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟ ବାଧାର ସମ୍ମୁଖୀନ ହୋଇଛି କିମ୍ବା ଅନ୍ୟ ରାଜ୍ୟକୁ ଚାଲିଯାଇଛି। ଆର୍ସେଲର ମିତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆର ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପ ପ୍ରଥମେ ଓଡ଼ିଶାରେ ସ୍ଥାପନ ହେବାକୁ ଯୋଜନା ଥିବାବେଳେ ଏବେ ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତରିତ ହୋଇଛି। ସେହିପରି ଜେଏସଡବ୍ଲ୍ୟୁର ପ୍ରସ୍ତାବିତ ବ୍ୟାଟେରି ଉତ୍ପାଦନ ପ୍ରକଳ୍ପ ରାଜ୍ୟରେ ସ୍ଥଗିତ ରହିଥିବା ନେଇ ଖବର ପ୍ରକାଶ ପାଇଛି। ଏହି ଘଟଣାଗୁଡ଼ିକ ଓଡ଼ିଶା ପାଇଁ ଏକ ସତର୍କ ଘଂଟି। ନିବେଶ ପ୍ରକ୍ରିୟାରେ ଥିବା ବାଧା ଦୂର କରିବା, ଶିଳ୍ପ ପରିବେଶକୁ ସୁଦୃଢ଼ କରିବା ଏବଂ ବୃହତ୍ ପୁଞ୍ଜିନିବେଶ ଆକର୍ଷଣ ଓ ଧରି ରଖିବାରେ ପ୍ରତିଯୋଗିତା କ୍ଷମତା ବଜାୟ ରଖିବା ଏବେ ଅତ୍ୟାବଶ୍ୟକ ହୋଇ ପଡିଛି ।

ଏହି ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାର ଯଥେଷ୍ଟ ସୁଯୋଗ ରହିଛି। ବେଦାନ୍ତ ଢେଙ୍କାନାଳରେ ବାର୍ଷିକ ୩ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ ଉତ୍ପାଦନ କାରଖାନା ଏବଂ ରାୟଗଡ଼ାରେ ୬ ନିୟୁତ ଟନ୍ କ୍ଷମତାର ଆଲୁମିନା ବିଶୋଧନାଗାର ସ୍ଥାପନ ଯୋଜନା ରଖିଛି। ଏଥିସହ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ଓ ଲାଞ୍ଜିଗଡ଼ ଏବଂ ଝାରସୁଗୁଡ଼ାରେ ଏହାର ବର୍ତ୍ତମାନର କାରଖାନାଗୁଡ଼ିକର ସମ୍ପ୍ରସାରଣ ଯୋଜନା ମଧ୍ୟ ରହିଛି। ଏହି ପ୍ରସ୍ତାବଗୁଡ଼ିକରେ ଅଗ୍ରଗତି ହେଲେ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ବିଭିନ୍ନ ସ୍ତରରେ ଓଡ଼ିଶାର ସ୍ଥିତି ଆହୁରି ମଜବୁତ ହୋଇପାରିବ। ଏହି ସୁଯୋଗ କେବଳ ପ୍ରାଥମିକ ଆଲୁମିନିୟମ ଉତ୍ପାଦନରେ ସୀମିତ ନୁହେଁ। ବୈଦ୍ୟୁତିକ ଯାନ, ରେଳବାଇ, ଅକ୍ଷୟ ଶକ୍ତି, ବିଦ୍ୟୁତ୍ ପରିବହନ, ମହାକାଶ ଓ ପ୍ରତିରକ୍ଷା ଏବଂ ନିର୍ମାଣ କ୍ଷେତ୍ରରେ ବଢ଼ୁଥିବା ଚାହିଦା ଆଲୁମିନିୟମ ଆଧାରିତ ଉତ୍ପାଦ ନିର୍ମାଣ, ଯାନ୍ତ୍ରିକ କାର୍ଯ୍ୟ, ଉପାଦାନ ଉତ୍ପାଦନ ଓ ଅନ୍ୟାନ୍ୟ ଅନୁପୂରକ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି। ଢେଙ୍କାନାଳ, ରାୟଗଡ଼ା, କଳାହାଣ୍ଡି ଓ ଝାରସୁଗୁଡ଼ା ଭଳି ଜିଲ୍ଲାଗୁଡ଼ିକ ଏକ ସୁଦୃଢ଼ ଅନୁପୂରକ ଓ ଉତ୍ପାଦନ ଶିଳ୍ପ ନେଟୱର୍କରୁ ଲାଭବାନ ହୋଇପାରିବେ। ଓଡ଼ିଶାର ୨୦୩୬ ଓ ୨୦୪୭ ଦୃଷ୍ଟିକୋଣ ଯୋଜନାରେ ଏହି କ୍ଷେତ୍ର ପାଇଁ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୪୭ ସୁଦ୍ଧା ୫ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ, ଧାତୁ ଭିତ୍ତିକ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୨ ଲକ୍ଷ କୋଟି ଟଙ୍କାର ସମୁଦାୟ ପୁଞ୍ଜିନିବେଶ ଏବଂ ଏହି କ୍ଷେତ୍ରରେ ୧.୨୫ ଲକ୍ଷ ନିଯୁକ୍ତି ସୃଷ୍ଟି ଏହାର ପ୍ରମୁଖ ଲକ୍ଷ୍ୟ। ଅଗ୍ରଣୀ ଆଲୁମିନିୟମ ଶିଳ୍ପ କେନ୍ଦ୍ର ଭାବେ ନିଜର ସ୍ଥିତି ବଜାୟ ରଖିବା ପାଇଁ ଓଡ଼ିଶା ନିକଟରେ ଖଣିଜ ସମ୍ପଦ, ଶିଳ୍ପ ଅଭିଜ୍ଞତା ଓ ନୀତିଗତ ଦୃଷ୍ଟିକୋଣ ରହିଛି। ତେବେ ଦୀର୍ଘମିଆଦୀ ଭାବେ ଏହି ଲକ୍ଷ୍ୟ ହାସଲ କରିବା ହିଁ ମୁଖ୍ୟ ଆହ୍ୱାନ। ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ତୀବ୍ର ହେଉଥିବା ବେଳେ, ଶିଳ୍ପ କ୍ଷେତ୍ରରେ ନେତୃତ୍ୱର ମାପକାଠି କେବଳ କେତେ ପରିମାଣର ଆଲୁମିନିୟମ ଉତ୍ପାଦନ ହେଉଛି ତାହା ନୁହେଁ; ବରଂ ବ୍ୟାପକ ଶିଳ୍ପ ମୂଲ୍ୟ ଶୃଙ୍ଖଳାର କେତେ ଅଂଶ ରାଜ୍ୟ ନିଜ ଭିତରେ ରଖିପାରୁଛି ଏବଂ ତାହାର ବିକାଶ କରିପାରୁଛି, ତାହା ହିଁ ନିର୍ଣ୍ଣୟ କରିବ।

ଇସିଙ୍କ ଆପତ୍ତି ପରେ ମାନିଲେ ସିଇସି

ଫର୍ମ-୬ରୁ ହଟିଲା ଏସଆଇଆର୍ ଘୋଷଣା ପତ୍ର



ନୂଆଦିଲ୍ଲୀ: ଦୁଇ ନିର୍ବାଚନ କମିସନରଙ୍କ ତୀବ୍ର ଆପତ୍ତି ପରେ ଶେଷରେ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଅନଲାଇନ୍ ଭୋଟର ପଞ୍ଜୀକରଣ ଫର୍ମ-୬ରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମ୍ପର୍କିତ ଘୋଷଣାପତ୍ରକୁ ସମ୍ପୂର୍ଣ୍ଣ ଅଲଗା କରିଛନ୍ତି। ଏଣିକି ଏହି ଦୁଇଟି ଦସ୍ତାବିଜ୍ ଅଲଗା ଅଲଗା ଦାଖଲ କରିବାକୁ ପଡ଼ିବ। ଏଥିପାଇଁ ପୃଥକ୍ ଓଟିପି ଓ ଇ-ସ୍ୱାକ୍ଷର ଆବଶ୍ୟକ ହେବ। ଯେଉଁ ରାଜ୍ୟଗୁଡ଼ିକରେ ଏସ୍ଆଇଆର୍ ଜାରି ରହିଛି, ସେଠାରେ ଏହି ନିୟମ ଲାଗୁ ହେବ।

ଫର୍ମ-୬ ହେଉଛି ନୂଆ ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଉଦ୍ଦିଷ୍ଟ ବୈଧାନିକ ଆବେଦନପତ୍ର। ଏହା ସହିତ ଏସ୍ଆଇଆର୍ ସମ୍ପର୍କିତ ଏକ ଘୋଷଣାପତ୍ର ମଧ୍ୟ ଯୋଡ଼ାଯାଇଥିଲା। ଏଥିରେ ଆବେଦନକାରୀଙ୍କ ନାମ କିମ୍ବା ତାଙ୍କ ପିତାମାତା ଅଥବା ଜେଜେବାପା, ଜେଜେମାଙ୍କ ନାମ ୨୦୦୦ ମସିହାର ପୂର୍ବବର୍ତ୍ତୀ ସଘନ ସଂଶୋଧନ ସମୟର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ ପଡୁଥିଲା।

ପୂର୍ବରୁ ଅନଲାଇନରେ ଏହି ଦୁଇଟି ଦସ୍ତାବିଜ୍ ଗୋଟିଏ ପ୍ରକ୍ରିୟାରେ ଦାଖଲ ହେଉଥିଲା। ଗୋଟିଏ ଓଟିପି ଓ ଇ-ସ୍ୱାକ୍ଷର ମାଧ୍ୟମରେ ଉଭୟ କାମ ହୋଇଯାଉଥିଲା। କିନ୍ତୁ ଏହାଦ୍ୱାରା ଫର୍ମ-୬ରେ ଆଇନଗତ ପରିବର୍ତ୍ତନ କରାଯାଇଥିବା ଭଳି ଧାରଣା ସୃଷ୍ଟି ହେଉଥିବାରୁ ବିବାଦ ଦେଖାଦେଇଥିଲା। ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏହି ପରିବର୍ତ୍ତନକୁ ଅନଧିକୃତ ଓ ବେଆଇନ ବୋଲି ଦର୍ଶାଇଥିଲେ। ନିୟମ ଅନୁଯାୟୀ, ଫର୍ମ-୬ରେ ପରିବର୍ତ୍ତନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ରହିଛି ବୋଲି ସେମାନେ ଯୁକ୍ତି ଦେଇଥିଲେ।ଏହି ପ୍ରସଙ୍ଗରେ ନିର୍ବାଚନ କମିସନ ଗତ ଅକ୍ଟୋବର ୨୬ ତାରିଖରେ ସୁପ୍ରିମ୍କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ସ୍ପଷ୍ଟ କରିଥିଲେ ଯେ ଫର୍ମ-୬ରେ କୌଣସି ସଂଶୋଧନ କରାଯାଇନାହିଁ। ତେବେ ଅନଲାଇନରେ ଉଭୟ ଦସ୍ତାବିଜ୍କୁ ଗୋଟିଏ ପୃଷ୍ଠାରେ ରଖିବା ଫଳରେ ଫର୍ମରେ ପରିବର୍ତ୍ତନ ହୋଇଥିବା ଭଳି ଧାରଣା ସୃଷ୍ଟି ହେଉଥିବା କମିସନ ସ୍ୱୀକାର କରିଥିଲେ। ଏହାପରେ ଅକ୍ଟୋବର ୨୧ ତାରିଖରେ ନିର୍ବାଚନ କମିସନ ଉଭୟ ଦସ୍ତାବିଜକୁ ଅଲଗା କରିବାକୁ ନିଷ୍ପତ୍ତି ନେଇଥିଲେ। କାଗଜପତ୍ରରେ ଯେପରି ଦୁଇଟି ଅଲଗା ଫର୍ମ ଦାଖଲ କରାଯାଉଛି, ଅନଲାଇନରେ ମଧ୍ୟ ସେହି ବ୍ୟବସ୍ଥା ଲାଗୁ କରାଯାଇଛି। ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଓ ଏସ୍ଆଇଆର୍ ସମ୍ପର୍କିତ ନିଷ୍ପତ୍ତିକୁ ନେଇ ଗତ ୧୦ ମାସ ମଧ୍ୟରେ ଦୁଇ କମିସନର ଅନ୍ତତଃ ୧୪ ଥର ଆପତ୍ତି ଉଠାଇଥିବା ନେଇ ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ଫର୍ମ-୬ରୁ ଘୋଷଣାପତ୍ରକୁ ଅଲଗା କରିବା ନିଷ୍ପତ୍ତିକୁ ସେହି ଆପତ୍ତିଗୁଡ଼ିକର ପରିଣାମ ସ୍ୱରୂପ ଏକ ପ୍ରମୁଖ ପଦକ୍ଷେପ ବୋଲି ମନେ କରାଯାଉଛି।

ପିଓକେରେ ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳା

ପାକ୍ ସେନା ପ୍ରୟୋଗ କରୁଛି ଯୁଦ୍ଧାସ୍ତ୍ର



ପାକିସ୍ତାନ: ପାକିସ୍ତାନ ଅଧିକୃତ କାଶ୍ମୀରରେ ଗତ ୫ ମାସ ଧରି ଚାଲିଥିବା ବିକ୍ଷୋଭକୁ ଦମନ କରିବା ପାଇଁ ପାକିସ୍ତାନୀ ସେନା ସାଧାରଣ ଲୋକଙ୍କ ଉପରେ ଯୁଦ୍ଧରେ ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ର ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି। ପିଓକେର ରାୱଲାକୋଟରେ ଆନ୍ଦୋଳନକାରୀଙ୍କ ଉପରେ ଏଭଳି ଅସ୍ତ୍ର ବ୍ୟବହାର କରାଯାଇଥିବାର ପ୍ରମାଣ ମିଳିଛି। ଏହି ଆନ୍ଦୋଳନର ପ୍ରମୁଖ ଆୟୋଜକ ସର୍ଦ୍ଦାର ଉମର ନଜିର ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନୀ ରେଞ୍ଜର୍ସ ଓ ଏଫ୍ସି ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ଆନ୍ଦୋଳନକାରୀ ଏବଂ ସାଧାରଣ ନାଗରିକଙ୍କ ଘର ଉପରେ ବୋମା ପକାଯାଇଛି। ଏହାର ପ୍ରମାଣ ସ୍ୱରୂପ ବୋମାର କିଛି ଅଂଶକୁ ସେ ଉମର ଫାରୁକ୍ ଛକରେ ସର୍ବସାଧାରଣଙ୍କ ସମ୍ମୁଖରେ ଦେଖାଇଛନ୍ତି। ଏହି ଘଟଣାକୁ ବିଶ୍ୱର ମାନବାଧିକାର ସଂଗଠନଗୁଡ଼ିକ ଗୁରୁତ୍ୱର ସହ ନେବାକୁ ସେ ଅପିଲ୍ କରିଛନ୍ତି।ରାୱଲାକୋଟ ବସ୍ ଟର୍ମିନାଲରେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ରେଞ୍ଜର୍ସ ଓ ଏଫ୍ସି ସକାଳ ୮ଟାରୁ ଗୁଳିଚାଳନା ଓ ବୋମାମାଡ଼ ଆରମ୍ଭ କରିଥିଲେ। ସେଠାରୁ ଆନ୍ଦୋଳନକାରୀମାନେ ପାକିସ୍ତାନୀ ସେନା ବ୍ୟବହାର କରୁଥିବା ଆର୍ପିଜି-୭ ରକେଟ୍ର ଟେଲ୍ ଫିନ୍ ମଧ୍ୟ ଉଦ୍ଧାର କରି ଦେଖାଇଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ପାକିସ୍ତାନୀ ସେନା କେବଳ ନିରସ୍ତ୍ର ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଉନାହିଁ, ବରଂ ଡ୍ରୋନ୍ରୁ ବୋମା ପକାଇବା ସହ ଆର୍ପିଜି-୭ ରକେଟ୍ ମାଧ୍ୟମରେ ମଧ୍ୟ ଆକ୍ରମଣ କରୁଛି।ରାୱଲାକୋଟରେ ପାକିସ୍ତାନୀ ରେଞ୍ଜର୍ସ ଓ ଏଫ୍ସିର ଗୁଳିଚାଳନା, ଡ୍ରୋନ୍ ବୋମାମାଡ଼ ଏବଂ ଆର୍ପିଜି ରକେଟ୍ ଆକ୍ରମଣରେ ଏପର୍ଯ୍ୟନ୍ତ ୭ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇସାରିଛି। ଏଥିସହ ୨୩ ଜଣ ଆନ୍ଦୋଳନକାରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ରାଲିକୁ ନ ଆସିବାରୁ ୨୦୦ ଯୁବ କଂଗ୍ରେସ କର୍ମକର୍ତ୍ତା ନିଲମ୍ବିତ

ନୂଆଦିଲ୍ଲୀ : ନଭେମ୍ବର ପହିଲାରେ ହୋଇଥିବା ଇଣ୍ଡିଆ ବ୍ଲକର ରାମଲୀଳା ମଇଦାନ ରାଲିରେ ସାମିଲ ହୋଇନଥିବା ପ୍ରାୟ ୨ ଶହରୁ ଅଧିକ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଦଳ ନିଲମ୍ବନ କରିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି । ନଭେମ୍ବର ପହିଲାରେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗ ଅଣାଯାଇ ଏହି ବିଶାଳ ରାଲି କରାଯାଇଥିଲା । ତେବେ ନିଲମ୍ବିତ ହୋଇଥିବା ମଧ୍ୟପ୍ରଦେଶର ଯୁବ କଂଗ୍ରେସ ନେତା ଦର୍ଶାଇଛନ୍ତି ଯେ ତାଙ୍କ ଦାଦାଙ୍କ ଦଶାହ ଥିବାରୁ ସେ ଯୋଗ ଦେଇପାରିନଥିଲେ । ଏ ସମ୍ପର୍କରେ ସେ ଦଳୀୟ ନେତୃତ୍ୱଙ୍କୁ ଆଗୁଆ ଜଣାଇଥିଲେ। ମାତ୍ର ତାଙ୍କ ପକ୍ଷ ରଖିବାକୁ ସୁଯୋଗ ନଦିଆଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ଅପରପକ୍ଷରେ ଏଆଇଏସଏ ମୁଖ୍ୟ ନେହା ବୋରାଙ୍କୁ ଦଳୀୟ ପ୍ଲାଟଫର୍ମରେ ଅଧିକ ଗୁରୁତ୍ୱ ଦେବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । କଂଗ୍ରେସର ଏହି ପଦକ୍ଷେପକୁ ବିଜେପି କଟାକ୍ଷ କରିଛି । ବରଂ କହିଛି ଯେ ରାହୁଲଙ୍କ କାର୍ଯ୍ୟକ୍ରମକୁ ନିଜ ଦଳର ନେତାମାନେ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ବିଭିନ୍ନ ରାଜ୍ୟର ୨ ଶହରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କୁ ନିଲମ୍ବିତ କରାଯାଇଛି । ମଧ୍ୟପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରୋହିତ ରାଜୋରିଆ କହିଛନ୍ତି ଯେ ତାଙ୍କ ଦାଦାଙ୍କ ଦଶାହ କାର୍ଯ୍ୟ ପାଇଁ ସେ ଅନୁପସ୍ଥିତ ଥିଲେ । ଅଧିକାଂଶ ନିଲମ୍ବିତ ନେତା ରାଲିରେ ସାମିଲ ନହେବାର କାରଣ ବିବାହ ଓ ଅସୁସ୍ଥତା ଦେଖାଇଛନ୍ତି । କଂଗ୍ରେସର ଏହି ପଦକ୍ଷେପକୁ ବିଜେପିର ଜାତୀୟ ମୁଖପାତ୍ର ସିଆର କେଶଭାନ ଉଲ୍ଲେଖ କରି ରାହୁଲ ଗାନ୍ଧିଙ୍କୁ କଟାକ୍ଷ କରିଛନ୍ତି । ମଧ୍ୟପ୍ରଦେଶରୁ ୬୦ ଜଣଙ୍କୁ ନିଲମ୍ବିତ କରାଯାଇଛି । ଗୁଜରାଟରୁ ୪୯, ଝାଡଖଣ୍ଡରୁ ୩୨, ପଶ୍ଚିମବଙ୍ଗରୁ ୨୬, ତେଲେଙ୍ଗାନାରୁ ୧୪, ହିମାଞ୍ଚଳରୁ ୧୩, ଉତ୍ତରପ୍ରଦେଶରୁ ୧୧ ଓ ହରିୟାଣାରୁ ୧୦ ଜଣଙ୍କୁ ନିଲମ୍ବିତ କରାଯାଇଛି । ମଧ୍ୟପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟ ସୂଚନା ଦିଆଯାଇଛି । ଏହା ଶୃଙ୍ଖଳାଗତ କର୍ଯ୍ୟାନୁଷ୍ଠାନ ବୋଲି କୁହାଯାଇଛି । ମଧ୍ୟପ୍ରଦେଶରୁ ୫ ଜିଲ୍ଲା ସଭାପତି, ୫ଉପସଭାପତ, ୧୪ ସାଧାରଣ ସମ୍ପାଦକ, ୩୨ ସମ୍ପାଦକ ଏହି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି । ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିଫ କହିଛନ୍ତି ଯେ ଦଳରେ ଦାୟିତ୍ୱବାନ ଓ ନିଷ୍ଠାପର କର୍ମୀଙ୍କୁ ସୁଯୋଗ ଦେବା ପାଇଁ ଏହି କଠୋର ପଦକ୍ଷେପ ନିଆଯାଇଛି । ସମାବେଶ ପୂର୍ବରୁ ସମସ୍ତ ପଦାଧିକାରୀଙ୍କ ଉପସ୍ଥିତି ବାଧ୍ୟତାମୂଳକ କରାଯାଇଥିଲା । ଏପରିକି ଉଇଥ୍ ଆଇଓାଇସି ଆପ୍ ମାଧ୍ୟମରେ ବାର କୋଡରେ ସ୍କାନ କରି ହାଜିରା ପକାଇବାକୁ ନିର୍ଦ୍ଦେଶ ଥିଲା । ତେବେ ଇଣ୍ଟରନେଟ୍ ସମସ୍ୟା ଯୋଗ୍ୟ ଅନେକ କର୍ମୀ ହାଜିରା ଦେଇପାରିନଥିଲେ । ଅନେକ ନେତା ବିନା ସୂଚନାରେ ଅନୁପସ୍ଥିତ ଥିଲେ ।

ସିଜେପି ଉପରେ କେନ୍ଦ୍ରର ସଙ୍ଗୀନ ଅଭିଯୋଗ

ଆମେରିକା ଓ ପାକିସ୍ତାନରୁ ଆସୁଛି ଅର୍ଥ !



ନୂଆଦିଲ୍ଲୀ : ଦେଶରେ ଅଶାନ୍ତି ସୃଷ୍ଟି କରିବା ପାଇଁ କକ୍ରୋଚ୍ ଜନତା ପାର୍ଟି (ସିଜେପି)କୁ ବିଦେଶୀ ସଂଗଠନ ଓ ପାକିସ୍ତାନରୁ ଅର୍ଥ ଯୋଗାଇ ଦିଆଯାଉଥିବା କେନ୍ଦ୍ର ସରକାର ଅଭିଯୋଗ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ଅଭିଯୋଗ ଆଣିବା ସହ ସଂଗଠନର ପ୍ରତିଷ୍ଠାତା ଅଭିଜିତ ଦୀପକେ ଓ ସହପ୍ରତିଷ୍ଠାତା ଆଶୁତୋଷ ରାଜ୍ଙ୍କ ନାମ ନେଇଛନ୍ତି । ତେବେ ସିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛି। ଅନ୍ୟପକ୍ଷରେ ଅଭିଯୋଗର ପ୍ରମାଣ ଦେବାକୁ କଂଗ୍ରେସ ନେତା ଦାବି କରିଛନ୍ତି ।ବେଙ୍ଗାଲୁରୁରେ ସାମ୍ବାଦିକମାନଙ୍କୁ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସିଜେପିକୁ ଦେଶ ଭିତରେ ଓ ବାହାରେ ଥିବା ଅନଧିକୃତ ଉତ୍ସ, ଭାରତ ବିରୋଧୀ ଅନୁଷ୍ଠାନ ଏବଂ ବିଦେଶୀ ଅର୍ଥରେ ପରିଚାଳିତ ବେସରକାରୀ ସଂଗଠନଗୁଡ଼ିକରୁ ପାଣ୍ଠି ମିଳୁଛି । ଏହାର ଯଥେଷ୍ଟ ପ୍ରମାଣ ଥିବା ସେ ଦାବି କରିଛନ୍ତି । ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆମେରିକାର କିଛି ଦାତାଙ୍କଠାରୁ ଅର୍ଥ ପାଉଥିବା ବେଳେ ଆଶୁତୋଷ ରାଜ୍ଙ୍କୁ ପାକିସ୍ତାନୀ ରାଜନେତାମାନେ ଅର୍ଥ ଦେଉଥିବା ସେ ଅଭିଯୋଗ କରିଛନ୍ତି ।ବିଦେଶୀ ଅର୍ଥରେ ପରିଚାଳିତ ଏନ୍ଜିଓ, ଗୁପ୍ତ ବାହ୍ୟ ଶକ୍ତି ଓ ଭାରତ ବିରୋଧୀ ସଂଗଠନଗୁଡ଼ିକ ମିଳିତ ଭାବେ ଦେଶରେ ଏକ ଭୁଲ୍ ଧାରଣା ସୃଷ୍ଟି କରୁଛନ୍ତି ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି । ଗତ ଏକ ମାସ ଧରି ସିଜେପିର କାର୍ଯ୍ୟକଳାପ ଦେଶରେ ବିଦ୍ରୋହ ଓ ଅରାଜକତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚାଲିଥିବା ସେ ଅଭିଯୋଗ କରିଛନ୍ତି । ତେବେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗକୁ ସିଜେପି ଖଣ୍ଡନ କରିଛି । ଗୁରୁବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ବିବୃତି ଜାରି କରି ସଂଗଠନ କହିଛି ଯେ ଜଣେ କେନ୍ଦ୍ରମନ୍ତ୍ରୀ ଯେକୌଣସି କଥା କହିଦେଇ ଦାୟିତ୍ୱରୁ ଖସିଯାଇପାରୁଛନ୍ତି । ଉଚ୍ଚ ପଦପଦବିରେ ଥିବା ବ୍ୟକ୍ତିଙ୍କ କଥାର ମୂଲ୍ୟ କ୍ରମଶଃ ହ୍ରାସ ପାଉଥିବା ଏହାର ପ୍ରମାଣ ବୋଲି ସଂଗଠନ କହିଛି ।ବିଜେପି ମୁଖପାତ୍ର ତୁହିନ ଏ ସିହ୍ନା ଆଜି ଗଣମାଧ୍ୟମକୁ କହିଛନ୍ତି ଯେ ପାର୍ବଣ ଋତୁରେ ଜାତୀୟ ରାଜଧାନୀରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ବିକ୍ଷୋଭ କରାଯାଇଛି ।

ଆମେରିକାରେ ଭୟଙ୍କର ଗୁଳିକାଣ୍ଡ, ଜଣେ ଡେପୁଟି ମୃତ

ୱାଶିଂଟନ୍: ଆମେରିକାର ୱାସିଂଟନରେ ଏକ ଘରେ ଭୟଙ୍କର ଗୁଳିକାଣ୍ଡ ଘଟିଛି । ଏଥିରେ ଜଣେ ଶେରିଫ୍ ଡେପୁଟିଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଅନ୍ୟ ଜଣେ ଡେପୁଟିଙ୍କ ବଞ୍ଚିବା ଆଶା କ୍ଷୀଣ ହୋଇପଡ଼ିଛି । ଏହି ଗୁଳିକାଣ୍ଡରେ ସନ୍ଦିଗ୍ଧ ଅଭିଯୁକ୍ତଙ୍କ ସମେତ ଘର ଭିତରେ ଥିବା ଅନ୍ୟ ଦୁଇ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଅଧିକାରୀ ସୂତ୍ରରୁ ଜଣାପଡ଼ିଛି ।ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ସ୍ପୋକେନ୍ ସହରର ଦକ୍ଷିଣରେ ଥିବା ଏକ ଛୋଟ କୃଷି ଅଞ୍ଚଳ ସ୍ୱାଙ୍ଗଲୁ ପୁଲିସକୁ ଜଣେ ମହିଳା ଫୋନ୍ କରିଥିଲେ । ତାଙ୍କ ଭାଇ ତାଙ୍କୁ ଗୁଳି ମାରିଥିବା ସେ ଜଣାଇଥିଲେ । ଖବର ପାଇ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜାଣିବାକୁ ପାଇଥିଲେ ଯେ, ସନ୍ଦିଗ୍ଧ ଅଭିଯୁକ୍ତଙ୍କ ବିରୋଧରେ ଏକ ଗୁରୁତର ଅପରାଧ ସମ୍ପର୍କିତ ଗିରଫ ପରୱାନା ଜାରି ହୋଇଥିଲା । ଏହାସହ ଘର ଭିତରେ ଅନ୍ୟ କେତେକ ଲୋକ ମଧ୍ୟ ପୀଡ଼ିତ ହୋଇଥିବା ଆଶଙ୍କା କରାଯାଇଥିଲା । ଏହାପରେ ସ୍ୱାଟ୍ ଟିମ୍ର ସଦସ୍ୟ ଓ ଅନ୍ୟ ପୁଲିସ ଅଧିକାରୀମାନେ ଘରର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ ।ଏହି ସମୟରେ ହଠାତ୍ ଘର ଭିତରୁ ଗୁଳିମାଡ଼ ଆରମ୍ଭ ହୋଇଥିଲା । ଏଥିରେ ଦୁଇ ଜଣ ପୁଲିସ ଡେପୁଟି ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ।

ଏଲ୍ଆଇସିର ନିଟ୍ ଲାଭ ୨୧.୫୨% ବୃଦ୍ଧି

ମୁମ୍ବାଇ: ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକରେ ଉଲ୍ଲେଖନୀୟ ଆର୍ଥିକ ଅଭିବୃଦ୍ଧି ହାସଲ କରିଛି । ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ଛଅ ମାସରେ କମ୍ପାନୀର ନିଟ୍ ଲାଭ ୨୧.୫୨% ବୃଦ୍ଧି ପାଇ ୨୫,୫୭୮ କୋଟି ଟଙ୍କାରେ ପହଞ୍ଚିଛି । ଏହି ସମୟରେ ମୋଟ ପ୍ରିମିୟମ୍ ଆୟ ୧୧.୭୪% ବୃଦ୍ଧି ସହ ୨.୭୪ ଲକ୍ଷ କୋଟି ଟଙ୍କା ହୋଇଛି। ନୂତନ ବ୍ୟବସାୟର ମୂଲ୍ୟ (ଭିଏନ୍ବି) ୩୩.୯୫% ବୃଦ୍ଧି ପାଇ ୬,୮୪୬ କୋଟି ଟଙ୍କା ହୋଇଥିବାବେଳେ ଭିଏନ୍ବି ମାର୍ଜିନ୍ ୪୭୦ ବେସିସ୍ ପଏଣ୍ଟ ବୃଦ୍ଧି ସହ ୨୨.୩୧%ରେ ପହଞ୍ଚିଛି ।

ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟ ଏୟାରଫୋର୍ସ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ନିଜ ଅଧୀନକୁ ନେଲା କେନ୍ଦ୍ର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟରେ ଥିବା ଏକ ପ୍ରମୁଖ ସରକାରୀ ଜମିକୁ ପୁନଃ ନିଜ ଅଧୀନକୁ ନେଇଛି କେନ୍ଦ୍ର ସରକାର। ଭାରତୀୟ ବାୟୁସେନା (ଆଇଏଏଫ୍) ନୂଆଦିଲ୍ଲୀର ରେସ୍ କୋର୍ସ ଏୟାରଫୋର୍ସ ଷ୍ଟେସନ୍ରେ ଥିବା ନିଜର ସ୍ପୋର୍ଟସ୍ କମ୍ପ୍ଲେକ୍ସ ସମ୍ପର୍କିତ ୩୯.୫ ଏକର ଜମିକୁ ଆନୁଷ୍ଠାନିକ ଭାବେ ଲ୍ୟାଣ୍ଡ ଆଣ୍ଡ ଡେଭଲପମେଣ୍ଟ ଅଫିସ୍ (ଏଲ୍ଆଣ୍ଡଡିଓ)କୁ ହସ୍ତାନ୍ତର କରିଛି। ଏହି ଜମି ପ୍ରଧାନମନ୍ତ୍ରୀଙ୍କ ୭, ଲୋକ କଲ୍ୟାଣ ମାର୍ଗସ୍ଥିତ ସରକାରୀ ବାସଭବନ ନିକଟରେ ଅବସ୍ଥିତ। 'ଯେଉଁଠି ଯେପରି ଅଛି' ଆଧାରରେ ଏହି ଜମି ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଲୋକ କଲ୍ୟାଣ ମାର୍ଗ ଅଞ୍ଚଳରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ପୁନଃ ନିଜ ଅଧୀନକୁ ନେବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ବ୍ୟାପକ ଅଭିଯାନର ଏହା ଏକ ଅଂଶ। ଜମିର ପ୍ରକୃତ ପରିମାଣ ନିର୍ଦ୍ଧାରଣ ଏବଂ ମାପରେ କୌଣସି ଅସଙ୍ଗତି ରହିଛି କି ନାହିଁ, ତାହା ଯାଞ୍ଚ ପାଇଁ ପ୍ରତିରକ୍ଷା ଇଷ୍ଟେଟ୍ ଅଫିସ୍, ବାୟୁସେନା ଓ ଏଲ୍ଆଣ୍ଡଡିଓ ପକ୍ଷରୁ ମିଳିତ ସର୍ଭେ କରାଯିବ। ଏହି ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଗଲ୍ଫ କୋର୍ସ, ସୁଇମିଂ ପୁଲ୍, ବ୍ୟାଡମିଣ୍ଟନ କୋର୍ଟ ସମେତ ଅନ୍ୟାନ୍ୟ କ୍ରୀଡ଼ା ସୁବିଧା ରହିଥିଲା। ଆନୁଷ୍ଠାନିକ ହସ୍ତାନ୍ତରର କିଛି ଦିନ ପୂର୍ବରୁ ଗତ ବୁଧବାର ଏହି କମ୍ପ୍ଲେକ୍ସକୁ ବନ୍ଦ କରାଯାଇଥିଲା। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏଲ୍ଆଣ୍ଡଡିଓ ପକ୍ଷରୁ କମ୍ପ୍ଲେକ୍ସ ପରିଚାଳନା କରୁଥିବା ସଂସ୍ଥାକୁ ଜମି ଖାଲି କରି ଫେରାଇବା ପାଇଁ ଉଚ୍ଛେଦ ନୋଟିସ୍ ଜାରି କରାଯାଇଥିଲା। କମ୍ପ୍ଲେକ୍ସ ବନ୍ଦ ହେବା ଯୋଗୁଁ ପୂର୍ବତନ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ୍ ଏପି ସିଂହ ଅକ୍ଟୋବର ୩୧ରେ ଅବସର ଗ୍ରହଣ ପୂର୍ବରୁ ଏଠାରେ ପାରମ୍ପରିକ 'ଗଲ୍ଫିଂ-ଆଉଟ୍' ସମାରୋହ ଆୟୋଜନ କରିପାରି ନଥିଲେ। ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଖପାଖରେ ଥିବା ପ୍ରମୁଖ ଜମିଗୁଡ଼ିକର ସମୀକ୍ଷା ଓ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି।

କାଦମ୍ବରୀ ସମ୍ମାନ ସମାରୋହ: ଡା.ଅନୀତା ପଣ୍ଡା ସମ୍ମାନିତ



ଜବଲପୁର: ସୃଜନାତ୍ମକ ଚେତନାକୁ ସମର୍ପିତ କ୍ରିୟାଶୀଳ ସଂସ୍ଥା କାଦମ୍ବରୀର ରୌପ୍ୟ ଜୟନ୍ତୀ ପାଳନ ଅବସର ରେ ଅଖିଳ ଭାରତୀୟ ସାହିତ୍ୟକାର ଏବଂ ପତ୍ର କାର ସମ୍ମାନ ସମାରୋହ ଅକ୍ଟୋବର ୩୧ତାରିଖ ଜବଲପୁର ସ୍ଥିତ ଶହୀଦ ସ୍ମାରକ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି.ଉକ୍ତ ସଂସ୍ଥାର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବତ ଦୁବେ ଏବଂ ମହାସଚିବ ରାଜେଶ ପାଠକ (ପ୍ରବୀଣ) ଡା.ପଣ୍ଡାଙ୍କର ସାହିତ୍ୟ କ୍ଷେତ୍ରରେ ସକ୍ରିୟ ପ୍ରୟାସ ଉଲ୍ଲେଖନୀୟ. ରାଷ୍ଟ୍ରୀୟ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ରେ ନୂଆ ଦିଲ୍ଲୀ ସ୍ଥିତ ଏମ୍ସ ସଂସ୍ଥାର ବିଶ୍ୱପ୍ରସିଦ୍ଧ ପ୍ରାକ୍ତନ ନେତ୍ର ଚିକିତ୍ସିକା ଡା. ଅନୀତା ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅସୀମ କୃତିପାଇଁ ସ୍ୱର୍ଗତ ଜାଗେଶ୍ୱର ତିୱାରୀଙ୍କ ସମୃତିରେ ସମ୍ମାନିତ କରାଯାଇ ଥିଲା । ଏହି ସମାରୋହରେ ଶ୍ରୀ ପ୍ରବୀଣ ଡା. ପଣ୍ଡାଙ୍କର କୃତି ବର୍ଣ୍ଣନା କରିବାକୁ ଯାଇ କହିଥିଲେ ବୃତ୍ତି ରେ ବିଶ୍ୱପ୍ରସିଦ୍ଧ ହୋଇ ମଧ୍ୟ ଦୀର୍ଘ ସମୟ ଧରି ଡା. ପଣ୍ଡା ସାହିତ୍ୟ ଲେଖନ କ୍ଷେତ୍ରରେ ସକ୍ରିୟ ରହି ଏ ଯାବତ୍ ହିନ୍ଦୀ, ଇଂରାଜୀ ଏବଂ ଓଡିଆ ତିନିଟି ଭାଷାରେ ତାଙ୍କର ୬୭ଗୋଟି ପୁସ୍ତକ ପ୍ରକାଶିତ ହୋଇ ସାରିଛି। ଡା.ଅନୀତା ପଣ୍ଡା ସାହିତ୍ୟିକ ଅନୁଷ୍ଠାନ କାଦମ୍ବରୀର ପଦାଧିକାରୀମାନଙ୍କୁ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ କହିଥିଲେ ଯେ କୌଣସି ଲେଖକ ପାଇଁ ତା'ର ସୃଜନାତ୍ମକତା ଏବଂ ସାହିତ୍ୟିକ କୀର୍ତ୍ତିର ସ୍ୱୀକୃତି ମିଳିବା ଅତ୍ୟନ୍ତ ଗୌରବର ବିଷୟ।

କମୁଛି ଜନ୍ମହାର, ବଢୁଛି ବୟସ୍କଙ୍କ ସଂଖ୍ୟା

ଭବିଷ୍ୟତ ପାଇଁ ସତର୍କ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଭାରତରେ ପ୍ରଜନନ ହାର (ଟୋଟାଲ୍ ଫର୍ଟିଲିଟି ରେଟ୍) କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଭବିଷ୍ୟତରେ ଦେଶର ଜନସଂଖ୍ୟାଗତ ସ୍ଥିତିରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି । ଶିଶୁଙ୍କ ସଂଖ୍ୟା କମିବା ସହ ବୟସ୍କଙ୍କ ଅନୁପାତ ବଢ଼ିବା ଫଳରେ ଦେଶର କାର୍ଯ୍ୟକ୍ଷମ ଜନସଂଖ୍ୟା ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ । ଏଭଳି ପରିବର୍ତ୍ତିତ ଜନସଂଖ୍ୟାଗତ ସ୍ଥିତିକୁ ନେଇ ସୁପ୍ରିମ୍କୋର୍ଟ ଉଦ୍ବେଗ ପ୍ରକାଶ କରିଛନ୍ତି । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପ୍ରସ୍ତୁତ ପୁରୁଣା ନୀତି ଓ ଆଇନର ପୁନର୍ବିଚାର କରିବାର ସମୟ ଆସିଛି ବୋଲି କୋର୍ଟ ମତ ଦେଇଛନ୍ତି ।ଗତକାଲି ଏକ ମାମଲାର ଶୁଣାଣି ସମୟରେ ଜଷ୍ଟିସ୍ ପି.ଏସ୍. ନରସିଂହ ଓ ଜଷ୍ଟିସ୍ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ମତ ଦେଇଛନ୍ତି । ୨୦୦୩ରେ ଦେଶର ମୋଟ ପ୍ରଜନନ ହାର ୩.୦୨ ଥିବାବେଳେ ୨୦୨୪ରେ ଏହା ହ୍ରାସ ପାଇ ୧.୯ରେ ପହଞ୍ଚିଛି । ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକ ପ୍ରଜନନ ହାର ୨.୧ ରହିଥିବାବେଳେ ଭାରତ ଏହାଠାରୁ ତଳକୁ ଖସିଯାଇଛି । ମହାରାଷ୍ଟ୍ରର ମଙ୍ଗଳା ଭୀମରାଓ ଇଙ୍ଗଲେଙ୍କ ସରପଞ୍ଚ ନିର୍ବାଚନକୁ ରଦ୍ଦ କରାଯିବା ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଏହି ପ୍ରସଙ୍ଗ ଉଠିଥିଲା । ଦୁଇ ସନ୍ତାନରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରୁଥିବା ଆଇନର ପ୍ରାସଙ୍ଗିକତା ଏବେ ଶେଷ ହୋଇଛି ବୋଲି ଖଣ୍ଡପୀଠ କହିଛନ୍ତି । ଏଥିସହ ୨୦୦୩ର ଜାଭେଦ୍ ବନାମ ହରିୟାଣା ମାମଲା ସମ୍ପର୍କିତ ରାୟର ପୁନର୍ବିଚାର ପାଇଁ ଏହାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି ।ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଆକଳନ ଅନୁଯାୟୀ, ଭାରତରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୨୦୧୧ରେ ପ୍ରାୟ ୧୦ କୋଟି ଥିବାବେଳେ ୨୦୩୬ ସୁଦ୍ଧା ଏହା ୨୩ କୋଟିରେ ପହଞ୍ଚିବ । ମୋଟ ଜନସଂଖ୍ୟାରେ ବୟସ୍କଙ୍କ ଅନୁପାତ ଏହି ସମୟ ମଧ୍ୟରେ ୮.୪ ପ୍ରତିଶତରୁ ବୃଦ୍ଧି ପାଇ ୧୪.୯ ପ୍ରତିଶତ ହେବ । ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ବୟସର ଶିଶୁଙ୍କ ଅନୁପାତ ୨୦୧୧ରେ ୩୦.୯ ପ୍ରତିଶତ ଥିବାବେଳେ ୨୦୩୬ ସୁଦ୍ଧା ଏହା ୨୦.୧ ପ୍ରତିଶତକୁ ଖସିବା ଆକଳନ କରାଯାଇଛି ।

ଏସିଆନ ଚାମ୍ପିଅନ୍ସ ଟ୍ରଫି ଜିତିଲା ଭାରତ

ଜାପାନ ୪-୧ ଗୋଲରେ ପରାସ୍ତ

ମହାଲି, ୫।୧୧(ଏଜେନ୍ସି) : ଗୁରୁବାର ମୋହାଲିର ଅଲିମ୍ପିଆନ୍ ବଲବୀର ସିଂହ ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଫାଇନାଲରେ ଜାପାନକୁ ୪-୧ ଗୋଲରେ ପରାସ୍ତ କରି ଭାରତୀୟ ପୁରୁଷ ହକି ଦଳ ଏସୀୟ ଚାମ୍ପିଅନ୍ସ ଲିଗ୍ ଟାଇଟଲର ହ୍ୟାଟ୍ରିକ୍ କରିଥିଲା। ୨୦୨୩ ଏବଂ ୨୦୨୪ ରେ ଟାଇଟଲ ଜିତିବା ପରେ, ଭାରତ ପୁଣି ଥରେ ନିଜର ପ୍ରାଧାନ୍ୟ ପ୍ରଦର୍ଶନ କରିଥିଲା, ଜଳନ୍ଧର ଏବଂ ମୋହାଲି ଉଭୟରେ ସେମାନଙ୍କର ସମସ୍ତ ଖେଳ ଜିତିଥିଲା। ଭାରତ ପାଇଁ ଶିଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂହ, ଯୁଗରାଜ ସିଂହ ଏବଂ ବିବେକ ସାଗର ପ୍ରସାଦ ଗୋଲ ଦେଇଥିଲେ ଯେତେବେଳେ ଜାପାନ ପାଇଁ କାଜୁମାସା ମାତସୁମୋଟୋ ଗୋଟିଏ ଗୋଲ ଦେଇଥିଲେ।ସ୍କୋରଲାଇନ୍ ସନ୍ତ୍ୱେ, ଫାଇନାଲ୍ ପ୍ରଥମ କ୍ୱାର୍ଟରର ପ୍ରାରମ୍ଭରେ ପଛରେ ପଡ଼ିଯିବାରୁ ଘରୋଇ ଦଳ ପାଇଁ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଥିଲା। ମାସୁମୋଟୋ ବାମ ପାର୍ଶ୍ୱରେ କିଛି ସ୍ଥାନ ପାଇଲେ ଏବଂ ଏକ ଘଡ଼ଘଡ଼ି ରିଭର୍ସ ହିଟ୍ କରି ସୁରଜ କରକେରାଙ୍କୁ ପରାସ୍ତ କଲେ ଏବଂ ତୃତୀୟ ମିନିଟରେ ତାଙ୍କ ଦଳକୁ ଅଗ୍ରଣୀ କରାଇଲେ। ପଛରେ ପଡ଼ିବା ପରେ, ଭାରତ ଏହାକୁ ବଦଳାଇବାକୁ



ଚେଷ୍ଟା କଲା କିନ୍ତୁ ଜାପାନ ଦ୍ୱାରା କିଛି ଦୃଢ଼ ପ୍ରତିରକ୍ଷା ଯୋଗୁଁ ନିରାଶ ହେଲା। ସେମାନେ ସର୍କଲ ଭିତରେ ଗୁରୁତ୍ୱପୂର୍ଣ୍ଣ ଟ୍ୟାକଲ୍ ଜିତିଲେ ଏବଂ ନିଶ୍ଚିତ କଲେ ଯେ ସେମାନେ କୌଣସି ଭୁଲ ନକରନ୍ତି। ୪୨ତମ ମିନିଟରେ ଭାରତ ସେମାନଙ୍କର ସମାନତା ପାଇଲା। ହରମନପ୍ରୀତ ଏକ ପେନାଲ୍ଟି କର୍ଣ୍ଣର ପରିବର୍ତ୍ତନ ପାଇଁ ଯାଇଥିଲେ, ଯାହାକୁ ଗୋଲକିପର କିଶୋ କୁରୋଡା ସେଭ୍ କରିଥିଲେ କିନ୍ତୁ ଭାରତ ବଲ୍ ଉପରେ ନିୟନ୍ତ୍ରଣ ଫେରି ପାଇଲା ଏବଂ ଶେଷରେ ଆଦିତ୍ୟ ଲାଲାଗେଙ୍କ ଏକ ସୁନ୍ଦର ଫ୍ଲିକ୍ ପାସ୍ ପରେ ଶିଲାନନ୍ଦ ନିକଟରୁ ଗୋଲ ପରିବର୍ତ୍ତନ କଲେ। ଜାପାନ ଏଥିରେ ଖୁସି ନଥିଲା କାରଣ ସେମାନେ ଭାବିଥିଲେ ଯେ ଆଦିତ୍ୟଙ୍କ ପାସ୍ ବିପଦପୂର୍ଣ୍ଣ ହେବା ପାଇଁ ଯଥେଷ୍ଟ ଉଚ୍ଚ ଥିଲା। ଶେଷ କ୍ୱାର୍ଟରରେ, ଏହା ସମ୍ପୂର୍ଣ୍ଣ ଭାରତ ଥିଲା। ଦିଲପ୍ରୀତ ୪୮ତମ ମିନିଟରେ ଦ୍ୱିତୀୟ ଗୋଲ କରିଥିଲେ, ହାର୍ଦ୍ଦିକ ସିଂହ ବଲ୍ ନିୟନ୍ତ୍ରଣ କରିବା ଏବଂ ସଠିକ୍ ପାସ୍ ଦେବାର ସମସ୍ତ କଠିନ ପରିଶ୍ରମ କରିବା ପରେ ଏକ ସୁନ୍ଦର ଫିନିସ୍। ପାଞ୍ଚ ମିନିଟ୍ ପରେ, ଜୁଗରାଜ ତାଙ୍କର ପେନାଲ୍ଟି କର୍ଣ୍ଣର ସୁଯୋଗକୁ ଏକ ଶକ୍ତିଶାଳୀ ଡ୍ରାଗଫ୍ଲିକ୍ ଭାବରେ ପରିବର୍ତ୍ତିତ କରି ଦଳକୁ ୩-୧ କରିଥିଲେ। ଶେଷ ଗୋଲଟି ବିବେକ ୫୪ ତମ ମିନିଟରେ କରିଥିଲେ, ଯାହା ହାଫ୍ ଭଲିରେ ଆଉ ଏକ ଚମତ୍କାର ଶେଷ ଥିଲା।

ଅବସର ନେଲେ ରୋନାଲ୍ଡୋ



ଲିସବନ,୫।୧୧(ଏଜେନ୍ସି): ଫୁଟବଲ ଇତିହାସର ଅନ୍ୟତମ କିମ୍ବଦନ୍ତୀ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଗୁରୁବାର ଅନ୍ତର୍ଜାତୀୟ ଫୁଟବଲ ଅବସର ଘୋଷଣା କରିଛନ୍ତି। ପର୍ତ୍ତୁଗାଲର ଏହି ୪୧ ବର୍ଷୀୟ ଫୁଟବଲ ଲିଜେଣ୍ଡ ସୋଶାଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ତାଙ୍କ ଅବସର ଘୋଷଣା କରିଛନ୍ତି। ନଭେମ୍ବର ଅନ୍ତର୍ଜାତୀୟ ବ୍ରେକ୍ ପରେ ସେ ଜାତୀୟ ଦଳର ପ୍ରତିଷ୍ଠିତ ନମ୍ବର-୭ ଜର୍ସି ଫେରାଇ ଦେବେ ବୋଲି କହିଛନ୍ତି।

ରୋନାଲ୍ଡୋ ୨୩୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବେଳେ ୧୪୬ଟି ଗୋଲ୍ କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ସ୍କୋରର୍ ଏବଂ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ଭାବରେ ସେ ବିଦାୟ ନେଇଛନ୍ତି।

ଭିଡିଓ ବାର୍ତ୍ତାରେ ରୋନାଲ୍ଡୋ କହିଛନ୍ତି ଯେ ପର୍ତ୍ତୁଗାଲର ନମ୍ବର-୭ ଜର୍ସି କେବଳ ତାଙ୍କର ନଥିଲା, ବରଂ ଏହା ସମଗ୍ର ଦେଶର ଆଶା ଏବଂ ସ୍ୱପ୍ନର ପ୍ରତୀକ ଥିଲା। ସେ କହିଛନ୍ତି ଯେ ଗତ ୨୩ ବର୍ଷ ଧରି ଏହି ଜର୍ସି ପିନ୍ଧିବା, ଏହାର ସମ୍ମାନ ରକ୍ଷା କରିବା ଏବଂ ବିଶ୍ୱର ବିଭିନ୍ନ ଷ୍ଟାଡିୟମରେ ଏହାର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଉଭୟ ଗର୍ବ ଏବଂ ଦାୟିତ୍ୱ ଥିଲା।

ଗତ ଦୁଇ ଦଶନ୍ଧି ଧରି ପର୍ତ୍ତୁଗାଲ ଦଳର ମଙ୍ଗ ସମ୍ଭାଳି ଆସୁଥିଲେ ରୋନାଲ୍ଡୋ। ତାଙ୍କ ଅଧିନାୟକତ୍ୱରେ ପର୍ତ୍ତୁଗାଲଯୁରୋ ୨୦୧୬ ର ଐତିହାସିକ ଟାଇଟଲ୍ ଜିତିଥିଲା। ଏହା ବ୍ୟତୀତ ଦଳ ଦୁଇ ଥର ୟୁଇଏଫଏ ନେସନ୍ସ ଲିଗ୍ ଟ୍ରଫି ମଧ୍ୟ ନିଜ ନାମରେ କରିଥିଲା। ରୋନାଲ୍ଡୋ ଛଅଟି ଫିଫା ବିଶ୍ୱକପରେ ପର୍ତ୍ତୁଗାଲର ପ୍ରତିନିଧିତ୍ୱ କରିଛନ୍ତି। ହେଲେ କେବେ ଫିଫା ବିଶ୍ୱକପ୍ ଜିତି ପାରି ନାହିଁ ପର୍ତ୍ତୁଗାଲ। ଜଣେ ଫୁଟବଲର ଭାବେ ଅନ୍ୟ ସବୁ ସଫଳତା ପାଇଛନ୍ତି। କିନ୍ତୁ କେବେ ଫିଫା ବିଶ୍ୱକପ୍ ବିଜୟୀ ଦଳର ଅଂଶ ହୋଇପାରିଲେ ନାହିଁ। ଜଣେ ଫୁଟବଲ ଖେଳାଳି ଭାବେ ତାଙ୍କର ସେହି ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ।

ରୋନାଲ୍ଡୋ ଶେଷ ଫିଫା ବିଶ୍ୱକପ୍ ଅଭିଯାନ ଆଶା ଅନୁଯାୟୀ ରହିଲା ନାହିଁ। ପର୍ତ୍ତୁଗାଲକୁ ରାଣ୍ଡ ଅଫ୍ ୧୬ ରେ ସ୍ୱେନ୍ ବିରୁଦ୍ଧରେ ୧-୦ ଗୋଲ୍ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ଏବଂ ଦଳ ପ୍ରତିଯୋଗିତାରୁ ବାହାରି ଯାଇଥିଲା। ଅନ୍ତର୍ଜାତୀୟ ଫୁଟବଲ୍ରୁ ଅବସର ଘୋଷଣା କରିବା ପୂର୍ବରୁ ରୋନାଲ୍ଡୋ ବିବାଦରେ ରହିଥିଲେ। ସମ୍ପ୍ରତି ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଜର୍ଜ ଜେସୁସ୍ଙ୍କ ସହିତ ତାଙ୍କର ମତାନ୍ତର ସାମ୍ନାକୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ରୋନାଲ୍ଡୋ ଏକ ନେସନ୍ସ ଲିଗ୍ ମ୍ୟାଚରେ ଖେଳିବାକୁ ମନା କରିଦେଇଥିଲେ ଏବଂ ଦଳର ଶିବିର ଛାଡ଼ି ପଳାଇଥିଲେ। ଏହାପରେ ତାଙ୍କୁ ୩୦ ଦିନିଆ ନିଲମ୍ବନ କରାଯାଇଥିଲା, ଯାହାକୁ ସେ ଗ୍ରହଣ କରିପାରି ନଥିଲେ। ଏହା ତାଙ୍କ ଅବସର ଘୋଷଣାର ଏକ କାରଣ ହୋଇପାରେ ବୋଲି କୁହାଯାଉଛି। ନହେଲେ ସେ ବିଶ୍ୱକପ୍ ପରେ ପରେ ମଧ୍ୟ ଅବସର ଘୋଷଣା କରିପାରିଥା'ନ୍ତେ ବୋଲି କୁହାଯାଉଛି। ପ୍ରାୟ ଅଢ଼େଇ ଦଶନ୍ଧି ଧରି ବିଶ୍ୱର ବିଭିନ୍ନ ଫୁଟବଲ୍ ମଇଦାନରେ ରାଜ୍ କରିଥିବା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସନ୍ନ୍ୟାସ ସହିତ ଅନ୍ତର୍ଜାତୀୟ ଫୁଟବଲର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅନ୍ତ ଘଟିଛି। ତାଙ୍କ ନାମରେ ଥିବା ରେକର୍ଡ, ଟ୍ରଫି ଏବଂ ସ୍ମରଣୀୟ ପ୍ରଦର୍ଶନ ଆସନ୍ତା ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।

ମହିଳା ଟି-୨୦ ବିଶ୍ୱକପ୍

ଦର୍ଶକ ସଂଖ୍ୟାରେ ନୂଆ ରେକର୍ଡ

ଲଣ୍ଡନ,୫।୧୧(ଏଜେନ୍ସି): ନିକଟରେ ଶେଷ ହୋଇଥିବା ମହିଳା ଟି-୨୦ ବିଶ୍ୱକପ୍ ଦର୍ଶକରେ ନୂଆ ରେକର୍ଡ କରିଛି। ଏହି ପ୍ରତିଯୋଗିତାର ୩୩ଟି ମ୍ୟାଚକୁ ପ୍ରଶଂସକମାନେ ମୋଟ ୪୭.୧ କୋଟି ଘଣ୍ଟା ଦେଖିଛନ୍ତି। ଯାହା ମହିଳା ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ। ଗତ ସଂସ୍କରଣରେ ଏହି ସଂଖ୍ୟା ୧୮୪ ନିୟୁତ ଘଣ୍ଟା ଥିଲା। ଚଳିତ ବର୍ଷ ଏଥିରେ ୧୫୬ ପ୍ରତିଶତ ବଢ଼ିଛି। ଭାରତ-ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ସର୍ବାଧିକ ଲୋକ ଦେଖିଛନ୍ତି। ଏହି ମ୍ୟାଚକୁ ସାରା ବିଶ୍ୱରେ ୭୭ ନିୟୁତରୁ ଅଧିକ ଘଣ୍ଟା ଦେଖାଯାଇଛି। ଏହାବାଦ୍ ଭାରତର ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ମ୍ୟାଚକୁ ଯଥାକ୍ରମେ ୫୪, ୫୧ ଓ ୪୨ ନିୟୁତ ଘଣ୍ଟା ଦର୍ଶକ ଦେଖିଛନ୍ତି। ଆୟୋଜକ ଦେଶ ବ୍ରିଟେନରେ ମଧ୍ୟ ଏହି ବିଶ୍ୱକପ୍ ନୂଆ ରେକର୍ଡ କରିଛି।



ସ୍କାଏ ସ୍ପୋର୍ଟ୍ସରେ ମୋଟ ୧୮.୨ ନିୟୁତ ଘଣ୍ଟା ଦର୍ଶକ ମ୍ୟାଚ୍ ଦେଖିଥିଲେ। ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲରେ ଦର୍ଶକ ସଂଖ୍ୟା ୬ ଲକ୍ଷ ୭୮ ହଜାର ଛୁଇଁଥିଲା। ଏହି ପ୍ରତିଯୋଗିତାରୁ ବ୍ରିଟେନ୍ ୯୩.୮ ନିୟୁତ ଡଲାର (ପ୍ରାୟ ୮୮୫ କୋଟି) ଅର୍ଥରାଶି ଲାଭ କରିଛି। ଅନ୍ୟପକ୍ଷରେ, ପ୍ରତିଯୋଗିତାର ୨୫ ଦିନରେ ମୋଟ ୨ଲକ୍ଷ ୪୫ ହଜାର ୮୨୫ ଜଣ ଦର୍ଶକ ଷ୍ଟାଡିୟମରେ ମ୍ୟାଚ୍ ଦେଖିଥିଲେ। ଲର୍ଡସରେ ଖେଳାଯାଇଥିବା ଫାଇନାଲରେ ୨୮,୮୮୭ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତି ରହି ଏହାର ମଜା ନେଇଥିଲେ। ଏହା ମଧ୍ୟ ବ୍ରିଟେନରେ ମହିଳା କ୍ରିକେଟ୍ ମ୍ୟାଚରେ ସର୍ବାଧିକ ଦର୍ଶକର ରେକର୍ଡ କରିଛି। ଏହାବାଦ୍ ଆଇସିସିର ଡିଜିଟାଲ୍ ପ୍ଲାଟଫର୍ମରେ ମଧ୍ୟ ବିଶ୍ୱକପ୍ ସମ୍ପର୍କିତ ଭିଡିଓ ଓ ବିଷୟବସ୍ତୁ ୩୨୦ କୋଟି ଥର ଦେଖାଯାଇଛି। ଯାହା ୨୦୨୪ ତୁଳନାରେ ପ୍ରାୟ ୨୫୦ ପ୍ରତିଶତ ଅଧିକ।

ଯୁବ ଅଲିମ୍ପିକ୍ସ ବ୍ୟାଡମିଣ୍ଟନ୍: ଫାଇନାଲରେ ତନ୍ୱୀ

ଡାକାର,୫।୧୧(ଏଜେନ୍ସି): ଓଡ଼ିଆ ଝିଅ ତନ୍ୱୀ ପତ୍ରା ଏଠାରେ ଚାଲିଥିବା ଯୁବ ଅଲିମ୍ପିକ୍ସରେ ନୂଆ ଇତିହାସ ରଚିଛନ୍ତି। ତନ୍ୱୀ ପ୍ରଥମ ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ଭାବେ ଫାଇନାଲରେ ପହଞ୍ଚିବାର ଗୌରବ ଅର୍ଜନ କରିଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ମହିଳା ଏକକ ସେମିଫାଇନାଲରେ ୧୫ ବର୍ଷୀୟା ତନ୍ୱୀ ୨୧-୧୪, ୨୧-୨୧, ୨୧-୧୯ରେ ଜାପାନର ୟୁକୁନୋ ୱାତାନାବେଙ୍କୁ ପରାସ୍ତ କରିଥିଲେ।

ପୂର୍ବରୁ କେବଳ ୩ ଜଣ ଭାରତୀୟ ସଟଲର୍ ଏଚ୍ଏସ୍ ପ୍ରଣୟ, ଲକ୍ଷ୍ୟ ସେନ୍ ଓ ଆଦିତ୍ୟ ଯୋଶୀ କେବଳ ଯୁବ ଅଲିମ୍ପିକ୍ସ ବ୍ୟାଡମିଣ୍ଟନରସେମିଫାଇନାଲରେ ପହଞ୍ଚିଥିଲେ। ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଭାବେ ପ୍ରଣୟ ଓ ଲକ୍ଷ୍ୟ କେବଳ ପଦକ ଜିତିପାରିଛନ୍ତି। ପ୍ରଣୟ ୨୦୧୦ରେ ସିଙ୍ଗାପୁରରେ ଆୟୋଜିତ ପ୍ରଥମ ଯୁବ ଅଲିମ୍ପିକ୍ସରେ ଏବଂ ଲକ୍ଷ୍ୟ ୨୦୧୮ ବ୍ୟୁଏନସ୍ ଏରିଜରେ ରୌପ୍ୟ ପାଇଥିଲେ। ଏବେ ତନ୍ୱୀ ରୌପ୍ୟ ନିଶ୍ଚିତ କରିଥିଲେ ମଧ୍ୟ ସ୍ୱର୍ଣ୍ଣ ଆଶାରେ ରହିଛନ୍ତି। ସେ ସ୍ୱର୍ଣ୍ଣ ମୁକାବିଲାରେ ଚୀନ୍ର ୟି ଜିନ୍ ଝାଙ୍ଗଙ୍କୁ ଭେଟିବେ। ତନ୍ୱୀ ପ୍ରଥମ ଭାରତୀୟ ଭାବେ ଉଭୟ ୧୭ ଓ ୧୫ ବର୍ଷରୁ କମ୍ ଏସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଗୌରବ ଅର୍ଜନ କରିଛନ୍ତି।



କଣ୍ଟିଲୋ ପ୍ରିମିୟର: ଶତପଥି ଲାୟନସ ,ଅଶୋକା କିଙ୍ଗସ ବିଜୟୀ

କଣ୍ଟିଲୋ,୫।୧୧(ସବୁ୍ୟ): କଣ୍ଟିଲୋ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୬ତମ ଲିଗ ପର୍ଯ୍ୟାୟ ମ୍ୟାଚରେ ଶତପଥି ଲାୟନସ ଓ ୧୭ତମ ମ୍ୟାଚ ରେ ଅଶୋକା କିଙ୍ଗସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡ ରେ ପ୍ରବେଶ କରିଛନ୍ତି । ୧୩ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ଟସ ଜିତି ଶତପଥି ଲାୟନସ କ୍ଲବ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ବିନିମୟରେ ୧୫୩ରନ ସଂଗ୍ରହ କରିଥିଲା । ଜବାବରେ ବିକାଶ ୱାରିୟର୍ସ ୧୩ ଓଭରରେ ୯ ୱିକେଟ ହରାଇ ୧୧୦ରନ କରିପାରିଥିଲା । ଶତପଥି ଲାୟନସ ର ରିତୁ ଧଳ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ । ସେହିପରି ଦିତୀୟ ତଥା ୧୭ତମ ଲିଗ ମ୍ୟାଚ ରେ ଅଶୋକା କିଙ୍ଗସ ,ଦିପୁ କିଙ୍ଗସକୁ ୨୧ରନରେ ପରାସ୍ତ କରିଛି । ୧୪ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ପ୍ରଥମେ ବ୍ୟାଟିଂ ଅଶୋକା କିଙ୍ଗସ ଟିମ ୯ ୱିକେଟ ବିନିମୟରେ ୧୨୨ ରନ ସଂଗ୍ରହ କରିଥିଲା । ଜବାବରେ ଦିପୁ କିଙ୍ଗସ ୧୨. ୫ଓଭରରେ ୧୦୧ରନରେ ଅଲଆଉଟ ହୋଇଯାଇଥିଲା ବିଜୟୀ ଟିମର ସନ୍ତୋଷ ବେହେରା ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ ।

କଳାହାଣ୍ଡି ପ୍ରିମିୟର ଲିଗ ପାଇଁ ପ୍ରସ୍ତୁତି ବୈଠକ

ଜୁନାଗଡ଼,୫।୧୧(ସବୁ୍ୟ): କଳାହାଣ୍ଡି ଜିଲ୍ଲା ଜୁନାଗଡ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ କଳାହାଣ୍ଡି ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଖେଳାଳି ସମୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କଳାହାଣ୍ଡି ଜିଲ୍ଲାର କ୍ରିକେଟ ଖେଳାଳିଙ୍କୁ ନେଇ ଆଇପିଏଲ ଢାଞ୍ଚାରେ ଦିବା ରାତ୍ର ଖେଳ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଗଲା । ସଭାରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ହିମାଂଶୁ ଶେଖର ବାରାଡ, ଉପ ସଭାପତି ଭାବେ ସେଖ ଅର୍ଷଦ ତଥା ସନ୍ତୋଷ ନାୟକ,ସାଧାରଣ ସମ୍ପାଦକ ଭାବେ ସରୋଜ ପଣ୍ଡା, ସହ ସମ୍ପାଦକ ଶଙ୍କର ମାଝୀ ଓ ତନ୍ମୟ ବାଗ, କୋଷାଧ୍ୟକ୍ଷ ଭାବେ ମାନସ କୁମାର ସାହୁ, ଦିଲ୍ଲୀପ କୁମାର ପଣ୍ଡା, ପ୍ରଚାର ପ୍ରସାର ପାଇଁ ସନ୍ତୋଷ କୁମାର



ସିଦେଓ,ଅଂଶୁମାନ ପାତ୍ର,ରଜନୀ କାନ୍ତ ମିଶ୍ର ମନୋନୀତ ହେଇଛନ୍ତି । ଆସନ୍ତା ଡିସେମ୍ବର ୨ତାରିଖ ରୁ ପ୍ରଥମ ଥର ପାଇଁ ଜୁନାଗଡ ବିଜୁପଟ୍ଟନାୟକ ଷ୍ଟାଡିୟମ ଠାରେ କଳାହାଣ୍ଡି ପ୍ରିମିୟର ଲିଗ ଅନୁଷ୍ଠିତ ହେବ ।

ସ୍ପୋର୍ଟିଂ କ୍ଲବ ଗଣୁଆର ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋଇଡ଼ା, ୫।୧୧(ସବୁ୍ୟ): ସୁନ୍ଦରଗଡ ଜିଲ୍ଲା କୋଇଡ଼ା ବ୍ଲକ ଅନ୍ତର୍ଗତ ମାଲଦା ପଞ୍ଚାୟତର ଗଣୁଆ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗଣୁଆ ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରିଣୀ ରଶ୍ମିରେଖା ପାତ୍ର , ମାଲଦା ସରପଞ୍ଚ ସୁରୁବାଲି ପାତ୍ର ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ୦୬ ତାରିଖରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ । ଚାମ୍ପିଅନ ଦଳକୁ ୨ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୧ ଲକ୍ଷ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ସେହିପରି ସେମିଫାଇନାଲରେ ପରାଜିତ ହୋଇଥିବା ଦୁଇଟି ଦଳକୁ ଯଥାକ୍ରମେ ୬୦ ହଜାର ଓ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ଏଥିସହ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଶ୍ରେଷ୍ଠ ଡିଫେଣ୍ଡର ଓ ଶ୍ରେଷ୍ଠ ଗୋଲକିପରଙ୍କୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ । ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସ୍ପୋର୍ଟିଂ କ୍ଲବର ସଭାପତି ତପନ କୁମାର ପାତ୍ର, ଉପସଭାପତି ଦିବାକର ନାଏକ, ସମ୍ପାଦକ ରଞ୍ଜିତ ନାଏକ, କୋଷାଧ୍ୟକ୍ଷ ଟିକେଶ୍ୱର ପାତ୍ରଙ୍କ ସମେତ ବିଜୟ କୁମାର ପାତ୍ର, ଯୋଗେଶ୍ୱର ପାତ୍ର, ବାଦଲ ବାରିକ ଓ ଦିଲ୍ଲିପ ମହାକୁଡ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଭାଷ୍ୟକାର ଭାବେ କ୍ଷୀରୋଦ ଗିରି, ବୁଲବୁଲ ଆପଟ, ଘନ ମହାନ୍ତ ଓ ଗଣେଶ ମହାକୁଡ ଉପସ୍ଥିତ ରହି ମଞ୍ଚ ପରିଚାଳନା କରିଥିଲେ ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି